EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୨ | ସଂଖ୍ୟା-୩୭ | ୨୪ - ୩୦ ସେପ୍ଟେମ୍ବର, ୨୦୧୮ | ଭୁବନେଶ୍ୱର | Monday Weekly | VOL-2 | ISSUE-37 | 24th - 30th SEPTEMBER, 2018 | BHUBANESWAR | ₹ 5/- (8 Pages)



"ପୂର୍ବଭାରତର ଉନ୍ନତି ବିନା
ଭାରତର ବିକାଶ ଅସମ୍ପୂର୍ଣ୍ଣ।"

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ରସାୟନ ଏବଂ ସାର ମନ୍ତ୍ରଣାଳୟ
ଭାରତ ସରକାର

## ପୂର୍ବୋଦୟରୁ ନୂଆ ଭାରତର ହେବ ଉଦୟ

## ସାର କ୍ଷେତ୍ରରେ ଦେଶର ଆତ୍ମନିର୍ଭରଶୀଳତା ଏବଂ ଓଡ଼ିଶାର ସମୃଦ୍ଧି ଦିଗରେ

## ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ

**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

**ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍**
(ଗେଲ୍, ସିଆଇଏଲ୍, ଆର୍‌ସିଏଫ୍ ଏବଂ ଏଫ୍‌ସିଆଇଏଲ୍‌ର ସଂଯୁକ୍ତ ଉଦ୍ୟମ)

**ତାଳଚେର ସ୍ଥିତ
କୋଇଲାରୁ ଗ୍ୟାସ୍ ଆଧାରିତ ସାର କାରଖାନା ପାଇଁ**

## ଶୁଭ କାର୍ଯ୍ୟାରମ୍ଭ

### ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍‌ର ବିଶେଷତ୍ୱ

- ଦେଶର ପ୍ରଥମ କୋଇଲାରୁ ଗ୍ୟାସ୍ ଆଧାରିତ ସାର କାରଖାନା - ଭାରତୀୟ ଅର୍ଥନୀତି ପାଇଁ ଯୁଗ ପରିବର୍ତ୍ତନକାରୀ
- ମାତ୍ରାଧିକ ପାଉଁଶଯୁକ୍ତ ଭାରତୀୟ କୋଇଲାର ସୁପରିଚାଳନା ପାଇଁ ପେଟ୍‌କୋକ୍ ବ୍ଲେଣ୍ଡିଂ ସମ୍ବଳିତ ପ୍ରକଳ୍ପ
- ପରିତ୍ୟକ୍ତ ଭାବରେ ଉପଲବ୍ଧ ଘରୋଇ କୋଇଲାକୁ ପରିବେଶ ଅନୁକୂଳ ଭାବରେ ବିକଳ୍ପ ବ୍ୟବହାରକୁ ପ୍ରୋତ୍ସାହନଦାୟୀ ଯୁଗାନ୍ତକାରୀ ପ୍ରକଳ୍ପ
- ୧୩୦୦୦ କୋଟି ଟଙ୍କା ପୁଞ୍ଜି ନିବେଶରେ ବାର୍ଷିକ ୧.୨୭ ମିଲିୟନ୍ ମେଟ୍ରିକ୍ ଟନ୍ ୟୁରିଆ ଉତ୍ପାଦନ କ୍ଷମତା
- ବାର୍ଷିକ ୧୬୨୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ତରଳୀକୃତ ପ୍ରାକୃତିକ ଗ୍ୟାସ୍ (ଏଲ୍‌ଏନ୍‌ଜି) ଆମଦାନୀ ଦେୟ ହ୍ରାସ
- କୃଷକମାନଙ୍କ ପାଇଁ ଅଧିକ ୟୁରିଆ ଉପଲବ୍ଧକାରୀ
- ପ୍ରାୟ ୪୫୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି

### ଗରିମାମୟ ଉପସ୍ଥିତି

**ପ୍ରଫେସର ଗଣେଶୀ ଲାଲ**
ରାଜ୍ୟପାଳ, ଓଡ଼ିଶା

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅନନ୍ତ କୁମାର**
କେନ୍ଦ୍ର ରସାୟନ ଓ ସାର ତଥା ସଂସଦୀୟ କାର୍ଯ୍ୟ ମନ୍ତ୍ରୀ

**ଜୁଏଲ୍ ଓରାମ୍**
କେନ୍ଦ୍ର ଜନଜାତୀୟ ବ୍ୟାପାର ମନ୍ତ୍ରୀ

**ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ

**ପିୟୁଷ ଗୋଏଲ**
କେନ୍ଦ୍ର ରେଳବାଇ ଏବଂ କୋଇଲା ମନ୍ତ୍ରୀ

**ତଥାଗତ ସତପଥୀ**
ସାଂସଦ, ଢେଙ୍କାନାଳ

**ବ୍ରଜ କିଶୋର ପ୍ରଧାନ**
ବିଧାୟକ, ତାଳଚେର

**ଶନିବାର, ୨୨ ସେପ୍ଟେମ୍ବର ୨୦୧୮, ପ୍ରାତଃ ୯ ଘଣ୍ଟା ୩୦ ମିନିଟ୍
ତାଳଚେର ଫର୍ଟିଲାଇଜର୍ସ ଲିମିଟେଡ୍, ତାଳଚେର, ଓଡ଼ିଶା**



# ରିଏଲ୍ ଇଷ୍ଟେଟ୍‌ରେ ଲାଗୁଛି ନକ୍ସଲଙ୍କ ବଟି

**ନୂଆଦିଲ୍ଲୀ :** ଠିକାଦାର, ଖଣିମାଲିକ, ବଡ଼ ବ୍ୟବସାୟୀଙ୍କଠାରୁ ଜୋରଜବରଦସ୍ତ ବଟି ଆଦାୟ କରି ନକ୍ସଲମାନେ ସେଗୁଡ଼ିକୁ ରିଏଲ୍ ଇଷ୍ଟେଟ୍ ଧନ୍ଦାରେ ଖଟାଉଥିବା ସ୍ପଷ୍ଟ କରିଛି ଏନ୍‌ଆଇଏ ରିପୋର୍ଟ। ଏହି ବଟି ଟଙ୍କା ବିଶ୍ୱାସୀ ନକ୍ସଲ ନେତାଙ୍କ ଜରିଆରେ ରିଏଲ୍ ଇଷ୍ଟେଟ୍ ସଂସ୍ଥାକୁ ଯାଇଥାଏ। ରିଏଲ୍ ଇଷ୍ଟେଟ୍ ବ୍ୟବସାୟୀ ଉକ୍ତ ଟଙ୍କା ଉପଯୋଗ କରି ଆବଶ୍ୟକ ସମୟରେ ନକ୍ସଲଙ୍କୁ ସମୂଳସୁଧ ଫେରାଇଥାନ୍ତି। ନକ୍ସଲଙ୍କ ପାଣ୍ଠି ପ୍ରଭାବଶାଳୀ ନକ୍ସଲନେତାଙ୍କ ପିଲାମାନଙ୍କ ଉଚ୍ଚଶିକ୍ଷାରେ ବ୍ୟବହାର କରାଯାଉଥିବା ରିପୋର୍ଟରେ ଉଲ୍ଲେଖ ଅଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ନିର୍ଭରଯୋଗ୍ୟ ଟିମ୍ ଗଠନ କରାଯାଇ ନକ୍ସଲଙ୍କ ୧୨୫ କୋଟି ଟଙ୍କାର ପାଣ୍ଠି ସଂଗ୍ରହ ଓ ବିନିଯୋଗ ସମ୍ପର୍କିତ ରିପୋର୍ଟ ପ୍ରସ୍ତୁତ ଦାୟିତ୍ୱ ଦିଆଯାଇଥିଲା। ନକ୍ସଲମାନେ ସମାଜରେ ପ୍ରଭାବଶାଳୀ ଲୋକଙ୍କଠାରୁ ମୋଟା ଅଙ୍କର ଟଙ୍କା ଆଦାୟ କରିଥାନ୍ତି। ବିଶେଷ କରି ନକ୍ସଲ ଉପଦ୍ରୁତ ଅଞ୍ଚଳରେ ବଡ଼ ବ୍ୟବସାୟୀ, ଠିକାଦାର, ଧନୀଲୋକଙ୍କଠାରୁ ନିରାପତ୍ତା ବଟି ଆଳରେ ପାଣ୍ଠି ଗଠନ କରି ତାହାକୁ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରିଥାନ୍ତି। ୨୦୧୬ ନଭେମ୍ବରରେ ଝାଡ଼ଖଣ୍ଡ ପୁଲିସ ଗୋଟିଏ ମାମଲା ରୁଜୁ କରିଥିଲା। ପରେ ଚଳିତବର୍ଷ ଏନ୍‌ଆଇଏ ନକ୍ସଲଙ୍କ ପାଣ୍ଠି ସଂଗ୍ରହ ଓ ବିନିଯୋଗ ଉପରେ ବଳିଷ୍ଠ ସୁରାକ୍ ପାଇଥିଲା। ଏନ୍‌ଆଇଏ ରିପୋର୍ଟ ଅନୁସାରେ ନକ୍ସଲମାନେ ବଟି ଟଙ୍କାକୁ ଏକ ଜାଲ୍ ସଂସ୍ଥା ନାମରେ ବ୍ୟାଙ୍କରେ ଜମା କରାଯାଇଥାଏ। ପରେ ତାହା ନକ୍ସଲ ନେତାଙ୍କ ପରିବାର ଲୋକଙ୍କ ବ୍ୟାଙ୍କ ଜମାଖାତାକୁ ପଠାଯାଇଥାଏ। ଝାଡ଼ଖଣ୍ଡର ପୂର୍ବତନ ବିଧାୟକ ରମେଶ ସିଂହ ମୁଣ୍ଡାଙ୍କ ହତ୍ୟା ମାମଲାର ତଦନ୍ତ ସମୟରେ ଏନ୍‌ଆଇଏ ଏହିସବୁ ତଥ୍ୟ ସଂଗ୍ରହ କରିଛି। ବିଧାୟକ ମୁଣ୍ଡାଙ୍କୁ ହତ୍ୟା କରି ତାଙ୍କ ବିରୋଧୀଙ୍କଠାରୁ ୫ କୋଟି ଟଙ୍କା ପାଇଥିଲେ। ୨୦୦୮ରେ ଗୋଟିଏ ଟଙ୍କା ଭ୍ୟାନ୍ ଲୁଟିଥିଲେ। ଲୁଟ୍ ଅର୍ଥକୁ ନକ୍ସଲଙ୍କ ବିଭିନ୍ନ ପ୍ଲାଟୁନକୁ ମାସିକ ଖର୍ଚ୍ଚ ଆକାରରେ ବିତରଣ କରିଥିଲେ। ବଟି ଟଙ୍କାରେ ସେମାନେ ଗୋଟିଏ ଭ୍ୟାନ୍ କିଣିଥିଲେ। ଆଉ ଏକ ଘଟଣାରେ ନକ୍ସଲଙ୍କ ଛାମୁଆ ସଂଗଠନ 'ତୃତୀୟ ପ୍ରସ୍ତୁତି ରାଜ୍ୟ କମିଟି' କୋଇଲା ବେପାରୀଙ୍କଠାରୁ ବଟି ଆଦାୟ କରିଥିଲା। ପ୍ରତି ଟନ୍ କୋଇଲା ପିଛା ଛାମୁଆ ସଂଗଠନ ୪୦ ଟଙ୍କା ଆକାରରେ ଆଦାୟ କରାଯାଏ। ଏହି ଛାମୁଆ ସଂଗଠନର ନେତାମାନେ ବଟି ଟଙ୍କାକୁ ରିଏଲ୍ ଇଷ୍ଟେଟ୍ କ୍ଷେତ୍ରରେ ବିନିଯୋଗ କରିଥାନ୍ତି। ଜଣାପଡ଼ିଛି ଯେ ନକ୍ସଲନେତା ସୁଧାକର ଓ ମାଧବୀ ଝାଡ଼ଖଣ୍ଡରୁ ଠିକାଦାରଙ୍କ ଜରିଆରେ ହାଇଦ୍ରାବାଦରେ ରହୁଥିବା ପରିବାର ଲୋକଙ୍କ ପାଖକୁ ବଟିଟଙ୍କା ପଠାଉଥିଲେ। ଝାଡ଼ଖଣ୍ଡର ପାରସନାଥ ପାହାଡ଼ ଅନ୍ତର୍ଗତ ଘଞ୍ଚ ଜଙ୍ଗଲ ଓ ଲାଲୁ ପାହାଡ଼ ନିକଟରେ ଚାନ୍ଦା ଅର୍ଥ ଓ ବିସ୍ଫୋରକ ଦ୍ରବ୍ୟମାନ ଲୁଚାଇ ରଖୁଥିବାର ତଥ୍ୟ ରିପୋର୍ଟରେ ସ୍ଥାନ ପାଇଛି।

## ୨ ସ୍ୟାଟେଲାଇଟ୍ ପରୀକ୍ଷଣ ସଫଳ

**ବେଙ୍ଗାଲୁରୁ :** ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ବ୍ରିଟେନ୍‌ର ୨ଟି ସ୍ୟାଟେଲାଇଟ୍ (କୃତ୍ରିମ ଉପଗ୍ରହ)କୁ ସଫଳତାର ସହ ଉତ୍‌କ୍ଷେପଣ କରାଯାଇଛି। ଶ୍ରୀହରିକୋଟାର ସତୀଶ ଧାବନ୍ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚପ୍ୟାଡ୍‌ରୁ ନିର୍ଦ୍ଧାରିତ ସମୟ ରାତି ୧୦.୦୮ରେ ପିଏସ୍‌ଏଲ୍‌ଭି-ସି୪୨ (ପୋଲାର୍ ସ୍ୟାଟେଲାଇଟ୍ ଲଞ୍ଚ୍ ଭେହିକିଲ୍) ଯୋଗେ 'ନୋଭାସାର୍' ଓ 'ଏସ୍୧-୪' ସ୍ୟାଟେଲାଇଟ୍ ମହାକାଶକୁ ପଠାଯାଇଛି। ଏହି ଉତ୍‌କ୍ଷେପଣ ସଫଳ ହୋଇଛି ବୋଲି ଇସ୍ରୋର ଅଧିକାରୀମାନେ କହିଛନ୍ତି। ଏହି ଦୁଇ ସ୍ୟାଟେଲାଇଟ୍‌କୁ ଭୂପୃଷ୍ଠରୁ ୫୮୩ କିମି ଦୂର ସନ୍ ସିଙ୍କ୍ରୋନସ୍ କକ୍ଷପଥରେ ସ୍ଥାପନ କରାଯାଇଛି। ନୋଭାସାର୍ ସ୍ୟାଟେଲାଇଟ୍ ଯୋଗେ ପୃଥିବୀର ଜଙ୍ଗଲ, ବ୍ୟବହୃତ ଜମି ଓ ବରଫାଚ୍ଛନ୍ନ ଅଞ୍ଚଳର ତଥ୍ୟ ସଂଗ୍ରହ କରାଯିବ ଏବଂ ବନ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ନେଇ ଅନୁଧ୍ୟାନ ହେବ। ଏସ୍୧-୪ ସ୍ୟାଟେଲାଇଟ୍ ଜରିଆରେ ପୃଥିବୀର ସମ୍ବଳ ସମ୍ପର୍କରେ ସର୍ଭେ କରାଯିବା ସହ ପରିବେଶ, ସହରାଞ୍ଚଳ ପରିଚାଳନା ଓ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଅନୁଧ୍ୟାନ କରାଯିବ। ଏହି ୨ଟି ସ୍ୟାଟେଲାଇଟ୍‌ର ମୋଟ ଓଜନ ୮୮୯ କିଗ୍ରା। ନୋଭାସାର୍ ସ୍ୟାଟେଲାଇଟ୍‌ର ଦିନ ରାତି ପର୍ଯ୍ୟବେକ୍ଷଣ କ୍ଷମତା ରହିଛି। ଇସ୍ରୋ ୫ ମାସ ଧରି ସ୍ୟାଟେଲାଇଟ୍ ଉତ୍‌କ୍ଷେପଣ କାର୍ଯ୍ୟ ବନ୍ଦ ରଖିବା ପରେ ଚଳିତ ବର୍ଷର ପ୍ରଥମ ସମ୍ପୂର୍ଣ୍ଣ ବ୍ୟବସାୟିକ ଲଞ୍ଚ୍ କରିଛି। ଉଲ୍ଲେଖଯୋଗ୍ୟ ଯେ, ପିଏସ୍‌ଏଲ୍‌ଭି-ସି୪୧ ଯୋଗେ ଉତ୍‌କ୍ଷେପଣ ହୋଇଥିବା ନାଭିଗେସନ୍ ସ୍ୟାଟେଲାଇଟ୍ ଆଇଆର୍‌ଏନ୍‌ଏସ୍‌ଏସ୍-୨ରେ ସାମାନ୍ୟ ତ୍ରୁଟି ଦେଖାଯିବା ଏବଂ ତାହା ସୁଧାରିବା ପରେ ଇସ୍ରୋ ଏପ୍ରିଲ୍ ୧୨ରୁ ଉତ୍‌କ୍ଷେପଣ କାର୍ଯ୍ୟ ବନ୍ଦ ରଖିଥିଲା। ଏହି ସ୍ୟାଟେଲାଇଟ୍ ୨ଟିକୁ ବ୍ରିଟେନ୍‌ର ସରେ ସ୍ୟାଟେଲାଇଟ୍ ଟେକ୍ନୋଲୋଜି ଲିମିଟେଡ୍ ନିର୍ମାଣ କରିଛି। ତେବେ ଏହାକୁ ଇସ୍ରୋ ସଫଳତାର ସହ ଉତ୍‌କ୍ଷେପଣ କରିବା ଦ୍ୱାରା ୨୦୦ କୋଟି ଟଙ୍କା ପାଇବ ବୋଲି ଭାରତର ମୁଖ୍ୟ ରକେଟ୍ ଲ୍ୟାବ୍‌ରେ କାର୍ଯ୍ୟ କରୁଥିବା ଜନୈକ ଅଧିକାରୀ କହିଛନ୍ତି।

## ଭାରତର ଆତଙ୍କବାଦ ବିଲୋପ ପ୍ରକ୍ରିୟାକୁ ଆମେରିକାର ପ୍ରଶଂସା

**ୱାଶିଂଟନ୍ :** ଆମେରିକା କଂଗ୍ରେସରେ ଆତଙ୍କବାଦ ବିରୋଧି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଉପସ୍ଥାପନ କରି ଆମେରିକାର ସ୍ୱରାଷ୍ଟ୍ର ବିଭାଗ ଭାରତ ସରକାରଙ୍କ ଆତଙ୍କବାଦ ବିଲୋପ କାର୍ଯ୍ୟାନୁଷ୍ଠାନକୁ ତାରିଫ୍ କରିଛି। ଯୁକ୍ତରାଷ୍ଟ୍ର ଆମେରିକା ଓ ସମଭାବାପନ୍ନ ଦେଶ ସହ ହାତ ମିଳାଇ ଭାରତ ବିଶ୍ୱପୃଷ୍ଠରୁ ଆତଙ୍କବାଦ ଲୋପ ଅଭିଯାନରେ ସାମିଲ ହେବାକୁ ରାଜି ଅଛି ବୋଲି ରିପୋର୍ଟରେ ଉଲ୍ଲେଖ ଅଛି। ୨୦୧୭ରେ ଭାରତର ଜମ୍ମୁ-କଶ୍ମୀର, ଉତ୍ତର-ପୂର୍ବ ଭାରତରେ ଆତଙ୍କବାଦୀ ସଂଗଠନ, କେନ୍ଦ୍ର ଭାରତର କେତେକ ଅଞ୍ଚଳରେ ମାଓବାଦୀଙ୍କ ରକ୍ତମୁଖା ଆକ୍ରମଣ ଜୋରଦାର ହୋଇଛି। ସୀମାପାର ଆତଙ୍କବାଦ ପାଇଁ ଭାରତ ପାକିସ୍ତାନକୁ ଦାୟୀ କରିଆସୁଛି। ଦୀର୍ଘଦିନ ଧରି ଭାରତ ମାଓବାଦୀ ଓ ଆତଙ୍କବାଦୀ ସଂଗଠନକୁ ମୁକାବିଲା କରିଆସୁଛି। ଏହାବ୍ୟତୀତ ରିପୋର୍ଟରେ ଭାରତୀୟ ସେନାର ସୀମା ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ତାରିଫ କରାଯାଇଛି। ଭାରତ ଓ ଆମେରିକା ମିଳିତ ଭାବେ ଅଲ-କାଏଦା, ଜୈସ-ଇ-ମହମ୍ମଦ, ଲସ୍କର-ଇତୋଏବା, ଆଇଏସ୍ ଓ ଡି' କମ୍ପାନୀର ଆତଙ୍କବାଦୀ କାର୍ଯ୍ୟକଳାପର କଡ଼ା ମୁକାବିଲା କରିବେ।

# ପାକିସ୍ତାନ ସହ ଆଲୋଚନା ରଦ୍ଦ କଲା ଭାରତ



**ନୂଆଦିଲ୍ଲୀ :** ଆସନ୍ତା ସପ୍ତାହରେ ଆମେରିକାରେ ଭାରତ ଓ ପାକିସ୍ତାନର ବୈଦେଶିକ ମନ୍ତ୍ରୀଙ୍କ ସାକ୍ଷାତ ଆଲୋଚନା ହେବ ବୋଲି ନୂଆଦିଲ୍ଲୀ ଘୋଷଣା କରିବାର ୨୪ ଘଣ୍ଟା ପରେ ନିଷ୍ପତ୍ତି ବଦଳାଇଛି। ଏହି ପ୍ରସ୍ତାବିତ ଆଲୋଚନାକୁ ଭାରତ ରଦ୍ଦକଲା ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଆଜି କୁହାଯାଇଛି। ଜମ୍ମୁ-କଶ୍ମୀରରେ ୩ ଜଣ ପୁଲିସ କର୍ମଚାରୀଙ୍କୁ ଆତଙ୍କବାଦୀଙ୍କ ଅପହରଣ ଓ ହତ୍ୟା ଏବଂ କଶ୍ମୀର ଆତଙ୍କୀଙ୍କୁ ସହିଦ ଆଖ୍ୟାଦେଇ ସେମାନଙ୍କ ଉଦ୍ଦେଶ୍ୟରେ ସ୍ମାରକୀ ଡାକ ଟିକଟ ପ୍ରକାଶ କରାଯିବା ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମୁଖା ଖୋଲିଦେଇଥିବା ଦର୍ଶାଇ ଭାରତ ଏଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ସପ୍ତାହରେ ଜାତିସଂଘ ସାଧାରଣ ଅଧିବେଶନ ଅବସରରେ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ପାକ୍ ପ୍ରତିପକ୍ଷ ଶାହ ମେହମୁଦ୍ କ୍ୟୁରେସିଙ୍କ ସହ ଭେଟ ପାଇଁ ନୂଆଦିଲ୍ଲୀ ଗତକାଲି ସମ୍ମତି ଜଣାଇଥିଲା। ଭାରତ ତା'ର ଏହି ନିଷ୍ପତ୍ତି ବଦଳାଇବା ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି, ଦୁଇ ଦେଶର ବୈଦେଶିକ ମନ୍ତ୍ରୀଙ୍କ ଭେଟ ପାଇଁ ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କ ଚିଠି ଅନୁଯାୟୀ ଭାରତ ରାଜି ହୋଇଥିଲା। ଦୁଇ ଦେଶ ସମ୍ପର୍କରେ ସକାରାତ୍ମକ ଉନ୍ନତି ଘଟିବ ବୋଲି ପାକ୍‌ର ନୂଆ ପ୍ରଧାନମନ୍ତ୍ରୀଙ୍କ ଚିଠିରୁ ଜଣା ପଡୁଥିଲା। ଆତଙ୍କବାଦ ପ୍ରସଙ୍ଗରେ ନୂଆ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ଆଭାସ ମିଳୁଥିଲା। କିନ୍ତୁ ସଦ୍ୟ ଘଟଣାକ୍ରମରୁ ପାକିସ୍ତାନର ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଇଛି। ଏଭଳି ପରିସ୍ଥିତିରେ ପାକିସ୍ତାନ ସହ କୌଣସି ପ୍ରକାର ଆଲୋଚନା ନିରର୍ଥକ। ଭାରତର ଏହି ନିଷ୍ପତ୍ତିରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ କ୍ୟୁରେସି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଭାରତର ଏହା 'ବିଭେଦ ନୀତି' ଏବଂ ହିନ୍ଦୁସ୍ଥାନ ସମ୍ପର୍କ ବୃଦ୍ଧି ଚାହୁଁନାହିଁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ଭାରତ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ଏଥିରୁ ଜଣାପଡୁଛି। ଦୀର୍ଘ ଦଶନ୍ଧି ଧରି ଜଟିଳ ଅବସ୍ଥାରେ ଥିବା ବିବାଦଗୁଡ଼ିକର ସମାଧାନ ଦରକାର ପଡୁଛି। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଓ କ୍ୟୁରେସିଙ୍କ ମଧ୍ୟରେ ନ୍ୟୁୟର୍କରେ ଭେଟହେବ ବୋଲି କହିଥିଲେ। ତେବେ ଏହାକୁ ଦୁଇ ଦେଶ ମଧ୍ୟରେ 'କଥାବାର୍ତ୍ତା' (ଡାଇଲଗ୍) ଭାବେ ବିଚାର କରାଯିବ ନାହିଁ। ଯେପର୍ଯ୍ୟନ୍ତ ପାକିସ୍ତାନ ଆତଙ୍କବାଦୀଙ୍କୁ ସାହାଯ୍ୟ ସମର୍ଥନ ଦେବାରୁ ନିବୃତ୍ତ ନ ରହିଛି, ସେପର୍ଯ୍ୟନ୍ତ ତା' ସହ ଫଳପ୍ରଦ କଥାବାର୍ତ୍ତା ସମ୍ଭବ ନୁହେଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

# ଲୋକପ୍ରିୟତା ହରାଉଛି ଆମେରିକା



**ୱାଶିଂଟନ୍ :** ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାଇଁ ବୁମେରାଂ ସାବ୍ୟସ୍ତ ହୋଇଛି ସାରା ବିଶ୍ୱକୁ ଆପଣା ଇଙ୍ଗିତରେ ନଚାଇବାର ହୀନ ଉଦ୍ଦେଶ୍ୟ। ବିଶ୍ୱର ବହୁ ଗରିବ ଦେଶ ପାଇଁ ଭଗବାନ ସାଜିଥିବା ଯୁକ୍ତରାଷ୍ଟ୍ର ଆମେରିକା ଟ୍ରମ୍ପଙ୍କ ଅମଳରେ ଲୋକପ୍ରିୟତା ହରାଉଛି। ମହାଦାନୀ ଯୁକ୍ତରାଷ୍ଟ୍ର ଆମେରିକାର ଉଦାର ଭାବମୂର୍ତ୍ତି କ୍ରମେ ମଳିନ ପଡ଼ିଆସୁଛି ବୋଲି ବିଶ୍ୱ ଦରବାରରେ ଆଲୋଚନା ଚାଲିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ୟୁରୋପୀୟ ଶକ୍ତିଙ୍କ ସହ ହାତ ମିଳାଇ ଯୁକ୍ତରାଷ୍ଟ୍ର ଆମେରିକା ମହାଶକ୍ତି ମାନ୍ୟତା ପାଇଥିଲା। ଗଣତନ୍ତ୍ରର ସୁରକ୍ଷା, ମାନବିକ ଅଧିକାର ସୁରକ୍ଷା ଓ ମୁକ୍ତ ବାଣିଜ୍ୟ ନୀତିକୁ ସର୍ବବ୍ୟାପୀ କରାଇ ଯୁକ୍ତରାଷ୍ଟ୍ର ଆମେରିକା ସଫଳତାର ଶୀର୍ଷରେ ପହଞ୍ଚିଛି। ଏହି ଆସନରେ ବସିବା ପାଇଁ ଆମେରିକାକୁ ଦଶନ୍ଧି ଦଶନ୍ଧି ଧରି କଡ଼ା ମେହେନତ କରିବାକୁ ପଡ଼ିଛି। ହେଲେ ଟ୍ରମ୍ପଙ୍କ ହାମବଡ଼ା ନୀତି ଆମେରିକାର ମର୍ଯ୍ୟାଦା ଉପରେ ଆଞ୍ଚ ଆଣିଛି। ବିଶ୍ୱ ଅର୍ଥନୀତିକୁ କ୍ଷତିଗ୍ରସ୍ତ କରି ଟ୍ରମ୍ପ ଯୁକ୍ତରାଷ୍ଟ୍ର ଆମେରିକାର ଅର୍ଥନୀତିକୁ ସଜାଡ଼ିବାକୁ ଚେଷ୍ଟା କରୁଛନ୍ତି। ମିଳିତ ଜାତିସଂଘକୁ ନିୟନ୍ତ୍ରଣ କରୁଥିବା ରାଷ୍ଟ୍ରପତି ଟ୍ରମ୍ପ ଅଣବିକଶିତ, ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଆର୍ଥିକ ପ୍ୟାକେଜ ଦେବାକୁ ମନା କରି ଦେଉଛନ୍ତି। ଟ୍ରମ୍ପଙ୍କ ମତରେ ବର୍ଷ ବର୍ଷ ଧରି ଅନ୍ୟାନ୍ୟ ଦେଶକୁ ଆର୍ଥିକ ସାହାଯ୍ୟ କରିବା ଫଳରେ ଆମେରିକାର ରାଜକୋଷ ଶୂନ୍ୟ ହେବାକୁ ବସିଲାଣି। ଏଣିକି ଆର୍ଥିକ ପ୍ୟାକେଜ ପ୍ରଦାନ ବନ୍ଦ ହେବା ଦରକାର। ଗରିବ ଓ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଆପଣା ଗୋଡ଼ରେ ଠିଆ ହେବାକୁ ଉଦ୍ୟମ କରନ୍ତୁ। ହଠାତ ଏପରି ପଦକ୍ଷେପ ଗ୍ରହଣ କରିବା ଆମେରିକା ପକ୍ଷେ ଠିକ୍ ହୋଇନାହିଁ ବୋଲି ବହୁ ଆନ୍ତର୍ଜାତିକ ଗଣମାଧ୍ୟମ ମତବ୍ୟକ୍ତ କରିଛନ୍ତି। ନିର୍ବାଚନ ସମୟରୁ ଟ୍ରମ୍ପ ବିଶ୍ୱ ଅର୍ଥନୀତିକୁ କଡ଼ା ସମାଲୋଚନା କରିଆସୁଥିଲେ। କ୍ଷମତାକୁ ଆସିବା ପରେ ଟ୍ରମ୍ପ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ପ୍ୟାରିସ ରାଜିନାମାକୁ ଅସ୍ୱୀକାର କଲେ। ପରେ ପରେ ବିଶ୍ୱ ବାଣିଜ୍ୟ ସଂଗଠନର ନିୟମାବଳୀ ଉଲ୍ଲଙ୍ଘନ କରି ନାଟୋ କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠାଇଲେ। ରୁଷିଆ, ଚୀନ ପରି ରାଷ୍ଟ୍ରଙ୍କର ସାମରିକ ଶକ୍ତିବୃଦ୍ଧିରେ ବାଦ ସାଧିଲେ। ସାରା ବିଶ୍ୱରେ ଏକଚାଟିଆ ବାଣିଜ୍ୟ ଚଳାଇବାକୁ ଅଣ୍ଟା ଭିଡ଼ିଲେ। ଏତେସବୁ ନକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ପରେ ମଧ ଟ୍ରମ୍ପଙ୍କ ସମର୍ଥକମାନେ ତାଙ୍କ ଉପରେ ଗଭୀର ଆସ୍ଥା ପ୍ରକଟ କରୁଛନ୍ତି।

## ହୋଇପାରୁନି ଫଇସଲା : ପଡିରହିଛି ୨.୫ କୋଟି ମାମଲା

**ନୂଆଦିଲ୍ଲୀ :** ଦେଶରେ ନ୍ୟାୟାଳୟଗୁଡ଼ିକରେ ବର୍ଷ ବର୍ଷ ଧରି ଫୈସଲା ନ ହୋଇ ପଡ଼ିରହିଛି ଅଢ଼େଇ କୋଟି ମାମଲା। ନିମ୍ନ ଅଦାଲତଗୁଡ଼ିକରେ ଏହି ସବୁ ମାମଲା ବିଚାରାଧୀନ ରହିଛି। ଏପରିକି ୧୦ ବର୍ଷର ପୁରୁଣା ମାମଲା ଏପର୍ଯ୍ୟନ୍ତ ଫୈସଲା ହୋଇପାରିନାହିଁ। ଏପରି ମାମଲାର ସଂଖ୍ୟା ୨୨ ଲକ୍ଷରୁ ଅଧିକ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ନିମ୍ନ ଅଦାଲତଗୁଡ଼ିକରେ ଫୈସଲା ନ ହୋଇ ପଡ଼ିରହିଥିବା ମୋଟ୍ ଅଢ଼େଇ କୋଟି ମାମଲାର ୮.୨୯% ହେଉଛି ୧୦ ବର୍ଷରୁ ଅଧିକ ପୁରୁଣା ମାମଲା। ଜାତୀୟ ବିଚାର ବିଭାଗୀୟ ଡାଟା ଗ୍ରୀଡ୍ ଅନୁଯାୟୀ ସେପ୍ଟେମ୍ବର ୧୭ ସୁଦ୍ଧା ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ପଡ଼ିରହିଥିବା ପୁରୁଣା ମାମଲାର ସଂଖ୍ୟା ୨୨,୯୦,୩୬୪। ସେଥିରୁ ୫.୯୭ ଲକ୍ଷ ଦେୱାନୀ ଏବଂ ୧୬.୯୨ ଲକ୍ଷ ଫୌଜଦାରୀ ମାମଲା। ଦେୱାନୀ ମାମଲା ସାଧାରଣତଃ ବ୍ୟକ୍ତିବିଶେଷ କିମ୍ବା ସଂସ୍ଥା ମଧ୍ୟରେ ସମ୍ପତ୍ତିବାଡ଼ି ଓ ଅନ୍ୟ ବିବାଦରୁ ହୋଇଥାଏ। ଫୌଜଦାରୀ ମାମଲା ସମାଜ ପାଇଁ କ୍ଷତିକାରକ ଏବଂ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ସେଥିପାଇଁ ଏହି ମାମଲାଗୁଡ଼ିକର ଆଶୁ ସମାଧାନ ଦରକାର। ସୁପ୍ରିମକୋର୍ଟଙ୍କ ଇ-କମିଟି ନ୍ୟାସନାଲ ଜୁଡିସିଆଲ ଡାଟା ଗ୍ରୀଡ୍ ଲଞ୍ଚ୍ କରିଛି। ଏହା ବିଚାରାଧୀନ ମାମଲାଗୁଡ଼ିକ ସମ୍ପର୍କରେ ତଥ୍ୟ ଯୋଗାଉଛି। ଏହି ଡାଟାକୁ ଦେୱାନୀ ଓ ଫୌଜଦାରୀ ଏପରି ଦୁଇ ଭାଗରେ ବିଭକ୍ତ କରାଯାଇଛି। ପୁଣି କେତେ ବର୍ଷ ଧରି ମାମଲା ଫୈସଲା ନ ହୋଇ ପଡ଼ିରହିଛି, ତାକୁ ଭିତ୍ତିକରି ଡାଟା ପ୍ରସ୍ତୁତ ହୋଇଛି। ୧୦ ବର୍ଷରୁ ଅଧିକ କାଳ ବିଚାର ନ ହୋଇ ପଡ଼ିରହିଥିବା ମାମଲାଗୁଡ଼ିକର ଆଶୁ ସମାଧାନ ପାଇଁ କେନ୍ଦ୍ର ସରକାର ୨୪ଟି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସମୟରେ ଆଇନ ମନ୍ତ୍ରୀମାନେ ହାଇକୋର୍ଟଗୁଡ଼ିକୁ ସେମାନଙ୍କ ଅଧୀନରେ ଆସୁଥିବା ଅଧସ୍ତନ ଅଦାଲତଗୁଡ଼ିକରେ ପଡ଼ି ରହିଥିବା ମାମଲାର ତୁରନ୍ତ ବିଚାର କରିବା ଲାଗି କହି ଆସୁଛନ୍ତି। କିଭଳି ଅଧିକ ମାମଲା ପଡ଼ିରହିବ ନାହିଁ, ସେଥିପାଇଁ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରାଯିବାକୁ ଉଦ୍ୟମ କରାଯାଉଛି କିମ୍ବା ଅତିରିକ୍ତ ବେଞ୍ଚ୍ ପ୍ରତିଷ୍ଠା କରାଯାଉଛି।

# ଚାଷୀଙ୍କୁ ସ୍ଥାୟୀ ରୋଜଗାରର ବାଟ ଦେଖାଇବ 'ପିଏମ୍-ଆଶା'




**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ (ପିଏମ୍-ଆଶା) ବେଶ୍ କିଛି ବର୍ଷ ଧରି ଲାଗି ରହିଥିବା ଚାଷୀ ଅସନ୍ତୁଷ୍ଟିର ପ୍ରତିକ୍ରିୟା ବୋଲି କୁହାଯାଉଛି। ଚାଷୀଙ୍କର ସମସ୍ୟା ଏବଂ ସେମାନଙ୍କର ଆୟ ବୃଦ୍ଧିରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଏହି ଯୋଜନାର ଲକ୍ଷ୍ୟ ବୋଲି ଏହାର ନାମ ଏବଂ ତତ୍‌ସମ୍ପର୍କିତ ଘୋଷଣାରୁ ଜଣାଯାଇଛି। କିନ୍ତୁ ବାସ୍ତବରେ ଏହାର ସଫଳ ରୂପାୟନ ହୋଇପାରିବ କିମ୍ବା ପୂର୍ବର ସମସ୍ତ ଯୋଜନା ପରି ଏହା ମଧ ବିଫଳ ପ୍ରୟାସ ହେବ ତାହାକୁ ନେଇ ଏବେ ନୂତନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ଲାଗି ରହିଥିବା କୃଷି ଜନିତ ସଂକଟରୁ ମୁକ୍ତି ପାଇବା ପାଇଁ ଚାଷୀମାନେ ଏକ ସ୍ଥାୟୀ ରୋଜଗାର ଆଶା କରୁଛନ୍ତି। ଚାଷବାସରେ ହେଉଥିବା ଖର୍ଚ୍ଚ ମୁକ୍ତ ବଜାରର ଦରଠାରୁ କମ୍ ରହୁଛି ଏବଂ ଏହା କୃଷି ଋଣ ବୃଦ୍ଧିର କାରଣ ପାଲଟିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ଦେଇଥିବା ତଥ୍ୟ ଅନୁଯାୟୀ ଗତ କିଛି ବର୍ଷରେ ଚାଷୀ ବିରୋଧ ବହୁ ଗୁଣିତ ହୋଇସାରିଛି। ୨୦୧୪ରେ ଏହା ୬୮୭ ବିରୋଧରେ ସୀମିତ ଥିଲା ଯାହାକି ୨୦୧୫ରେ ୨,୬୮୩ରେ ପହଞ୍ଚିଥିଲା ଏବଂ ୨୦୧୬ ବେଳକୁ ଏହା ୪,୮୩୭ରେ ପହଞ୍ଚିଯାଇଥିଲା। ଗତ ତିନିବର୍ଷରେ ଏହା ୭ଗୁଣା ହୋଇଥିବା ଜଣାଯାଇଛି। କାରଣ ଜାଣିବା ମଧ ଏତେ କଷ୍ଟ ନୁହେଁ। ନୀତି ଆୟୋଗ ଦେଇଥିବା ହିସାବ ଅନୁଯାୟୀ ଚାଷକାର୍ଯ୍ୟରୁ ହେଉଥିବା ଆୟ ପ୍ରତିବର୍ଷ ମାତ୍ର ଏକ ପ୍ରତିଶତରୁ ଅଧା ବଢୁଛି। ୨୦୧୧-୧୨ରୁ ୨୦୧୫-୧୬ ମଧ୍ୟରେ ପ୍ରତିବର୍ଷ ପ୍ରକୃତରେ କହିବାକୁ ଗଲେ ୦.୪୪ ପ୍ରତିଶତ କୃଷିରୁ ଆୟ ବୃଦ୍ଧି ପାଉଛି। ଏନ୍‌ଏସ୍‌ଏସ୍ ଦେଇଥିବା ତଥ୍ୟ ଅନୁଯାୟୀ ୧୭ଟି ରାଜ୍ୟରେ ଚାଷୀମାନଙ୍କର ବାର୍ଷିକ ଆୟ ମାତ୍ର ୨୦ ହଜାର ବୋଲି ଜଣାଯାଇଛି। ଏଥିରେ ଚାଷୀ ବିକ୍ରି କରୁନଥିବା ବା ବ୍ୟକ୍ତିଗତ ଭାବେ ବ୍ୟବହାର କରିଥିବା କୃଷିଜାତ ସାମଗ୍ରୀ ମଧ ସାମିଲ ରହିଛି। ଏହା ଅର୍ଥ ନୁହେଁ ଯେ, ଏହି କୃଷକମାନଙ୍କର ଉତ୍ପାଦନରେ କିଛି ସମସ୍ୟା ରହିଛି। ଖାଦ୍ୟ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣକୁ ଆଣିବାପାଇଁ କୃଷିକ୍ଷେତ୍ର ଦରକୁ ଚାପି ଦିଆଯାଇଥାଏ। ପଞ୍ଜାବର ଉଦାହରଣ ନେଲେ ଜଣାଯାଏ, ଏଠାକାର ଉତ୍ପାଦନ ବିଶ୍ୱର ଅନ୍ୟ ଅଞ୍ଚଳ ତୁଳନାରେ ଉତ୍ପାଦନ ଯଥେଷ୍ଟ ଅଧିକ। କିନ୍ତୁ ଗତ କିଛି ବର୍ଷର ରେକର୍ଡକୁ ଅନୁଧ୍ୟାନ କଲେ ଜଣାଯାଏ, ଏଠାରେ ଚାଷୀ ବା କୃଷି ଜନିତ କାରଣରୁ ଆତ୍ମହତ୍ୟାର ସଂଖ୍ୟା ମଧ କିଛି କମ୍ ନୁହେଁ। ସେଠି କୃଷକମାନେ ନୀତି ଦ୍ୱାରା ପ୍ରଭାବିତ ହୋଇଥିବା ଜଣାଯାଏ। ଉଚ୍ଚ ମାତ୍ରାର ସର୍ବନିମ୍ନ ସହାୟକ ରାଶି ସ୍ଥିତିକୁ କିଛି ମାତ୍ରାରେ ଉପଶମ କରିବାରେ ସଫଳ ହୋଇପାରେ କିନ୍ତୁ ଏଥିପାଇଁ ଅନ୍ୟାନ୍ୟ ପଦକ୍ଷେପ ମଧ ଜରୁରି। ଯଦିଓ ଏମ୍‌ଏସ୍ ସ୍ୱାମୀନାଥନ୍ ରିପୋର୍ଟ ଅନୁଯାୟୀ ସରକାର ଏମ୍‌ଏସ୍‌ପି+୫୦ ପ୍ରତିଶତ ଲାଭ ଦେଇ ବିରୋଧ ପ୍ରଶମନ କରିବାପାଇଁ ପ୍ରୟାସ କରିଛନ୍ତି, ଚାଷୀ ଗୋଷ୍ଠୀ ଏତିକିରେ ସନ୍ତୁଷ୍ଟ ହୋଇନାହାନ୍ତି। ଶାନ୍ତାକୁମାର କମିଟି ସୁପାରିସ ଅନୁଯାୟୀ କୃଷି ଉତ୍ପାଦ କିଣାରେ ମାତ୍ର ୬ ପ୍ରତିଶତ ଚାଷୀଙ୍କୁ ଲାଭ ଯିବ। କିନ୍ତୁ ବାକି ୯୪ ପ୍ରତିଶତ ଚାଷୀଙ୍କର କ'ଣ ହେବ, ସେନେଇ କୌଣସି ସ୍ପଷ୍ଟ ତଥ୍ୟ ନାହିଁ। ସରକାରଙ୍କ ପିଏମ୍-ଆଶା ଯୋଜନାରେ ମାତ୍ର ୨୫ ପ୍ରତିଶତ ବଜାରଯୋଗ୍ୟ ବଳକା କୃଷି ଉତ୍ପାଦ କିଣାଯିବ। ତେଣୁ ବର୍ତ୍ତମାନ କମିଶନ୍ ଫର ଏଗ୍ରିକଲଚରାଲ କଷ୍ଟସ ଆଣ୍ଡ ପ୍ରାଇସେସ୍ (ସିଏସିପି)ର ପୁନର୍ଗଠନ ଆବଶ୍ୟକତା ରହିଛି। ଏହାର ନୂତନ ନାମକରଣ କରି 'କମିଶନ୍ ଫର ଫାର୍ମର୍ସ ଇନ୍‌କମ୍ ଆଣ୍ଡ ୱେଲଫେୟାର' କରିଦିଆଯିବା ହିଁ ଠିକ୍ ହେବ। ସରକାରୀ ଚାକିରିରେ ଜଣେ ଅତିକମ୍‌ରେ ୧୮ ହଜାର ପାଉଥିବାବେଳେ ଚାଷୀ ପାଇଁ ମଧ ଏହି ମଡେଲରେ କିଛି ସ୍ଥିର ଆୟର ବ୍ୟବସ୍ଥା ରହିବା ଜରୁରି।

## କେମିତି କଟିବ ଏ ସପ୍ତାହ

**ମେଷ** – ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ। ବ୍ୟବସାୟରେ ଉନ୍ନତି ଲାଭ କରିବେ।

**ବୃଷ** – କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ପରିବାରେ ଶାନ୍ତି ବଜାୟ ରହିବ।

**ମିଥୁନ** – ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**କର୍କଟ** – ନୂତନ ଯାନ କ୍ରୟ କରିବେ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ରହିବେ। ରାଜନୈତିକ କ୍ଷେତ୍ରରେ ସଫଳ ହେବେ।

**ସିଂହ** – ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ଭାଇଙ୍କ ସହାୟତାରେ ଆୟର ନୂତନ ସ୍ରୋତ ପ୍ରସ୍ତୁତ ହେବ।

**କନ୍ୟା** – ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**ତୁଳା** – ପଦୋନ୍ନତି ଘଟିପାରେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ଲାଗି ରହିଥିବା ସମସ୍ୟାର ସମାଧାନ ଘଟିବ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କର ଭାଗ୍ୟ ଉଜ୍ଜ୍ୱଳ ହେବ।

**ବିଛା** – ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ବ୍ୟବସାୟୀମାନେ ବ୍ୟବସାୟରେ

**ଧନୁ** – ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିବେ। ଚାକିରିରେ ନିଜର ସୁରକ୍ଷା ଓ ପ୍ରତିପତ୍ତି ବଜାୟ ରହିବ। ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ।

**ମକର** – ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**କୁମ୍ଭ** – ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** – ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ଯାନବାହନ ପ୍ରତି ସତର୍କ ରହିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ଭୁବନେଶ୍ୱର, ୨୪ - ୩୦ ସେପ୍ଟେମ୍ବର, ୨୦୧୮



## ଶ୍ରୀମନ୍ଦିର ସଂସ୍କାର ପାଇଁ ବୈଠକ

**ପୁରୀ :** ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁପ୍ରିମ୍‌କୋର୍ଟଙ୍କ ଆମିକସକ୍ୟୁରୀ ଗୋପାଳ ସୁବ୍ରମଣ୍ୟମ, ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି ଓ ନିଯୋଗ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

### ୨୦୧୯ ନିର୍ବାଚନ : ତିନି ପ୍ରମୁଖ ଦଳ ମଧ୍ୟରେ କଡ଼ା ଟକ୍କର

# ଆପଣାଇବେ ନୂଆ କୌଶଳ



**ଭୁବନେଶ୍ୱର :** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜ୍ୟରେ ପ୍ରମୁଖ ରାଜନୈତିକ ଦଳ ଭିତରେ ଉଷ୍ମତା ସେତିକି ବଢୁଛି। ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ନୂଆ ନୂଆ କୌଶଳ ଅବଲମ୍ବନ କରି ଭୋଟରଙ୍କ ନିକଟତର ହେବା ପାଇଁ ଯୋଜନା ମାନ ପ୍ରସ୍ତୁତ କରି ଚାଲିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନିକଟତର ହେବାକୁ ଜୋରଦାର ପ୍ରୟାସ କରୁଥିଲା ବେଳେ ବିଜେପି ବୁଥ୍ ସ୍ତରୀୟ କର୍ମୀଙ୍କ ମାଧ୍ୟମରେ ଭୋଟରଙ୍କ ମନ ଜିଣିବାକୁ ଚେଷ୍ଟା କରୁଛି। ନବୀନଙ୍କ ଭାବମୂର୍ତ୍ତୀ ଓ ଯୋଜନାର ସଫଳତା ଆଧାରରେ ବିଜେଡି ସିଧାସଳଖ ସରକାରଙ୍କ ସହ ପଞ୍ଚାୟତକୁ ଯୋଡିବାକୁ ଉଦ୍ୟମ କରିଛି। ଏଥିପାଇଁ ପୂରା ଦମ୍‌ରେ କର୍ମୀମାନଙ୍କୁ ନିୟୋଜିତ କରାଯାଇଛି। ବିଜେଡି ତରଫରୁ ଆମ ଗାଁ ଆମ ବିକାଶ ଓ ଆମ ସହର, ଆମ ଉନ୍ନତି କାର୍ଯ୍ୟକ୍ରମ ଆଗେଇ ଚାଲିଛି। ଲୋକମାନଙ୍କ ସହିତ ସମ୍ପର୍କ ରକ୍ଷା ଓ ସେମାନଙ୍କ ବିକାଶ ପାଇଁ ପାଣ୍ଠି ଯୋଗାଇ ଦେଉଛନ୍ତି ସରକାର। ଏହାରି ଭିତରେ ୱାର୍ଡ କମିଟିକୁ ମଜଭୁତ କରିବା ପାଇଁ ବିଜେଡି ଅଣ୍ଟା ଭିଡିଛି। ଦଳର ପ୍ରତ୍ୟେକ କର୍ମୀ ଅତିକମ୍‌ରେ ୧୦ଟି ଘର ବା ପରିବାର ସହିତ ସିଧାସଳଖ ସମ୍ପର୍କ ରଖିବା ପାଇଁ ଉପରୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ କି ଲୋକମାନଙ୍କର ଅସୁବିଧା ବୁଝି ତା'ର ପ୍ରତିକାର ନିମନ୍ତେ ଚେଷ୍ଟା କରିବେ। ସେହିଭଳି ବିଜେପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ଆଧାର କରି ଆଗାମୀ ନିର୍ବାଚନରେ ଭୋଟରଙ୍କୁ ପଦ୍ମ ଚିହ୍ନ ଆଡେ ଆକର୍ଷିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ➤ ପୃ-୬

### ଟଙ୍କିକିଆ ଚାଉଳର ଗୁମର ଖୋଲିଲେ ପ୍ରଧାନମନ୍ତ୍ରୀ

# ଉଜ୍ଜ୍ୱଳାକୁ ପ୍ରଶଂସା

**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦିନ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରଠାରେ ପହଞ୍ଚିବା ପରେ ସେଠାରୁ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ତାଳଚେରରେ ପହଞ୍ଚିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ

**ୟୁରିଆର ୫୦% ଓଡ଼ିଶାର ଚାଷୀମାନେ ପାଇବା ଦିଗରେ ପଦକ୍ଷେପ ନିଅନ୍ତୁ ପ୍ରଧାନମନ୍ତ୍ରୀ : ମୁଖ୍ୟମନ୍ତ୍ରୀ**



ମୋଦି ଓ ରାଜ୍ୟପାଳ ଗଣେଶୀ ଲାଲ ତାଳଚେରଠାରେ ପହଞ୍ଚିବା ପରେ ସେଠାରେ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିଥିଲେ। ପରେ ସେଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦେଶର ପ୍ରଥମ କୋଇଲାରୁ ଗ୍ୟାସ ଆଧାରିତ ସାର କାରଖାନାର ଶିଳାନ୍ୟାସ କରିଥିଲେ। ତାଳଚେର ସାର କାରଖାନାର ପୁନରୁଦ୍ଧାର ସହିତ ୧୩ ହଜାର କୋଟି ଟଙ୍କା ଅଟକଳରେ ପ୍ରସ୍ତାବିତ ଏହି କାରଖାନାରୁ ବାର୍ଷିକ ୧.୨୭ ମିଲିୟନ ମେଟ୍ରିକ୍ ଟନ୍ ୟୁରିଆ ଉତ୍ପାଦନ ସହିତ ପ୍ରାୟ ୪ ହଜାର ୫ଶହ ଜଣଙ୍କୁ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ନିଯୁକ୍ତି ଯୋଗାଇ ଦିଆଯିବାର ପରିକଳ୍ପନା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହୋଇଥିବା ଏହି ଶିଳାନ୍ୟାସ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ଶିଳାନ୍ୟାସ ଉତ୍ସବରେ ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ କଳାହାଣ୍ଡିରାର ମାଟିକୁ ମୋର ପ୍ରଣାମ ବୋଲି କହି ଉଦ୍‌ବୋଧନ ଆରମ୍ଭ କରିଥିଲେ। ସେ କହିଥିଲେ ଯେ, ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ➤ ପୃ-୬

### କୃଷି ଭବନ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ସାରା ଦେଶକୁ ଖାଦ୍ୟ ଯୋଗାଉଛି ଓଡ଼ିଶା



**ଭୁବନେଶ୍ୱର :** ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ କୃଷିବନ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ଏହି କୃଷି ଭବନ, ଆମ ଚାଷୀ ଭାଇଭଉଣୀଙ୍କର ନିଜ ଭବନ। ଗୋଟିଏ ସ୍ଥାନରେ ଏହି ଭବନର ଚାଷୀମାନେ ସବୁ ସେବା ପାଇପାରିବେ। ଏ ଭବନ ଚାଷୀ ଭାଇ ଭଉଣୀଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ହୋଇପାରିଛି। କୃଷି ବିଭାଗ ଚାଷୀମାନଙ୍କୁ ଅଧିକ ଦକ୍ଷତାର ସହ ସେବା ଯୋଗାଇବାରେ ସଫଳ ହେବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଚାଷୀର ସୁଖରେ ଦୁଃଖରେ ସେ ସବୁବେଳେ ତାଙ୍କ ସାଙ୍ଗରେ ଅଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କୁ ସେ ଭେଟୁଛନ୍ତି ଏବଂ ସେମାନଙ୍କ ସମସ୍ୟା ଶୁଣୁଛନ୍ତି। ଚାଷୀର କଲ୍ୟାଣ ପାଇଁ ସଂକଳ୍ପବଦ୍ଧ ଭାବରେ କାମ କରାଯାଉଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ୨୦୧୧ରେ ଓଡ଼ିଶା ପ୍ରଥମଥର ପାଇଁ ➤ ପୃ-୬

### ସିଏଜି ରିପୋର୍ଟରେ ସାଂଘାତିକ ତଥ୍ୟ

# ଅନିୟମିତତା ଓ ଅହେତୁକ ଅନୁକମ୍ପା

**ଭୁବନେଶ୍ୱର :** ମାର୍ଚ୍ଚ ୨୦୧୭ ଶେଷ ସୁଦ୍ଧା ସାଧାରଣ ଏବଂ ସାମାଜିକ କ୍ଷେତ୍ରରେ ରାଜ୍ୟସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ବିକାଶ ଯୋଜନାରେ ଅନିୟମିତତା ସମ୍ପର୍କରେ ସି.ଏ.ଜି ରିପୋର୍ଟରେ ପ୍ରକାଶ ପାଇଛି। ରାଜ୍ୟ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଗୃହରେ ସି.ଏ.ଜି ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ଆଇ.ଆଇ.ଟି ଖଡ଼ଗପୁରର ସୁପାରିଶକୁ ଉଲ୍ଲଂଘନ କରିବା ଯୋଗୁଁ ଜାତୀୟ ବାତ୍ୟା କ୍ଷତି ପ୍ରଶମନ ପ୍ରକଳ୍ପ ଅଧିନରେ ୫୬ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣରେ ୭୭.୮୪ କୋଟି ଟଙ୍କା ଅଧିକ ବ୍ୟୟ ହୋଇଛି। ସେହପରି ଠିକାଦାର ମାନଙ୍କୁ ଅହେତକୁ ଅନୁକମ୍ପା ପ୍ରଦର୍ଶନ କରିବା ଫଳରେ ୭.୩୭ କୋଟି ଟଙ୍କା ଅଧିକ ପ୍ରଦାନ କରାଯାଇଛି। ଲୁଣି ବନ୍ଧ ନିର୍ମାଣ କରିବା ପାଇଁ ବନ୍ଧ ଠାରୁ ୫୦୦ ମିଟର ଦୂରରୁ ମାଟି ପରିବହନ କରାଯାଇଥିଲା। କିନ୍ତୁ ଠିକାଦାର ମାନଙ୍କୁ ୫ କି.ମି. ଦୂରତା ଆଧାରରେ ଅର୍ଥ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୪୬ଟି ପ୍ରବେଶ ପଥ ଓ ୪୫ଟି ବହୁମୁଖୀ ଆଶ୍ରୟସ୍ଥଳ ନିର୍ମାଣରେ ନିର୍ବାହୀ ଯନ୍ତ୍ରୀ ରାଜ୍ୟ ଦର ବିଶ୍ଳେଷଣ ଆଧାରରେ ପ୍ରସ୍ତୁତ କରିଥିଲେ। ଠିକାଦାର ମାନଙ୍କ ସହ ଭାରତୀୟ ମାନଙ୍କ ନିର୍ଦ୍ଦେଶାନାମା ଆଧାରରେ ଚୁକ୍ତି ନିଷ୍ପାଦିତ ହୋଇଥିଲା। ଯେଉଁଥିରେ ସ୍ୱଳ୍ପ ପରିମାଣର ସିମେଣ୍ଟ ବ୍ୟବହାର ବିଷୟ ଉଲ୍ଲେଖିତ ଥିଲା। କିନ୍ତୁ ୯୯.୮୦୨ ଘନ ମିଟର ରିନଫୋର୍ସମୋଟ ସିମେଣ୍ଟ କଂକ୍ରିଟ କାର୍ଯ୍ୟ ନିର୍ବାହ ➤ ପୃ-୬

### ବିଧାନସଭାରେ ଆୟାର ଝଡ଼, ତଦନ୍ତ କରିବ ଗୃହ କମିଟି

# ସମନ ପାଇଁ ଦଳମତ ନିର୍ବିଶେଷରେ ଦାବି

**ଭୁବନେଶ୍ୱର :** ଓଡିଶାର କୋଣାର୍କ , ଜଗନ୍ନାଥ ମନ୍ଦିର ସମତେ ଗଣତନ୍ତ୍ରର ମନ୍ଦିର ଓଡିଶା ବିଧାନସଭାର ବିଧାୟକ ଓ ସାମ୍ବାଦିକମାନଙ୍କ ସମ୍ପର୍କରେ ଅଭିଜିତ୍ ଆୟାର ମିତ୍ର ଦେଇଥିବା ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ପାଇଁ ତାଙ୍କ ବିରୁଦ୍ଧରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ସ୍ୱାଧୀକାର ଭଙ୍ଗ ପ୍ରସ୍ତାବ ଆଣିଥିଲେ। ତାଙ୍କୁ ଗୃହକୁ ଆସିବା ପାଇଁ ସମନ କରାଯାଉ ଓ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଥିଲେ। ଏଥିପାଇଁ ଗୃହ ଏବଂ ବାଚସ୍ପତିଙ୍କର ସମ୍ପୂର୍ଣ୍ଣ ଅଧିକାର ରହିଛି। ଏହି ପ୍ରସ୍ତାବକୁ ଉଭୟ ଶାସନ ଓ ବିରୋଧୀ ଦଳର ସଭ୍ୟମାନେ ସମର୍ଥନ କରିଥିଲେ। ଏହାସହ ତାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଦାବି କରିଥିଲେ। ବାଚସ୍ପତି ପ୍ରଦୀପ କୁମାର ଅମାତ୍ ଏହା ଉପରେ ରୁଲିଂ ଦେଇ କହିଥିଲେ ଯେ ଏହି ପ୍ରସଙ୍ଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଓଡିଶାର ସ୍ୱାଭିମାନର ପ୍ରଶ୍ନ ଏବଂ ବିଧାୟକମାନଙ୍କର ସମ୍ମାନର ପ୍ରଶ୍ନ। ବିରୋଧୀ ଦଳ ନେତା ଦେଇଥିବା ଏହି ପ୍ରସଙ୍ଗ ଜନିତ ସ୍ୱାଧୀକାର ଭଙ୍ଗ ପ୍ରସ୍ତାବ ସେ ପାଇଛନ୍ତି। ଏସମ୍ପର୍କରେ ଆଲୋଚନା କରିବା ସହ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ ସେଥି ଲାଗି ତାଙ୍କ ପ୍ରକୋଷ୍ଠରେ ସର୍ବଦଳୀୟ ବୈଠକ ଡକାଇବେ ବୋଲି କହିଥିଲେ। ବାଚସ୍ପତି ଶ୍ରୀ ଅମାତ୍ ବୈଠକର ନିଷ୍ପତି ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ ଅଭିଜିତ୍ ଆୟାର ମିତ୍ରଙ୍କର ମନ୍ତବ୍ୟ ନେଇ କେତେକ ସମ୍ବାଦ ପତ୍ରରେ ➤ ପୃ-୬

## ଚାରା ଦୁର୍ନୀତି ମାମଲାର ତଦନ୍ତ କରିବେ କୃଷି ବିଭାଗ ଅତିରିକ୍ତ ଶାସନ ସଚିବ

**ଭୁବନେଶ୍ୱର :** ବହୁ ଚର୍ଚ୍ଚିତ ଉଦ୍ୟାନ କୃଷି ବିଭାଗରେ ଦୁର୍ନୀତି ଅଭିଯୋଗ ପ୍ରସଙ୍ଗ ଉପରେ ତଦନ୍ତ କରିବାପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବଙ୍କୁ ତଦନ୍ତ ଅଧିକାରୀ ରୂପେ ନିଯୁକ୍ତ କରାଯାଇଛି। ତଥାକଥିତ ୧୭ କୋଟି ୩୩ ଲକ୍ଷ ଟଙ୍କାର ଆର୍ଥିକ ଅନିୟମିତତା ସମ୍ପର୍କରେ ପକ୍ଷମାନଙ୍କୁ ଶୁଣାଣି କରି ଯଥାଶୀଘ୍ର ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପରେ ଦୋଷୀ ମାନଙ୍କୁ ନିୟମ ଅନୁଯାୟୀ ଉପଯୁକ୍ତ ଦଣ୍ଡ ବିଧାନ କରାଯିବାସହ ଆବଶ୍ୟକ ହେଲେ ସୋମନଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ପ୍ରକାଶ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିବୃତି ରଖିବା ପାଇଁ ଡା. ଦାମୋଦର ରାଉତ ଓ କନକ ବର୍ଦ୍ଧନ ସିଂହଦେଓ ଦାବି କରିଥିଲେ। ଏଥିପାଇଁ ଗୃହକୁ ➤ ପୃ-୬

# ଦିନଟିଏ ବି ଚାଲିପାରିଲାନି ପ୍ରଶ୍ନକାଳ

**ଭୁବନେଶ୍ୱର :** ଗତ ୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଓଡିଶା ବିଧାନସଭାର ମୌସୁମୀ ଅଧିବେଶନ ଗୁରୁବାର ଶେଷ ହୋଇଛି। ଏହି ଅଧିବେଶନର ବୈଠକ ସ୍ୱଳ୍ପ କାଳୀନ ହେଲେ ମଧ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଷ୍ପତ୍ତି ନିଆଯାଇଛି। ବିଶେଷ କରି ଓଡିଶାରେ ବିଧାନ ପରିଷଦ ଗଠନ ହେବା ନେଇ ଆସିଥିବା ପ୍ରସ୍ତାବ ଗୃହରେ ପାରିତ ହୋଇଛି। ଏହା ବ୍ୟତୀତ ରାଜନୈତିକ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଏଥରର ଅଧିବେଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସ୍ୱଳ୍ପ କାଳୀନ ଅଧିବେଶନର ୧୧ଟା କାର୍ଯ୍ୟ ଦିବସ ମଧ୍ୟରୁ ୯ ଟି ସରକାରୀ ଦିବସ ଓ ୨ ଟି ବେସରକାରୀ ଦିବସ ଥିଲା। ବେସରକାରୀ ଦିବସ ମଧ୍ୟରୁ ଗୋଟିଏ ଦିବସର କାର୍ଯ୍ୟକ୍ରମ ବିରୋଧୀ ଦଳର ହଟ୍ଟଗୋଳ ଯୋଗୁଁ ହୋଇପାରିନଥିଲା। ସେହିପରି ଓଡିଶା ପ୍ରତି ଅରୁଚିକର ମନ୍ତବ୍ୟ



ଦେଇଥିବା ଅଣଓଡିଆ ସାମ୍ବାଦିକ ଅଭିଜିତ୍ ଆୟାର ମିତ୍ରଙ୍କ ପାଇଁ ଅନ୍ତିମ ଦିବସରେ ଥିବା କୌଣସି ବେସରକାରୀ କାର୍ଯ୍ୟକ୍ରମ ହୋଇପାରି ନଥିଲା। ଅଧିବେଶନ କାଳରେ ଦୁର୍ନୀତି ପ୍ରସଙ୍ଗ, ଆଇନ୍ ଶୃଙ୍ଖଳା ପରିସ୍ଥିତି, ବିଜୁ ଯୁବ ବାହିନୀର ଆର୍ଥିକ କାରବାରର ଅଡିଟ୍ ପାଇଁ ସରକାର ସହଯୋଗ ନକରିବା, ଲୋକାୟୁକ୍ତ ନିଯୁକ୍ତି ନହେବା, ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗକୁ ନେଇ ଗୃହରେ ବାରମ୍ବାର ଅଚଳାବସ୍ଥା ଲାଗି ରହିଥିଲା। ଅପରପକ୍ଷରେ ଶାସକ ଦଳ ପକ୍ଷରୁ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଓ ଅଭିଜିତ୍ ଆୟାର ମିତ୍ର ମାମଲାକୁ ନେଇ ଅନୁରୂପ ଭାବେ ଗୃହ ଅଚଳ ହୋଇଥିଲା। ଶେଷ ଦିନରେ ବିଧାନସଭାରେ ସିଏଜିଙ୍କର ମାର୍ଚ୍ଚ ୨୦୧୭ ଶେଷ ସୁଦ୍ଧା ଓଡିଶା ସରକାରଙ୍କ ସାଧାରଣ ଓ ସାମାଜିକ କ୍ଷେତ୍ର ହୋଇଥିବା ଅଡିଟ୍ ରିପୋର୍ଟକୁ ଅର୍ଥମନ୍ତ୍ରୀ ଗୃହରେ ଉପସ୍ଥାପନ କରିଥିଲେ। ଅର୍ଥନୈତିକ ଦୃଷ୍ଟିରୁ ଚଳିତ ଅଧିବେଶନ ବହୁ ଗୁରୁତ୍ୱ ବହନ କରିଥିଲା। ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା ୨୦୧୮-୧୯ ବର୍ଷ ପାଇଁ ୧୨,୭୯୦ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଆଗତ କରିଥିଲେ। ସମବାୟ ଓ ପଞ୍ଚାୟତ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇ ଗୃହୀତ ହୋଇଥିବା ବେଳେ ଅନ୍ୟ ୪୧ଟି ➤ ପୃ-୬

## ଋଣଭାର ଟପିବ ଲକ୍ଷେ କୋଟି !

**ଭୁବନେଶ୍ୱର :** ଗତ ଜୁଲାଇ ଶେଷ ସୁଦ୍ଧା ଓଡ଼ିଶା ସରକାରଙ୍କ ଋଣଭାର ୭୬,୪୨୮ କୋଟି ୪୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କର ମୁଣ୍ଡପିଛା ହାରାହାରି ଋଣ ପରିମାଣ ପ୍ରାୟ ୧୬,୪୫୧ ଟଙ୍କା ଥିଲା। ବିଧାୟକ ଦିଲିପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏକ ତାରକା ଚିହ୍ନିତ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ପ୍ରଦାନ କରିଛନ୍ତି। ଅର୍ଥମନ୍ତ୍ରୀ କହିଛନ୍ତି ଯେ, ୨୦୦୮-୦୯ ବର୍ଷ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ଋଣଭାର ୩୬,୪୩୦ କୋଟି ୫୪ ଲକ୍ଷ ଟଙ୍କା ଥିବା ବେଳେ ୨୦୧୦-୧୧ରେ ଏହା ୩୯,୧୩୬ କୋଟି ୯୧ ଲକ୍ଷ ଓ ୨୦୧୭-୧୮ ବର୍ଷ ଶେଷ ସୁଦ୍ଧା ୭୩,୮୬୪ କୋଟି ୬୬ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ପୂର୍ବରୁ ବିଧାୟକ ଶ୍ରୀ ରାୟଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ, ୧୯୮୯-୯୦ ଆର୍ଥିକ ➤ ପୃ-୬

## ବକ୍ରବାଣୀ



ବନ୍ଧୁ ବାନ୍ଧିଥିଲେ ନଣ୍ଡାବାବୁ ସାଙ୍ଗେ
ବନ୍ଧୁପଣ ସିଏ ଦେଲେ ନିଭେଇ
ପୂରା ଫସିଗଲେ ପଣ୍ଡାବାବୁ ତାଙ୍କ
କପଟି ବନ୍ଧୁଙ୍କୁ ସାଙ୍ଗେ ବୁଲେଇ
ଶକୁନିର ପଶାକାଠି ପରି
ମାଷ୍ଟର ଷ୍ଟ୍ରୋକ୍ ସିଏ ମାଇଲେ
ଚାରା ଜରି ସ୍କାମରୁ ଦେଲେ ବର୍ଞ୍ଚେଇ
ସ୍ୱଚ୍ଛ ପଇସାରୁ ତାଙ୍କେ କିଛି ପାଇଲେ।

—— ଟୁଟୁ

### ତେଲ ଦର ବୃଦ୍ଧି ବାହାନାରେ ଅଟୋଭଡ଼ା ଦି'ଗୁଣ

# କିଏ ବୁଝିବ ଯାତ୍ରୀଙ୍କ ଦୁଃଖ

**ଭୁବନେଶ୍ୱର :** ରାଜଧାନୀର ବର୍ଦ୍ଧିତ କଳେବର ଅନୁସାରେ ସାଧାରଣ ଲୋକଙ୍କ ଗମନାଗମନ ପାଇଁ ଟାଉନ୍ ବସ୍‌ର ଅଭାବ ଯୋଗୁଁ ରାସ୍ତାରେ ଗଡୁଛି ହଜାର ହଜାର ସଂଖ୍ୟାର ଅଟୋରିକ୍ସା। ସହରର ବିଭିନ୍ନ ଗଳିକନ୍ଦିଠାରୁ ଆରମ୍ଭ କରି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଜୁଆଡେ ଦେଖିଲେ ମାଳ ମାଳ ଅଟୋ। ସତେଯେମିତି ଏହା ଘୋଷିତ ସ୍ମାର୍ଟସିଟି ନୁହେଁ ବରଂ ଏକ ଅଟୋ ସିଟି। ପ୍ରମୁଖ ଛକଠାରୁ ଆରମ୍ଭ କରି ଲେନ୍ ଗୁଡିକର ମୁଖ୍ୟ ସଂଯୋଗକାରୀ ଛକ ଉପରେ ସଂଖ୍ୟାଧିକ ଅଟୋରିକ୍ସା ରାସ୍ତାକୁ ମାଡିବସିଛନ୍ତି। ଦୁଇଚକିଆ ହେଉ କି ଚାରିଚକିଆ ଯାନ ସେଠାରେ ପାର୍କିଂ କରିବା ମୁସ୍କିଲ। ଏହି ଅଟୋ ଚାଳକମାନେ ସଂଘବଦ୍ଧ ହୋଇ ନିଜକୁ ଅମୁକ ଷ୍ଟାଣ୍ଡ, ସମୁକ ଷ୍ଟାଣ୍ଡର ସଭ୍ୟ ଦର୍ଶାଇ ନିଜର ସ୍ଥିତି ଜାହିର କରୁଛନ୍ତି। ଟ୍ରାଫିକ୍ ଜାମ କ୍ଷେତ୍ରରେ ଅଟୋରିକ୍ସା ମୁଖ୍ୟ କାରଣ ହୋଇଥିଲେ ବି ଏଥିପ୍ରତି ପ୍ରଶାସନର ଆଦୌ ନଜର ନଥିବା ପରି ମନେହୁଏ। ଯେଉଁଥିପାଇଁ ଲଗାମହୀନ ଭାବେ ଅଟୋ ଚାଳକମାନେ ଗାଡି ଚଳାଉଛନ୍ତି ଓ ମନଇଚ୍ଛା ଯେଉଁଠାରେ ମନ ସେଠାରେ ଗାଡି ଅଟକାଉଛନ୍ତି। ସତରେ ଯେମିତି ପ୍ରଶାସନର ନିୟନ୍ତ୍ରଣରେ ନାହିଁ



ଅଟୋ ବ୍ୟବସାୟ। ଅନେକ ସମୟରେ ଅଟୋ ଚାଳକମାନେ ଯାତ୍ରୀମାନଙ୍କୁ ଦୁର୍ବ୍ୟବହାର ଦେଖାଉଥିଲେ ବି ସେମାନଙ୍କ ବିରୋଧରେ କୌଣସି ଅଭିଯୋଗ ହେଉନାହିଁ। ତେଣୁ ସେମାନେ ମନମାନୀ କରିବା ସ୍ୱାଭାବିକ। ହେଲେ ଏସବୁକୁ ଟପି ଯାଇଛି ବର୍ଦ୍ଧିତ ଅଟୋ ଭଡା। ➤ ପୃ-୬



ଏକମାତ୍ର
EKAMAATRA
ଅନୁସନ୍ଧାନ ପରେ ଖବର

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



ଭୁବନେଶ୍ୱର, ୨୪ - ୩୦ ସେପ୍ଟେମ୍ବର, ୨୦୧୮

# ସମସ୍ତଙ୍କ ପାଇଁ ଭଲ

ଆଧ୍ୟାତ୍ମିକ ଚେତନା ମଣିଷ ସମାଜକୁ ଦିଗ୍‌ଦର୍ଶନ ଦେବା ସହିତ ଶୃଙ୍ଖଳିତ ଜୀବନ ଯାପନ ପାଇଁ ମାର୍ଗ ପ୍ରସ୍ତୁତ କରେ। ଏହାରି ମାଧ୍ୟମରେ ଜୀବନଚର୍ଯ୍ୟାର ସମସ୍ତ କର୍ମ ସୁମାର୍ଗରେ ପରିଚାଳିତ ହେବା ସହିତ ଏକ ଦିବ୍ୟ ଜୀବନର ଅନୁଭୂତି ପ୍ରଦାନ କରିଥାଏ। ଯେଉଁଥିପାଇଁ ମଣିଷ କର୍ମ ଜଞ୍ଜାଳ ସତ୍ତ୍ୱେ ଦେବଦେବୀଙ୍କୁ ପୂଜା ଆରାଧନା କରିବା ପାଇଁ ବିଭିନ୍ନ ଈଶ୍ୱରୀୟ ପୀଠକୁ ଯାଇଥାନ୍ତି। ଏହି ସ୍ଥାନ ମାନଙ୍କରେ ଯେଉଁମାନେ ଆମ୍ଭମାନଙ୍କୁ ଉତ୍ତମ ପରାମର୍ଶ ଦେବା ସହିତ ଈଶ୍ୱରଙ୍କ ସତ୍ତା ବିଷୟରେ ବୁଝାଇ କହିଥାନ୍ତି। ବିଶ୍ୱର ଅନ୍ୟ ଧର୍ମାବଲମ୍ବୀମାନେ ପୂଜା କରୁଥିବା ସ୍ଥାନ ଅପେକ୍ଷା ପୂଣ୍ୟଭୂମି ଭାରତର ଦୈବପୀଠ ଗୁଡିକ ମନ୍ଦିର ଭାବେ ପରିଗଣିତ। ହଜାର ହଜାର ବର୍ଷ ଧରି ମନ୍ଦିର ମାନଙ୍କରେ ପୂଜାର୍ଚ୍ଚନା କରି ନିଜର ମନସ୍କାମନା ପୂରଣ କରିବା ସହିତ ଆମ୍ଭେ ଆଧ୍ୟାତ୍ମିକ ଭାବଧାରା ସହିତ ଏଭଳି ଜଡିତ ହୋଇଛେ ଯେ, ଆତ୍ମାର ପବିତ୍ରତା ପାଇଁ ଏହି ସ୍ଥାନକୁ ହିଁ ବାଛିଥାଉ। ସକଳ ମାନସିକ ଅବସାଦ ଭିତରେ ନିତିପ୍ରତି ଈଶ୍ୱରଙ୍କ ଚିନ୍ତନ ଓ ଦର୍ଶନ ଜରିଆରେ ପ୍ରାଣ ପୁଲକିତ କରି ସୁଖ ତଥା ଶାନ୍ତିମୟ ଜୀବନର ସ୍ୱପ୍ନ ଦେଖି ଆସିଛୁ। ପ୍ରାଚୀନ କାଳରୁ ପୂଜକ ଓ ଭକ୍ତଙ୍କ ମଧ୍ୟରେ ଅତି ପବିତ୍ର ସମ୍ପର୍କ ରହିଆସିଥିଲେ ବି ସାମ୍ପ୍ରତିକ ସମୟରେ ଏଥିରେ ଅନେକ ତ୍ରୁଟି ବିଚ୍ୟୁତି ଦେଖିବାକୁ ମିଳୁଛି। ଯେଉଁଥିପାଇଁ କିଛି ଭକ୍ତ ଆଉ ଦେବ ଦର୍ଶନ ନିମନ୍ତେ ମନ୍ଦିରକୁ ଯିବାକୁ ଉଚିତ୍ ମଣୁନାହାନ୍ତି। ଯେହେତୁ କେତେକ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ ତୁଲାଉଥିବା ବ୍ୟକ୍ତିମାନେ ଭକ୍ତମାନଙ୍କ ସହିତ ଅତ୍ୟନ୍ତ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏହା କେବଳ ଆମ ରାଜ୍ୟରେ ଘଟୁନାହିଁ, ଦେଶର ବିଭିନ୍ନ ଦେବ ପୀଠରେ ଏଭଳି ଘଟଣା ଘଟୁଥିବା ଲୋକଲୋଚନକୁ ଆସୁଛି। ଭକ୍ତଟିଏ ପୂଜକଙ୍କ ଜରିଆରେ ଦେବଦେବୀଙ୍କୁ ନିଜର ଯାଚନା ପ୍ରଦାନ କରୁଥିବା ବେଳେ ଏଥିରେ ଏବେ ଅନେକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଯେଉଁଥିପାଇଁ ଭକ୍ତ ମନରେ ପୂଜକଙ୍କ ପାଇଁ ଶ୍ରଦ୍ଧା ବଦଳରେ ଘୃଣାଭାବ ପ୍ରକାଶ ପାଉଛି।

ଏଭଳି ଘଟଣା ଘଟିବା ପଛରେ କାରଣ କ'ଣ ? କେଉଁଥିପାଇଁ ପୂଜକମାନେ ଅତିମାତ୍ରାରେ ବିଶୃଙ୍ଖଳିତ ହୋଇଯିବା ସହିତ ଭକ୍ତମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। କିଛି କାରଣ ଭିତରେ ଆଧୁନିକ ସମାଜର ଚଳଣି ଓ ବସ୍ତୁବାଦର ମୋହ ପୂଜକମାନଙ୍କୁ ମୋହାବିଷ୍ଟ କରିଛି। ଯେଉଁଥିପାଇଁ ସେମାନେ ଭକ୍ତଙ୍କ ନିକଟରୁ ଅତ୍ୟଧିକ ପାଉଣା ଦାବି କରିବା ଫଳରେ ଏହା ଗଣ୍ଡଗୋଳର ରୂପ ନେଉଛି। ପୂଜକ ସମାଜକୁ ପୂଜକମାନେ ସମର୍ଥନ କରୁଥିଲା ବେଳେ ଭକ୍ତଙ୍କ ପାଇଁ ଆଇନ ବ୍ୟତୀତ ଆଉ କେହି ନାହାନ୍ତି। ତେବେ ଏହି ଆଇନ ବ୍ୟବସ୍ଥାର ସୁଫଳ ପାଇବାକୁ ହେଲେ ଭକ୍ତଟିକୁ ନାକେଦମ ହେବାକୁ ପଡେ। କାରଣ ମନ୍ଦିର ପ୍ରଶାସନ ଓ ସରକାରୀ କଳ ମଧ୍ୟରେ ଥିବା ସମ୍ପର୍କ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ପ୍ରଶାସନ ସବୁବେଳେ ଚାହେଁ ଯେ, ପୂଜକ ସମାଜ ସୁଖଶାନ୍ତିରେ ରହିଲେ ମନ୍ଦିର ପରିଚାଳନା ସଠିକ୍ ହେବ। କିନ୍ତୁ ଏହାଦ୍ୱାରା ପୂଜକମାନେ ଭାବନ୍ତି ଯେ, ସେମାନଙ୍କୁ ବାଦ୍ ଦେଇ ମନ୍ଦିର ଚଳାଇବା ସମ୍ଭବପର ନୁହେଁ। ତେଣୁ ଆଇନ ତାଙ୍କର କିଛି ବିଗାଡି ପାରିବ ନାହିଁ ମନେକରି ସେମାନେ ବିଶୃଙ୍ଖଳିତ ହୋଇପଡନ୍ତି। ଫଳରେ ଯେଉଁ ନୈତିକତା ଆଧାରରେ ଜଣେ ପୂଜକର ଆଖ୍ୟା ପାଇଥିବା ବ୍ୟକ୍ତି ଅମଣିଷ ପରି ବ୍ୟବହାର କରେ ଓ ଭକ୍ତଟିଏକୁ ଉତ୍ତମ ଜ୍ଞାନ ଦେବା ବଦଳରେ ମାଡପିଟ କରିବାର ଅନେକ ନଜିର ରହିଛି। ଶ୍ରୀମନ୍ଦିର ହେଉ ଅବା କାକଟପୁରର ମଙ୍ଗଳା ମନ୍ଦିର ହେଉ। ସବୁଠାରେ ଏଭଳି କିଛି ଘଟଣା ଘଟିବା ଦ୍ୱାରା ମନ୍ଦିରକୁ ଆସୁଥିବା ଭକ୍ତମାନଙ୍କ ମନରେ ନୈରାଶ୍ୟ ଦେଖାଦେଇଛି। ଅନ୍ୟତମ କାରଣ ଭାବେ ଖୋଜିଲେ ଜାଣିପାରିବା ଯେ, ପୂଜକମାନଙ୍କ ଲାଭଖୋର ମନୋବୃତ୍ତି ଯୋଗୁଁ ଭକ୍ତମାନେ ଆଶ୍ୱସ୍ତି ମଣୁନାହାନ୍ତି। ସେହିଭଳି ପ୍ରସାଦ କିଣିବା କିମ୍ବା ପ୍ରସାଦ ଚଢ଼ାଇବା ପାଇଁ ଉଚ୍ଚଦର ରହିଥିବାରୁ ଭକ୍ତଙ୍କ ମନରେ ଅସନ୍ତୋଷ ମଧ୍ୟ ଦେଖାଦେଉଛି। ଯେଉଁଥିପାଇଁ ଶ୍ରୀମନ୍ଦିର ସଂସ୍କାର ନାମରେ ବର୍ତ୍ତମାନ ଅନେକ ପଦକ୍ଷେପ ନିଆଯାଇ ଏହାକୁ ଶୃଙ୍ଖଳିତ କରିବା ପାଇଁ ପ୍ରଚେଷ୍ଟା ଜାରି ରହିଛି। କିନ୍ତୁ ଏହି ସଂସ୍କାର କାର୍ଯ୍ୟଟି ଅନେକ ବାଦ ବିବାଦ ଓ ଆଇନଗତ ସହାୟତା ମାଧ୍ୟମରେ ଆରମ୍ଭ ହୋଇଛି। ଶ୍ରୀମନ୍ଦିର କ୍ଷେତ୍ରରେ ଯାହାବି ଘଟିଛି ତାହା ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ କରାଯାଉଛି। ଯେଉଁଥିରେ ସଠିକ୍ ନୀତି ନିର୍ଘଣ୍ଟ, ଭକ୍ତଙ୍କୁ ଉତ୍ତମ ବ୍ୟବହାର ଓ ପ୍ରସାଦ ସେବନରେ ସୁବ୍ୟବସ୍ଥା କରାଯିବା ପାଇଁ ଜୋରଦାର ଉଦ୍ୟମ ହେଉଛି। ସେହିଭଳି ପ୍ରସାଦ ଦରକୁ ନେଇ ମଧ୍ୟ ଏକ କମିଟି ଗଠନ ଜରିଆରେ ଏହାକୁ ଶୃଙ୍ଖଳିତ କରାଯିବା ସହିତ ଭୋଜନ ପରିବେଶ ସ୍ୱଚ୍ଛ ରଖାଯିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ତେବେ ପ୍ରଶ୍ନ ଉଠୁଛି ପୂଜକ ଓ ଭକ୍ତଙ୍କ ମଧ୍ୟରେ ସୁସମ୍ପର୍କ ପାଇଁ କଠୋର ଆଇନ ବ୍ୟତିରେକ ଆନ୍ତରିକତାର କିଛି ଅର୍ଥ ନାହିଁ କି ? ଭକ୍ତ ହୁଅନ୍ତୁ ବା ପୂଜକ ଏମାନଙ୍କର ହୃଦୟ ଭିତରେ ସମର୍ପଣ ଭାବ ଓ ସ୍ୱଚ୍ଛ ଭାବନା ଥିଲେ ଏଭଳି ଘଟଣା ଆଦୌ ଘଟନ୍ତା ନାହିଁ। ଏହା ସମ୍ଭବପର ନ ହେବାରୁ ଆଇନର ଚାପକୁ ମାନିନେବା ପାଇଁ ପୂଜକମାନେ ବାଧ୍ୟ ହେବେ। ତେବେ ଏଥିରେ ସଂସ୍କାର ଅପେକ୍ଷା ବୃତ୍ତି ବଞ୍ଚାଇବାର ଭୟ ଅଧିକ ପରିଦୃଶ୍ୟ ହେବ। କିଏ କେତେ ଲାଭବାନ୍ ହେବେ ବା କ୍ଷତିଗ୍ରସ୍ତ ହେବେ ତା' ଅପେକ୍ଷା ଭକ୍ତ, ଭଗବାନ ଓ ଏଥିରେ ମଧ୍ୟସ୍ଥି ଭାବେ କାର୍ଯ୍ୟ କରୁଥିବା ପୂଜକ ସମାଜ ଶାନ୍ତି ଅନୁଭବ କରିପାରିବେ କି ? ଯେଉଁ ଟିକେ ମାନସିକ ଶାନ୍ତି ପାଇଁ ମଣିଷ ଈଶ୍ୱରଙ୍କ ଦ୍ୱାରକୁ ଧାଇଁଯାଏ ସେଠରେ ଯେବେ ମାନସିକ ଅଶାନ୍ତି ସୃଷ୍ଟି କରାଯାଏ ଏଥିରେ କାହାକୁବା ଦୋଷ ଦେଇପାରିବା। ବାଧ୍ୟବାଧକତାରେ ଉପରକୁ ଦିଶୁଥିବା ଶୃଙ୍ଖଳା ଏବଂ ବାସ୍ତବିକ ଶୃଙ୍ଖଳା ମଧ୍ୟରେ ଢେର ପାର୍ଥକ୍ୟ ରହିଛି। ଯେଉଁଦିନ ପର୍ଯ୍ୟନ୍ତ ଆମେ ଆମର ନୈତିକ ଦାୟିତ୍ୱ, କର୍ତ୍ତବ୍ୟ ଓ ସୀମା ପରିସୀମାକୁ ସଠିକ୍ ଭାବେ ଚିହ୍ନଟ କରିପାରିବା ନାହିଁ ସେତେଦିନ ପର୍ଯ୍ୟନ୍ତ ଏହି ବିବାଦ ଉପରକୁ ଭଲ ଭିତରେ ଖରାପ ଭଳି ଭାବ ପ୍ରକାଶ କରିବ। ନିକଟରେ ମଙ୍ଗଳା ମନ୍ଦିରରେ ଜଣେ ମହିଳା ଭକ୍ତଙ୍କୁ ପୂଜକ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ମାଡ ମଧ୍ୟ ମାରିଲେ। ମହିଳା ଭକ୍ତ ଜଣକ ନ୍ୟାୟ ପାଇଁ ଆଇନର ଦ୍ୱାରସ୍ଥ ହେଲା ପରେ ବିଶୃଙ୍ଖଳିତ ପୂଜକଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା। ହେଲେ ଏଥିରେ ପୂଜକ ସମାଜ କ୍ଷୁବ୍ଧ ହୋଇ ନିଜ ଗୋଷ୍ଠୀଙ୍କୁ ସମର୍ଥନ ଜଣାଇ ରାସ୍ତା ଉପରେ ଆନ୍ଦୋଳନ କରିବା ସହିତ ମନ୍ଦିରର ପୂଜା ନୀତିକୁ ମଧ୍ୟ ବନ୍ଦ କରିଦେଲେ। ଏହା କେତେଦୂର ଯଥାର୍ଥ ? ପୂଜକମାନେ ଭାବିବା ଉଚିତ୍ ଯେ, ଭକ୍ତମାନେ ନ ଆସିଲେ କେବଳ ମନ୍ଦିରକୁ ଚାହିଁ ସେମାନେ କ'ଣ ପୂଜକ ଭାବେ ସମାଜରେ ନିଜର ପରିଚୟ ସୃଷ୍ଟି କରିପାରିବେ। ତେଣୁ ପାରସ୍ପରିକ ବୁଝାମଣା, ଭଲ ପାଇବା ଓ ଆଧ୍ୟାତ୍ମିକ ଚିନ୍ତନର ପରିବେଶ ସୃଷ୍ଟି ଉପରେ ପୂଜକମାନେ ଅଧିକ ଗୁରୁତ୍ୱ ଦେଇପାରିଲେ ଏହି ସମସ୍ୟା ଗୁରୁତର ହୁଅନ୍ତା ନାହିଁ। ଭକ୍ତଟିଏ ନିଜ ଆଡୁ କେବେ ଜାଣିଶୁଣି ପୂଜକଙ୍କ ସହିତ ଗଣ୍ଡଗୋଳ ଭିଆଇବାକୁ ଚେଷ୍ଟା କରନ୍ତି ନାହିଁ। ତେଣୁ ଦୁର୍ଘଟଣା ଘଟିବା ପୂର୍ବରୁ ଏହାକୁ ସୁଧାରି ନେଲେ ଏହା ସମସ୍ତଙ୍କ ପାଇଁ ଭଲ।



ସମ୍ପାଦକୀୟ
ତାରକ ମହାନ୍ତି

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ରାଜନୀତିରେ ଓଡ଼ିଶାର କଳା ଐତିହ୍ୟର ଚରିତ୍ର



ଡଃ.ଅରୁନ୍ଧତୀ ଦେବୀ

ପୂର୍ବତନ ସାଂସଦ ବୈଜନ୍ତ ପଣ୍ଡାଙ୍କ ଚିଲିକାରେ ହେଲିକ୍ୟାପ୍ଟର ବୁଲାଇବାର ଘଟଣା ରାଜନୀତିକ ମହଲକୁ ଆନ୍ଦୋଳିତ କରିଛି। ସାଧାରଣରେ ଜୟ ପଣ୍ଡା ବୋଲି କୁହାଯାଉଥିବା ପୂର୍ବତନ ସାଂସଦ ବୈଜନ୍ତ ବାବୁଙ୍କ ଚିଲିକା ଉପରେ ହେଲିକ୍ୟାପ୍ଟର ଉଡ଼ାଇବା ଯେତିକି ପ୍ରାସଙ୍ଗିକ ନୁହେଁ କିନ୍ତୁ ବଡ଼ ପ୍ରସଙ୍ଗ ହେଉଛି ଜନୈକ ଅଣଓଡ଼ିଆ ସାମ୍ବାଦିକ ବନ୍ଧୁଙ୍କ ଓଡ଼ିଶାର କଳାକୃତି ଉପରେ ଟିପ୍ପଣୀ। ବୈଜନ୍ତ ବାବୁଙ୍କ ବନ୍ଧୁ ଅଭିଜିତ୍ ସୋସିଆଲ ମିଡ଼ିଆରେ ଓ ଟ୍ୱିଟ୍ ଦ୍ୱାର ଯେଉଁପରି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ କଳା ସୌନ୍ଦର୍ଯ୍ୟକୁ ନେଇ ଯେଉଁ ଅରୁଚିକର ମନ୍ତବ୍ୟ ଦେଇଛନ୍ତି ତାହା କୋଟି କୋଟି ଓଡ଼ିଆଙ୍କୁ ଦୁଃଖ ଦେଇଛି। ସେହି ଭଦ୍ରବ୍ୟକ୍ତି ଗୋଟିଏ ଟ୍ୱିଟ୍‌ରେ ତଥ୍ୟ ରଖିଛନ୍ତି ଯେ ଜଗନ୍ନାଥ ପ୍ରକୃତରେ କୋଲକତାର ଠାକୁର ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମାକୁ ଦୁଷ୍ଟ କଳିଙ୍ଗର ରାଜା ଚୋରାଇ ନେଇଛନ୍ତି। ପରବର୍ତ୍ତୀ ସମୟରେ ତାଙ୍କ ମନ୍ତବ୍ୟ ହେଉଛି ଓଡ଼ିଶା ବେଙ୍ଗଲୀ ମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଛି। ଓରି ଶଳା ଶବ୍ଦରୁ ଓଡ଼ିଶା ନାମ ହୋଇଛି। ଜଗନ୍ନାଥ ମନ୍ଦିର ଗଙ୍ଗ ମାନଙ୍କ ଦ୍ୱାରା ନିର୍ମାଣ ହୋଇଛି ଯେଉଁମାନେ ପଲ୍ଲବତାମିଲଙ୍କ ଦ୍ୱାରା ତିରସ୍କୃତ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଓ ଭୂଖଣ୍ଡକୁ ବିକୃତ ମନ୍ତବ୍ୟ ଦେଇଛି ଏହି ଭଦ୍ରଲୋକ ମତ ଦେଇଛନ୍ତି ଯେ ଓଡ଼ିଶା ବୋଲି କିଛି ନାହିଁ ଏହା ହେଉଛି ଅବିଭକ୍ତ ବେଙ୍ଗଲର ଦକ୍ଷିଣ ପ୍ରଗଣା ବନାଞ୍ଚଳ। ଏଠାରେ ସୂଚାଇ ଦିଆଯାଇପାରେକି ୨୦୧୭ ସେପ୍ଟେମ୍ବର ୧୪ରେ ଏଭଳି ଟ୍ୱିଟ୍ କରିଥିବା ବ୍ୟକ୍ତିଙ୍କୁ ଓଡ଼ିଶା ଭ୍ରମଣ ନାମରେ ବୈଜନ୍ତ ବାବୁ ନୂଆ ଅପମାନର ମାହଲ ସୃଷ୍ଟି କରିଛନ୍ତି। ଏହି ଭଦ୍ରବ୍ୟକ୍ତିଙ୍କ ସହିତ ଜନୈକ ମହିଳା ଆରତୀ ଟିକୁ ସିଂହ ଥିଲେ। ତେବ ଅଭିଜିତ୍ ନାମକ ଏହି ତଥାକଥିତ ସାମ୍ବାଦିକ ଓଡ଼ିଶା ସଂସ୍କୃତି, ଓଡ଼ିଶାର କଳା ଓ କୋଟି ଆଧ୍ୟାତ୍ମିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ତାଚ୍ଛଲ୍ୟ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି କୋଣାର୍କ ଅପବିତ୍ର ଓ ହିନ୍ଦୁ ବିରୋଧୀ। ଯାହାର କଳା ଭାସ୍କର୍ଯ୍ୟ ମୁସଲମାନ ମାନଙ୍କର ଷଡ଼ଯନ୍ତ୍ର। ଏହା ଟେମ୍ପୁଲ ନୁହେଁ ହମ୍ପଲ୍।

ଜୟଶ୍ରୀରାମ ଧ୍ୱନୀ ଦେଇ ଏହି ବିବାଦୀୟ ବ୍ୟକ୍ତିତ୍ୱ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ନୂଆ ରାମ ମନ୍ଦିର ହେଲେ କୋଣାର୍କ ଭଳି କଳା ଚିତ୍ର ସେଥିରେ ରହିବ ନାହିଁ। ପୁରୀ ଜଗନ୍ନାଥ ମନ୍ଦିରକୁ ମଧ୍ୟ ତାଚ୍ଛଲ୍ୟ କରି ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ଏହି ଓଡ଼ିଆ ଜାତି ପ୍ରତି ଅତ୍ୟନ୍ତ ଦୁଃଖଦ ଟିପ୍ପଣୀ। ଏହି ଭଦ୍ର ବ୍ୟକ୍ତି ବିଶ୍ୱ ପ୍ରସିଦ୍ଧ କୋଣାର୍କ ମନ୍ଦିର ସାମ୍ନାରେ ଠିଆ ହୋଇ କୋଣାର୍କ ମନ୍ଦିର ସମ୍ପର୍କରେ ଅପଶବ୍ଦ ପ୍ରୟୋଗ କରିବା ସହିତ ବିଶ୍ୱସ୍ତରର ଏହି ଐତିହ୍ୟ କୀର୍ତ୍ତିରାଜି ଉପରେ ଅତ୍ୟନ୍ତ ଅରୁଚିକର ଓ କଟୁ ମନ୍ତବ୍ୟ ଦେଇଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଓଡ଼ିଶାର ବିଶେଷକରି କୋଣାର୍କ ମନ୍ଦିରରେ ଖୋଦିତ ହୋଇଥିବା କାମୋଦ୍ଦୀପକ ଚିତ୍ରକୁ ସମାଲୋଚନା କରିବା ସହ ମନ୍ଦିରରେ ଏପରି ଅଶ୍ଳୀଳ ଚିତ୍ର ଯେଉଁଠି ରହିଛି ଏହା କିପରି ପବିତ୍ର ସ୍ଥାନ ବୋଲି ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୁ ମାନଙ୍କ ବିରୋଧରେ କୋଣାର୍କ ମନ୍ଦିର ମୁସଲମାନ ଶାସକଙ୍କ ଏକ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେକି ଜଣେ ଓଡ଼ିଆ ପୁଅ, ଜଣେ ବିଶିଷ୍ଟ ଶିଳ୍ପପତି ଓ ପୂର୍ବତନ ସାଂସଦ ବୈଜନ୍ତ ପଣ୍ଡା ଓଡ଼ିଶାର ଗରିମା ସମ୍ପର୍କରେ ଜାଣିଥିଲେ ମଧ୍ୟ ତାଙ୍କ ତଥାକଥିତ ବନ୍ଧୁଙ୍କୁ ଏଥିରୁ ନିବୃତ୍ତ କରାଇପାରିନାହାନ୍ତି। ଏ ପ୍ରସଙ୍ଗ ବିଧାନସଭାରେ ଭୀଷଣ ଚର୍ଚ୍ଚାର ମାହୋଲ ସୃଷ୍ଟି କରିଛି। ଏହି ଭଦ୍ରବ୍ୟକ୍ତି ମାନଙ୍କ ହେଲିକ୍ୟାପ୍ଟର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ଉପର ଦେଇ ଉଡିଛି। ଶ୍ରୀଜଗନ୍ନାଥ ମନ୍ଦିରଙ୍କ ଉପରକ୍ଷେତ୍ର ନୋ ଫ୍ଲାଇଙ୍ଗ ଜୋନ ଭାବେ ସମସ୍ତଙ୍କୁ ଜଣା। ଅଭିଜିତ୍ ନାମକ ଏହି ତଥାକଥିତ ସାମ୍ବାଦିକ ଜଣକ ଆରଏସ୍ଏସ୍‌ର ବିଚାରକୁ ଉଲ୍ଲେଖ କରିଥିଲେ ବି ଓଡ଼ିଶା ବିଜେପି ଏହାକୁ କଟୁ ସମାଲୋଚନା କରିଛି। ରାଜନୀତିକ ପ୍ରସଙ୍ଗର କ୍ଷେତ୍ର ଅଲଗା କିନ୍ତୁ ଓଡ଼ିଶାର କଳାକୃତି, ପ୍ରାଚୀନ ବୈଭବ ଓ ଲୋକସଂସ୍କୃତିକୁ ଭୁଲ ତଥ୍ୟ ଦେଉଥିବା ଭିନ୍ନ ମତବାଦୀ ମାନଙ୍କୁ ଓଡ଼ିଶାବାସୀ ଗ୍ରହଣ କରିବେତ ? କେବଳ ଜଗନ୍ନାଥଙ୍କ ଦେଶ ଭାବେ ନୁହେଁ କୋଣାର୍କ ଠାରୁ ସାତକୋଶିଆ, ଚିଲିକା ଠାରୁ ଭିତର କନିକା ଓ ଲଳିତଗିରି, ଉଦୟଗିରି, ରତ୍ନଗିରି ପରି ବୌଦ୍ଧ ଐତିହ୍ୟ ଏହି ରାଜ୍ୟକୁ ସମଗ୍ର ବିଶ୍ୱରେ ପରିଚିତ କରିଛି। କିନ୍ତୁ ଅନେକ ସମୟରେ ଦେଖାଯାଏ ଅନେକ ଅଣଓଡ଼ିଆ ନିଜ ସ୍ତରକୁ ଭୁଲି ବାଃ ହାଃ ବାଃହା ନାମରେ ଓଡ଼ିଶାର ସଂସ୍କୃତି ଓ ଗୌରବକୁ ଅପମାନିତ କରିବାର ଦୁଃସାହସ ରଖିଛନ୍ତି। ସମଗ୍ର ବିଶ୍ୱରେ ଓଡ଼ିଶାର ଧର୍ମଧାରା, ଭାଇଚାରା, ଐତିହ୍ୟ ସଂସ୍କୃତି, ଆଧ୍ୟାତ୍ମିକ ଚେତନା ଅନ୍ୟମାନଙ୍କ ପାଇଁ ଆଦର୍ଶଣୀୟ। ଭାରତର ଧର୍ମ ନିରପେକ୍ଷତାକୁ ଗଭୀର ଭାବରେ ଦେଖିଲେ ଜଣାଯାଏ ଓଡ଼ିଶା ହେଉଛି ଏପରି ଏକ ରାଜ୍ୟ ଯେଉଁଠି ସବୁ ଧର୍ମ, ବର୍ଣ୍ଣ, ଲିଙ୍ଗ, ଜାତି, ନିର୍ବିଶେଷରେ ସମସ୍ତେ ଏହି ରାଜ୍ୟ ଓ ଜାତିକୁ ଆଗେଇ ନେବା ପାଇଁ ଅନେକ ଉଦ୍ୟମ ଓ ସଂଘର୍ଷ କରିଛନ୍ତି। କିନ୍ତୁ ଶସ୍ତା ଲୋକପ୍ରିୟତା କିମ୍ବା ଅଜ୍ଞତାର ଅଭାବ ପାଇଁ ଯେଉଁମାନେ ଏହିପରି ମନ୍ତବ୍ୟ ଦେଉଛନ୍ତି ସେମାନଙ୍କୁ କେବଳ ଏହି ଓଡ଼ିଶା ନୁହେଁ କାଳ ବି କ୍ଷମା ଦେବ ନାହିଁ। ଓଡ଼ିଶାର ଭାବନା ଓ ସଂସ୍କୃତିକୁ ଗଭୀର ଦୁଃଖ ଦେଉଥିବା ଏହି ଲୋକମାନଙ୍କୁ ସଚେତନ କରିବା ସହ ଆବଶ୍ୟକ ପଡ଼ିଲେ ଆଇନର ବିଚାରଧାରା ଭିତରେ ଦଣ୍ଡ ଦେବା ପ୍ରୟୋଜନୀୟ ନିଶ୍ଚୟ।

*ଶୋଭନୀୟ ଆନ୍ଦୋଳନ*
*ଭୁବନେଶ୍ୱର*
*ମୋ : ୯୯୩୭୧୭୨୮୧୦*

# ନବୀନଙ୍କ ରାଜନୀତି : ଦାମବାବୁଙ୍କ ନୂଆ ମୋର୍ଚ୍ଚା ସହଯୋଗୀ !



ବାଦଲ ଭୂୟାଁ

ନୂଆଦିଲ୍ଲୀରେ ରାଜ୍ୟର ଶିଳ୍ପ ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦ୍ୟୋଗ ସମାବେଶରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରମୋ ନବୀନ ବାବୁ ବ୍ୟସ୍ତ ଥିବାବେଳେ ଲଗାମହୀନ ତୁଣ୍ଡ ପାଇଁ ଦଳକୁ ଅଡୁଆରେ ପକାଉଥିବା ବରିଷ୍ଠ ନେତା ଦାମୋଦର ରାଉତଙ୍କୁ ବହିଷ୍କାର କରିବା ପ୍ରସଙ୍ଗ ଅନେକ ଘଟଣା ଦିଗକୁ ସୂଚାଉଛି। ଆସନ୍ନ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡ଼ିରୁ ବହିଷ୍କୃତ ହୋଇଥିବା ଓ ଅଣ ବିଜେଡ଼ି କିଛି ରାଜନେତା ବିଜେଡ଼ିକୁ ଟକ୍କର ଦେଲାଭଳି ଗୋଷ୍ଠୀ ଗଠନ କରୁଥିବା ନେଇ ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ନବୀନ ବାବୁଙ୍କ ଏହିପରି ମାଷ୍ଟର ଷ୍ଟ୍ରୋକ ରାଜନୀତି କ୍ୱଚିତ୍ ରାଜନେତାଙ୍କ ପାଖରେ ଦେଖିବାକୁ ମିଳିଥାଏ। ଅତ୍ୟନ୍ତ ସହନଶୀଳ, ଅନେକ କଥା ଶୁଣି ଖୁବ୍ କମ୍ ମତାମତ ଦେବା ସହ କୌଣସି ପରିସ୍ଥିତିରେ ବି ନିଜର କୌଣସି ବିରୋଧିଙ୍କୁ ସାମାନ୍ୟ ପଦଟିଏ ବି ଟିପ୍ପଣୀ ନ ଦେଇଥିବା ଅମାୟିକ ଓ ଭଦ୍ର ତଥା ଥଣ୍ଡା ମିଜାଜ୍‌ର ରାଜନେତା ହେଉଛନ୍ତି ନବୀନ ବାବୁ। ବିଜୟ ମହାପାତ୍ରଙ୍କ ଟିକେଟ କଟା ହେଉ ବା ନଳିନ ମହାନ୍ତିଙ୍କୁ ବିଦାୟ, ପ୍ୟାରୀ ବାବୁଙ୍କୁ ନିଲମ୍ବନ ହେଉ ବା ବୈଜନ୍ତ ପଣ୍ଡାଙ୍କୁ ବିଜେଡ଼ି ବାହାରର ରାସ୍ତା ଦେଖାଇଥିବା ଏହି ରାଜନେତା ଜାତୀୟ ଦଳ ମାନଙ୍କ କ୍ଷେତ୍ରରେ ବି ନିଜର ସ୍ୱତନ୍ତ୍ର ଛାପ ରଖିଛନ୍ତି ଏବଂ ଏହା ହିଁ ହେଉଛି ନବୀନ ବାବୁଙ୍କ ବିଶାଳ ହୃଦୟ ଓ ପରିଚୟର ଅଂଶ ବିଶେଷ। ବିଜୁବାବୁଙ୍କ ଆଦର୍ଶର ମାଳା ଜପୁଥିବା ଦାମ ବାବୁ ତଥାକଥିତ ବିଜୁ ଅନୁଗତଙ୍କ ସହଯୋଗ ନେଇ ବିଜେଡ଼ିକୁ ଅଡୁଆ ପକାଇବା ପାଇଁ ପାଗ ଭିଡୁଛନ୍ତି ବୋଲି ଖବର ପ୍ରକାଶ ପାଉଛି। ୨୦୦୦ ମସିହାରେ ବିଜୟ ମହାପାତ୍ର ବିଜେଡ଼ିରୁ ବହିଷ୍କୃତ ହୋଇଛନ୍ତି। ତେବେ କଥା ହେଉଛି ଏହି ଲେଖା ପ୍ରସ୍ତୁତି ହେବା ପର୍ଯ୍ୟନ୍ତ ଗଣମାଧ୍ୟମରେ ସବୁବେଳେ ନିଜ ଖୋଲା ମତ ରଖୁଥିବା ବିଜୟ ବାବୁ କିନ୍ତୁ ଦାମ ବାବୁଙ୍କ ବହିଷ୍କାର ନେଇ ନୀରବ ରହିଛନ୍ତି। ଦାମ ବାବୁଙ୍କ ବହିଷ୍କାର ଉପରେ ବିଜୟ ବାବୁ କୌଣସି ମତ ବି ଦେଇନାହାନ୍ତି ବା ନୂଆଦଳ ଗଠନ ନେଇ କୌଣସି ନକ୍ସା ବି ସେ ପ୍ରସ୍ତୁତ କରିନାହାନ୍ତି। ୧୯୯୦ରୁ ୧୯୯୫ ବିଜୁ ବାବୁଙ୍କ ସରକାର ସମୟ ହେଉ ବା ୧୯୯୭ରେ ବିଜେଡ଼ି ଗଠନ ପରେ ୨୦୦୦ ମସିହାରେ ବିଜୟଙ୍କ ବହିଷ୍କାର ହେଉ ଏ କ୍ଷେତ୍ରରେ ଦାମ ବାବୁଙ୍କ ଭୂମିକା ମଧ୍ୟ ବେଶ୍ ଚର୍ଚ୍ଚା ରହିଥିଲା। କୁହାଯାଏ ଜନତା ଦଳ ରାଜନୀତିରେ ବିଜୟ ବାବୁଙ୍କ ଭେଟେରାନ ନେତାଙ୍କ ଉ[illegible]ାନକୁ ଦାମବାବୁ ସହି ପାରନ୍ତି ନାହିଁ। ଦାମବାବୁଙ୍କ ବଡ଼ ଭାଇ ପଣିଆକୁ ମଧ୍ୟ ବିଜୟ ମହାପାତ୍ର ଗ୍ରହଣ କରନ୍ତି ନାହିଁ। କିନ୍ତୁ ରାଜନୀତିର କରାଳ ସ୍ରୋତରେ ଓଡ଼ିଶା ରାଜନୀତିର ଏହି ଦୁଇଜଣ ହେବିୱେଟ୍ ଓ ପ୍ରଭାବଶାଳୀ ନେତାଙ୍କର ସମଦଶା ହୋଇଛି।

ବିଜୟ ମହାପାତ୍ରଙ୍କ ପରେ ଦାମବାବୁଙ୍କ ସହ ସାମିଲ ହେବାର ଯେଉଁ ରାଜନୀତିର ଗୁଡ଼ି ଉଡୁଛି ସେଥିରେ କୁହାଯାଉଛି ଯେ ରାମକୃଷ୍ଣ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ବ୍ରଜକିଶୋର ତ୍ରିପାଠୀ, ଦିଲ୍ଲୀପ ରାୟ, ବୈଜନ୍ତ ପଣ୍ଡା ସାମିଲ ହେବେ। ରାମକୃଷ୍ଣ ପଟ୍ଟନାୟକ ବିଜେଡ଼ିରୁ ବହିଷ୍କୃତ ହେବାପରେ ନିଜ ଗଞ୍ଜାମ ଜିଲ୍ଲା ରାଜନୀତିରେ ଆଉ ବଢ଼ି ପାରିନାହାନ୍ତି। ଗଞ୍ଜାମ ଟାଇଗର କୁହାଯାଉଥିବା ଏହି ବିଜେଡ଼ିର ତତ୍କାଳୀନ ପ୍ରଭାବଶାଳୀ ନେତା ନବୀନଙ୍କ ପ୍ରଥମ ମନ୍ତ୍ରୀ ମଣ୍ଡଳରେ ବିଦ୍ରୋହ କରି ବିତାଡ଼ିତ ହେବାପରେ ତାଙ୍କ କଳା ହରଣ ହୋଇଯାଇଛି। ଏହାସହ ତାଙ୍କ ପତ୍ନୀଙ୍କ ରାଜନୀତି ମଧ୍ୟ ଶେଷ ହୋଇଯାଇଛି। ରାମକୃଷ୍ଣ ବାବୁ ଗୁରୁତ୍ୱପୂର୍ଣ୍ଣ ଅର୍ଥମନ୍ତ୍ରୀ ଥିବାବେଳେ ତାଙ୍କ ସହଧର୍ମିଣୀ କୁମୁଦିନୀ ପଟ୍ଟନାୟକ ଆସିକା ସାଂସଦ ଥିଲେ। ଏହି ଦୁଇଜଣ ଦଳରୁ ବିଦାୟ ହୋଇ କଂଗ୍ରେସ ଶିବିରରେ ଯୋଗ ଦେବା ପରେ ସେମାନଙ୍କ ରାଜନୈତିକ ପ୍ରଭାବ ସମ୍ପୂର୍ଣ୍ଣ ପ୍ରଭାବହୀନ ହୋଇଯାଇଛି। ବ୍ରଜକିଶୋର ତ୍ରିପାଠୀ ବିଜେଡ଼ିର ପୁରୀ ସାଂସଦ ହୋଇ ନବୀନ ବାବୁଙ୍କ ସୁପାରିଶରେ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ଇସ୍ପାତ ମନ୍ତ୍ରୀ ଥିଲେ। ବିଜେଡ଼ି ଛାଡ଼ିବା ପରେ ସେ ନିଜେ ଗଢ଼ିଥିବା ସମତାକ୍ରାନ୍ତୀ ଦଳ କେବଳ କାଗଜ କଲମରେ ରହିଯାଇଛି। ସେହିପରି ନବୀନ ବାବୁଙ୍କ କ୍ୟାବିନେଟରେ ଅତ୍ୟନ୍ତ ପ୍ରଭାବଶାଳୀ ଅର୍ଥମନ୍ତ୍ରୀ ଥିବା ପଞ୍ଚାନନ କାନୁନ୍‌ଗୋ ଦିନେ ଭାରି ଶକ୍ତିଶାଳୀ ଥିଲେ। କିନ୍ତୁ ବିଜେଡ଼ିରୁ ବିଦାୟ ହେବା ପରେ ପ୍ରଥମେ ସମୃଦ୍ଧ ଓଡ଼ିଶା ଓ ପରେ ସ୍ୱାଧୀନ ଭାବେ ନିର୍ବାଚନରେ ଲଢ଼ି ଆଉ ସଫଳ ହୋଇନାହାନ୍ତି। ସେହିପରି ନବୀନ ବାବୁଙ୍କ ରାଜନୈତିକ ପ୍ରତିପତ୍ତିକୁ ଜବାବ ଦେଇ ବୈଜନ୍ତ ପଣ୍ଡା ଦଳରୁ ବିଦାୟ ହେବା ପରେ ଏଯାଏ କେଉଁ ଦଳକୁ ଯିବେ ସେ ଆଉ ଠିକ୍ କରିପାରୁନାହାନ୍ତି। କିନ୍ତୁ ଦିନ ଥିଲା ସେ ନବୀନଙ୍କ କୋଟରୀର ଶକ୍ତିଶାଳୀ ସଭ୍ୟ ଥିଲେ ଓ ଏକଦା ନବୀନ ବାବୁଙ୍କର ସେ ଜଣେ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଥିଲେ। ସେହିପରି ଦିଲ୍ଲୀପ ରାୟ ବିଜେପିରେ ଥାଇମଧ୍ୟ ନଥାଇ ପରି। କିନ୍ତୁ ଦିନ ଥିଲା ତାଙ୍କ ରାଜନୈତିକ ବ୍ୟକ୍ତିତ୍ୱ ଆକାଶକୁ ଛୁଇଁଲାପରି ଥିଲା। ସେହିପରି ପ୍ରଫୁଲ୍ଲ ଘଡ଼େଇଙ୍କ ନାମ ଦାମବାବୁ ନୂଆ ମୋର୍ଚ୍ଚା ଗଠନରେ ଶୁଣାଯାଉଥିଲେ ମଧ୍ୟ ପ୍ରଫୁଲ୍ଲ ବାବୁଙ୍କ ପରି ଅତ୍ୟନ୍ତ ଅଭିଜ୍ଞ ଓ ସବୁଦିଗର ରାଜନୀତିକୁ କଳନା କରିଥିବା ଏହି ରାଜନେତା ଯେ ଦାମବାବୁଙ୍କ ସହିତ ରହିବେ ତାହାକୁ ରାଜନୈତିକ ସମୀକ୍ଷକମାନେ ବିଶ୍ୱାସକୁ ନେଉନାହାନ୍ତି। ପ୍ରଫୁଲ୍ଲଙ୍କ ପୁଅ ପ୍ରୀତିରଞ୍ଜନ ଘଡ଼େଇ ବିଜେଡ଼ିର ସୁକିନ୍ଦା ବିଧାୟକ ଅଛନ୍ତି। ବିଜୁ ଅନୁଗତ ଓ ବିଜୁ ଆଦର୍ଶରେ ଅନୁପ୍ରାଣୀତ ହୋଇଥିବା ଉପରୋକ୍ତ ବରିଷ୍ଠ ରାଜନେତାମାନେ ଦାମବାବୁଙ୍କ ନୂଆ ମୋର୍ଚ୍ଚାରେ ସାମିଲ ହେବାର ଅନେକ ଅସ୍ପଷ୍ଟ ବାର୍ତ୍ତା ରହୁଛି। ବିଜେପି ବା କଂଗ୍ରେସ ଠାରୁ ନିଜ ତମାମ ଜୀବନର ରାଜନୀତିରେ ଦାମ ବାବୁ ଥିବାରୁ ଏହି କୌଣସି ଦଳକୁ ସେ ଯିବାର ସମ୍ଭାବ୍ୟ ଲାଗୁ ନାହିଁ। ହୁଏତ ଏହି ଦୁଇ ଜାତୀୟ ଦଳ ବିଜେଡ଼ି ବିରୁଦ୍ଧରେ ସେମାନଙ୍କ ଯୋଜନାବଦ୍ଧ ରଣନୀତିରେ ଦାମ ବାବୁଙ୍କ ପରି ହେବିୱେଟ ନେତାଙ୍କୁ ଅସ୍ତ୍ର କରିପାରନ୍ତି। ଦାମ ବାବୁ ଉଠାଇଥିବା ଦଳର ଅନେକ ଦୁର୍ନୀତି ପ୍ରସଙ୍ଗ ଦୁଇ ରାଜନୈତିକ ବିରୋଧି ଦଳକୁ ଶକ୍ତିଶାଳୀ ଅମୋଘ ଅସ୍ତ୍ର ଦେଇଛି। ବିଜେଡ଼ି ବା ନବୀନ ବାବୁଙ୍କ ବିରୁଦ୍ଧରେ ସେପରି ଆଖି ଦୃଶିଆ ଅଭିଯୋଗ ନଥିବାବେଳେ ଦାମବାବୁଙ୍କ ଏହି ନୂଆ ବିରୋଧୀ ନୀତି ସେମାନଙ୍କୁ କେତେ ଶକ୍ତିଶାଳୀ କରିବ ତାହା ଆଗାମୀ ସମୟ ତ ନିଶ୍ଚିନ୍ତ କହିବ କାରଣ ପ୍ୟାରୀ ବାବୁଙ୍କ ପରି ରାଜନୈତିକ ବିଚକ୍ଷଣ ଚାଣକ୍ୟଙ୍କ ବ୍ୟତୀତ ନବୀନ ବାବୁଙ୍କ ରାଜନୀତି କେଉଁଠି ବି ଅଟକି ନଥିଲା। ସେଥିପାଇଁ କୁହାଯାଏ ରାଜନୀତିରେ ସବୁ କିଛି ସମ୍ଭବ। ଦାମବାବୁ ତାଙ୍କ ନୂଆ ସାଥୀ ମାନଙ୍କୁ ନେଇ ଓଡ଼ିଶା ରାଜନୀତିରେ ବିଜେଡ଼ି ଓ ନବୀନ ବାବୁଙ୍କୁ କେତେ ଅଡୁଆରେ ପକାଇ ରାଜନୈତିକ ସମୀକରଣ ବଦଳାଇବାକୁ ସକ୍ଷମ ହେବ ସେ ଉତ୍ତର ଆଗାମୀ ସମୟ ହିଁ ଦେବ।

*ପୁରୁଣା ସୋନାରୀ, ଜାମସେଦପୁର*
*ମୋ : ୭୪୮୮୯୯୮୫୩୨*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୨୩

**"ଚାଲଇ ରାଜନ ହୋଇ ହୃଷ୍ଟମନ**
**ପଛକୁ ନ ଚାହିଁ ପୁଣି।**
**ପୁତ୍ରର ବେଭାର ହୃଦରେ ଜାଣିଣ ଗୃହେ**
**ଲେଉଟିଲେ ରାଣୀ ॥"**

ବନ୍ୟ ପଥପ୍ରାନ୍ତ ବଟବୃକ୍ଷ ମୂଳରେ ବସି ଗୁରୁହାଡ଼ିପା ଶିଷ୍ୟ ଗୋବିନ୍ଦଙ୍କୁ ଯୋଗବିଦ୍ୟାର ଆଚରଣ ବିଧି ସଂପର୍କରେ ବୁଝାଉଥିଲେ। ହାଡ଼ିପା କହିଲେ-ବତ୍ସ ଗୋବିନ୍ଦ,ମନୁଷ୍ୟ ହୃଦୟରେ ଜ୍ଞାନର ଅସରନ୍ତି ଭଣ୍ଡାର ରହିଛି। ମାତ୍ର ଜଗତ ବୁକୁରେ କଳିଯୁଗ ପ୍ରବେଶ କାରଣରୁ ସବୁ କ୍ଷେତ୍ରରେ ଅଜ୍ଞାନତା ବିସ୍ତାର କରିଛି। ସେଇ ଅଜ୍ଞାନ ଅନ୍ଧକାର ଭିତରେ ଐଶ୍ୱରୀକ ଚିନ୍ତନରୁ ମନୁଷ୍ୟ ଦୂରେଇ ଯାଉଛନ୍ତି। ଦୂରେଇ ଯାଉଥିବା ମାନବଙ୍କୁ ପୁନଃର୍ବାର ବିଭୁକୃପା ପ୍ରାପ୍ତ ନିମନ୍ତେ ଯେଉଁ ଅଭ୍ୟାସ କରିବାକୁ ପଡ଼େ ତାହାର ନାମ ସାଧନା। ତୁମେ ରାଜକୀୟ ଢଙ୍ଗରେ ଜୀବନ ଅତିବାହିତ କରୁଥିଲ। ରାଜ୍ୟ,ପ୍ରଜା ଓ ସୈନ୍ୟସାମନ୍ତଙ୍କ ଗହଣରେ ରହି ଈଶ୍ୱରବିଦ୍ୟା କଣ ଜାଣି ନ ଥିଲ। ଏବେ ତୁମେ ସାଧନା ପଥରେ ପାଦ ଥାପିଛ। ସାଧନାର ପଥ କଣ୍ଟକମୟ,କିନ୍ତୁ ଫଳ ଅତି ମଧୁର। ସଂପ୍ରତି ତୁମେ ସେଇ ଅମୃତତ୍ୱ ସନ୍ଧାନରେ ଯାତ୍ରା ଆରମ୍ଭ କରିଛ। ଯନ୍ତ୍ରଣାର ଜାଲରେ ଛନ୍ଦି ହୋଇ ଅଟକି ଯିବା ତୁମର କାମ୍ୟ ନୁହେଁ। ସମସ୍ତ ଘାତ ପ୍ରତିଘାତକୁ ଅତିକ୍ରମ କରି ସୋପାନ ପରେ ସୋପାନ ଡେଇଁ ମାଡ଼ିଚାଲ। ମନରେ ଜୟ ପରାଜୟର ତର୍କ ସୃଷ୍ଟି କର ନାହିଁ। ବିଶ୍ୱାସରେ ଭଗବାନ ବିଦ୍ୟମାନ ! ପ୍ରାତଃରୁ ରାତ୍ରିର ଶୟନ ପର୍ଯ୍ୟନ୍ତ ସଦାସର୍ବଦା ଅମରଦାତା ବିଷ୍ଣୁଙ୍କ ପ୍ରତି ବିଶ୍ୱାସ ରଖ।

ହାଡ଼ିପା ପୁଣି କହିଲେ- ହେ'ଗୋବିନ୍ଦ,ଯୋଗ ସାଧନାରେ ଲଜ୍ଜ୍ୟା ବଡ଼ ବାଧକ। ନିର୍ଲଜ୍ଜ,ନିର୍ବୋଧ, ନିମିତ୍ତ ସ୍ତରରେ ପହଞ୍ଚି ପାରିଲେ ଯୋଗବିଦ୍ୟା ସହଜସାଧ୍ୟ ! ଆହାର ବିହାରରେ ଅରୁଚିବୋଧ ଅନୁଭବ କଲେ ଯାଇଁ ଶୀଘ୍ର ସଫଳତା ମିଳିବ। ମନ ଓ ଦେହରୁ ଆଳସ୍ୟ ତ୍ୟାଗ କର। ବୈଷୟିକ ସର୍ତ୍ତ ଯାହା ମନକୁ ଆସିବ ସବୁ ଦୂରକୁ ଫିଙ୍ଗି ଦିଅ ! ତାପରେ ଦେଖିବ ସେଇ ନିରାକାରନାଥଙ୍କର ନୀଳମଣି ନୀଳକାଞ୍ଚନ ରୂପ କେତେ ସୁନ୍ଦର ! ତୁମେ ଗୁରୁ ଆଜ୍ଞା ପାଳନ କରି ତ୍ରିଦିବସ ନିଜ ନଗ୍ରରୁ ପଞ୍ଚଦ୍ୱାର ଭିକ୍ଷା ଗ୍ରହଣ କଲ। ଏବେ ତୁମେ ମୋର ସହିତ ଦେଶାନ୍ତର ଯାତ୍ରା ଆରମ୍ଭ କରିବ। ବେତାଳଗଣଙ୍କୁ ନଗ୍ର ସଫେଇରେ ନିୟୋଜନ କରି ତୁମ ସଙ୍ଗରେ ଯିବା ନିମନ୍ତେ ଆମ୍ଭେ ପ୍ରସ୍ତୁତ। ବଟବୃକ୍ଷ ମୂଳେ ଏପରି କଥୋପକଥନ ଭିତରେ ରାତ୍ରର ଶେଷ ପ୍ରହର ଉପନିତ ହେଲା। ଉଭୟେ ଗୁରୁ ଶିଷ୍ୟ ପ୍ରାତଃକର୍ମ ସାରି ମଥାରେ ତିଳକ ମଣ୍ଡନ କଲେ। ସୂର୍ଯ୍ୟଙ୍କୁ ନମସ୍କାର ଜଣାଇ ପଦଯାତ୍ରା ଆରମ୍ଭିବା ଉଦ୍ଦେଶ୍ୟରେ ପ୍ରତୀକ୍ଷା କରିଥିବା କାଳରେ ରାଣୀ ମୁକ୍ତାଦେଈ ଆସି ପହଞ୍ଚିଲେ। ଗୁରୁ ଶିଷ୍ୟଙ୍କର ପରଦେଶ ଭ୍ରମଣ ସମ୍ବାଦ ପାଇ ମୁକ୍ତାଦେଈ ଧାଇଁ ଆସିଥିଲେ। ପ୍ରିୟ ପୁତ୍ର ଗୋବିନ୍ଦର ରାଜକୀୟ ପୋଷାକ ପରିବର୍ତ୍ତେ ଯୋଗୀବେଶ ଦେଖି ନୟନରୁ ଲୁହ ଝରାଇଲେ। ହାୟରେ ବିଧାତା ଏ କି କଲୁ କହି କପାଳରେ କର ମାରିଲେ। ମା'କୋଳରୁ ଯୁବାପୁତ୍ରକୁ ଛଡ଼ାଇ ନେବା ଉଦ୍ଦେଶ୍ୟରେ କେତେଦୁଃଖ ଅଜାଡ଼ି ଦେଲ କହି ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲେ। ହାଡ଼ିପା କହିଲେ,ମାତା ମୁକ୍ତାଦେଈ, ତୁମେ ସାକ୍ଷାତ ଶିବାନନ୍ଦ ଗୋରେଖ ଗୋସାଇଁଙ୍କ ଶିଷ୍ୟା। ତୁମେ ଜାଣିଛ ସଂସାର ମୋହ ଜନ୍ମମୃତ୍ୟୁ ଚକ୍ରକୁ ଆମନ୍ତ୍ରଣ କରିଥାଏ ! ସେଇ ଚକ୍ରର ଛେଦନରେ ମୋହଯୁକ୍ତ ଜୀବର ବାରମ୍ବାର ମରଣ ଘଟୁଥାଏ ! ତୁମେ ଗୋରେଖଙ୍କ ଆଜ୍ଞାରେ ପୁତ୍ରକୁ ଅକାଳ ଯମଦଣ୍ଡରୁ ରକ୍ଷା କରିବା ନିମନ୍ତେ ଯେଉଁ ପଦକ୍ଷେପ ନେଇଛ,ତାହା ଯୁଗେ ଯୁଗେ ଅମର ହୋଇ ରହିବ। ଜଗତର ନାରୀମାନଙ୍କୁ ଜନନୀର କର୍ତ୍ତବ୍ୟବୋଧତା ଦୀକ୍ଷା ଦେଇ ତୁମେ ମହୀୟସୀ ହୋଇ ଯାଇଛ ! ଦେଶାନ୍ତରର ବିଦାୟ ବେଳାରେ ମା'ର ଅବୁଝା ମନକୁ ଥୟ କରିବା ଭାବ ଧରି ଅନ୍ଧକାର ଭୋର ବେଳାରେ ଚାଲିଆସିଛ ! ଧନ୍ୟ ତୁମେ ମାତା, ସଫଳ ହେଉ ତୁମର ଲକ୍ଷ୍ୟପଥ !

ଗୋବିନ୍ଦ ମୁକ୍ତାଦେଈଙ୍କ ପୟରରେ ସାଷ୍ଟାଙ୍ଗେ ପ୍ରଣିପାତ କଲେ। ମୁକ୍ତାଦେଈ ପୁତ୍ରର ସହାସ୍ୟ ବଦନକୁ ଚାହିଁ କୁଣ୍ଢାଇ ଧରିଲେ। ମଥାକୁ ସାଉଁଳି ଚୁମ୍ବନ ଦେଲେ ! ଗୋରେଖ ଗୋସାଇଁଙ୍କୁ ସ୍ମରଣ କରି କହିଲେ, ଅଜର ଅମର ହୁଅ ପୁତ୍ର ! ଅନାଦି ନାରାୟଣ ତୋତେ ଜଳ,ସ୍ଥଳ, ଆକାଶରେ ରକ୍ଷା କରନ୍ତୁ। ମୋର ମନରୁ ତୋର ଅକାଳ ମୃତ୍ୟୁ ଭୟ ଏବେ ଅପସରି ଯାଇଛି ! ଗୁରୁଙ୍କ ପଦାଙ୍କ ଅନୁସରଣ କରି ଅମରତ୍ୱ ପ୍ରାପ୍ତ ହେବା ସମ୍ଭବ ! ସିଦ୍ଧଯୋଗୀମାନେ ସିଦ୍ଧଯୋଗୀଙ୍କୁ ଜନ୍ମ ଦେଇଥାନ୍ତି ! ରୂପାନ୍ତରିତ ପ୍ରକ୍ରିୟାରେ ନବ କଳେବର କରାଇ ସ୍ୱଶରୀରରେ ସିଦ୍ଧ କରାଇ ଦିଅନ୍ତି ଗୁରୁ ! ଭକ୍ତିର ସହିତ ଗୁରୁଙ୍କ ସେବା କଲେ,ଗୁରୁଙ୍କ ଭିତରେ ଜଗତ୍‌ଗୁରୁ ଶ୍ରୀକୃଷ୍ଣ ଦର୍ଶନ ଦିଅନ୍ତି ! ସେଇ ମହାର୍ଘ ଦର୍ଶନରେ ଜୀବ ମୋହିତ ହୋଇ ମାୟାସଂସାରକୁ ତ୍ୟାଗ କରିଥାଏ ! ସଂସାର ଜଗତରେ ଗର୍ଭଧାରୀ ମାତା, ଚିତ୍ ଜଗତରେ ଗୁରୁ ସର୍ବମଙ୍ଗଳର କାରଣ ! ଏବେ ତୁ ମା'ର କଲ୍ୟାଣ ଗୁରୁଙ୍କ ପରାମର୍ଶରେ ଯମଦଣ୍ଡରୁ ମୁକ୍ତ ହୁଅ ପୁତ୍ର ! ମାତାଙ୍କ ବଚନ ଶୁଣି ଗୋବିନ୍ଦ କହିଲେ,ମାତା,ଯେଉଁ ପୁତ୍ରକୁ ଯୋଗୀକୁଳରେ ସମର୍ପି ଦେଲ,ତା ପାଇଁ ପୁଣି କ୍ରନ୍ଦନ କରୁଛ କାହିଁକି ? ମଲା ଗଲା ପରି କରିଲ ଜନନୀ ଏବେ ଭାଳୁଛ କିମ୍ପାଇ ! ରାଜ୍ୟ ଛାଡ଼ି ପରଦେଶ ଯିବା ସମୟରେ ତୁମେ ଦର୍ଶନ ଦେଇ କୃତାର୍ଥ କରିଦେଲ ! ଯାଅ ମାତା,ତୁମ ନାରୀଶକ୍ତି ପ୍ରୟୋଗ କରି ଭଲରେ ଭଲରେ ପ୍ରଜାପାଳନ କର ! ବିଦାୟ ଦିଅ ଜନନୀ,ବିଦାଅ ଦିଅ, କହି ଗୋବିନ୍ଦ ଏକାଲୟରେ ଗୁରୁଙ୍କ ପଶ୍ଚାତ୍ ଧାବନ କଲେ। ଯେଉଁ ପୁତ୍ର ଦିନେ ଯୋଗୀ ହେବା ନିମନ୍ତେ ଅରାଜି ଥିଲା,ଆଜି ସେଇ ଅବୁଝା ଅଝଟିଆ ପୁତ୍ରର ହରଷ ବଦନର ଚାଲି ଦେଖି ମୁକ୍ତାଦେଈ ବହୁତ ଆନନ୍ଦିତ ହେଲେ। ମନୋକାମନା ପୂରଣ କରିଥିବାରୁ ଶିବ ପାର୍ବତୀଙ୍କୁ ପ୍ରଣତି ଜଣାଇଲେ ! ଗୁରୁ ଶିଷ୍ୟଙ୍କ ପଦଯାତ୍ରାର ଅନେକ ବାଟ ଯାଏଁ ଚାହିଁ ରହି ରାଜନବରକୁ ପ୍ରତ୍ୟାବର୍ତ୍ତନ କଲେ ! ହରି ଓଁ ତତ୍‌ସତ୍ !

*ଦୂରଭାଷ-୯୬୬୮୬୩୧୨୫୭*



ଉପନ୍ୟାସ

ଡ. ମୌସୁମୀ ପରିଡ଼ା

# ଅମୁହାଁ ଦେଉଳ

ଭାଗ-୫୧

**ତା** ବାପାଠୁ ବେତ ପାହାର ଖାଇ ବି ତୋ ସ୍ୱପ୍ନ ଦେଖିଛି। ଝଡିବତାସରେ ବି ତୋ ପାଇଁ ଦୀପ ଜାଳିବାକୁ ମନ୍ଦିର ଧାଇଁଛି। ସବୁବେଳେ ପୋଡାମୁହିଁ ଅଲକ୍ଷଣି ଗାଳି ଓ ନିନ୍ଦା ଅପବାଦ ଭିତରେ ତା ଦେବାକୁ କିନ୍ତୁ କେବେ ଭୁଲିନି। ତୁ ତାକୁ ତୋ ଜୀବନରୁ କାଟିକି ଫିଙ୍ଗିଦେଲୁ କିପରି! ଦେବଦାସ କାନ୍ଦୁଥାଏ ପିଲାଙ୍କ ପରି! ଏସବୁ ସେ କେବେ ବି ଭାବିନି। କାହିଁକି ଭାବିପାରିନି? ତା ମାଆର ଶେଷ ଇଛାକୁ ବି ସେ ପୂର୍ଣ୍ଣ କରିପାରିଲାନି? ଇସ୍ ସେ କେତେ ହତଭାଗ୍ୟ ପୁଅଟିଏ! ସବୁ ଶିକ୍ଷା, ଅର୍ଥ, ପ୍ରତିପତି, ସମ୍ମାନ ତୁଚ୍ଛ ଲାଗୁଛି ଏବେ।

ହୃଷି ସେମିତି କହିଚାଲିଥାଏ-ବଢିଲା ବୟସରେ ଯେତେବେଳେ ଝିଅମାନେ ପରଘରକୁ ସଂସାର ରଚିବାକୁ ଯାଉଥିଲେ ସେ କିନ୍ତୁ କୁଆଡକୁ ମନ ନବଳେଇ ଚାତକ ପରି ଚାହିଁରହିଲା ତୋ ଫେରିବା ବାଟକୁ। ତୁ ଫେରିଲୁନି କି ସେ ବାହା ହେଲାନି। ତା ଭିତରେ ତା ବାପା ଚାଲିଗଲେ। ସାହିଲୋକଙ୍କ ଟାହିଟାପରା କଥାକୁ ଖାତିର୍ ନକରି ସେ ଏଇଠି ପଡିରହିଛି ତୋ ଭିଟାମାଟିରେ। ତା ପରଠାରୁ ଅନ୍ତହୀନ ପ୍ରତୀକ୍ଷା। ବାରବର୍ଷର ବାରଓଷା କରେ ସେ। ତୋ ମାଆର ଶ୍ରାଦ୍ଧ ବାର୍ଷିକୀରେ ପିଲାମାନଙ୍କୁ ଡାକି ଖୁଆଏ। ତୋ ମାଆର ପ୍ରତିଶ୍ରୁତିକୁ ପାଳନ କରିବାକୁ ତା ବାପା ପ୍ରତି ଥିବା କର୍ତବ୍ୟକୁ ଅବହେଳା କରିଛି ବୋଲି ଦୁଃଖରେ ଚାଲିଗଲା ସେ ମୃତ୍ୟୁକାମୀ ନାରୀ। ଆଉ ସେଥିପାଇଁ ତୁ ହିଁ ଦାୟୀ। ପାରୋର ସର୍ବନାଶରେ ଦେବଦାସ ହିଁ ଦାୟୀ। କିନ୍ତୁ ଦେବଦାସ ଦୁନିଆର ପରିପୂର୍ଣ୍ଣତା ପାରୋର ତ୍ୟାଗ,ଝାଳ ଓ ରକ୍ତ..ମୃତ୍ୟୁରେ!!

ଦେବା ଦେଖୁଥିଲା ପାରୋର କୋକେଇ ବନ୍ଧା ହେବା ବେଳେ ହୃଷି ତା ମଥା ଉପରେ ଆଣି ରଖିଦେଇଥିବା ଗୋଟେ କାଗଜ ଭର୍ତି ବସ୍ତାକୁ। ଏବେ ଆଉ ସେସବୁର ମୂଲ୍ୟ କିଛି ନାହିଁ। ଚିଠିମାନେ ଉଡୁଥିଲେ ବତାସ ପବନରେ। ଦେବା ଗୋଟେ ପରେ ଗୋଟେ ଚିଠି ପଢୁଥିଲା..ସବୁତକ ଭିଜୁଥିଲେ ତା ଲୁହରେ। ଏତେ ଆବେଗ ଥିଲା ତା ଭିତରେ? ଅଥଚ ଦେବା ତାକୁ କେବେ ତା ପାଖ ମଡେଇ ଦେଇନି। ତା ବିଷୟରେ ଥରୁଟେ ଭାବିନି ବି। କେମିତି ସେ ଏତେ ନିଷ୍ଠୁର ପାଲଟିଯାଇଥିଲା।

ଖୁବ୍ ବଡ ପରିହାସ କରିଛନ୍ତି ଈଶ୍ୱର ତା ସହିତ। ତା ସ୍ୱପ୍ନ ଏଇଠି ଗାଁରେ ଜନ୍ମି,ବୃଦ୍ଧି ପାଇ ମରିଗଲା..ଅଥଚ ସେ ଅନ୍ୟ ପାଣି ପାବନରେ ଖୋଜୁଛି ନିଜକୁ? କିନ୍ତୁ ପାରୋର ଲୁହ କେବେ ଅନ୍ୟଥା ଯିବନି। ତା ସଙ୍କୋଚତାର ନିଆଁ ଧାଁସରେ ଦେବାର ଜୀବନ ପାଉଁଶରେ ଭରିଯିବ ନିଶ୍ଚୟ। ଆଜିଯାଏଁ ବି ସେ କୋଉ ସୁଖୀ ହୋଇପାରିଛି! ସାରା ଜୀବନ ଜଂଜିର ଲଗା କୁକୁରଟେ ଭଳି ଜୀବନ ବିତାଉଛି! ବାପା ହେବାର ସୌଭାଗ୍ୟ ବି ନାହିଁ..! ସାରା ଜୀବନର ଏକାକୀତ୍ୱ ତା କପାଳରେ! ଆଃ..କି ଦୁର୍ଭାଗ୍ୟ ତାର। ପ୍ରକୃତ ପ୍ରେମକୁ ଉପେକ୍ଷା କରି ସେ କୋଉ ଅବାଟକୁ ଚାଲିଗଲା! ଆଖିରୁ ଲୁହ ଶୁଖୁନଥିଲା। କିନ୍ତୁ ପାଟିରୁ ଶବ୍ଦଟେ ବି ବାହାରୁନଥିଲା। ସେ ଥିଲା ବିବାକ୍। କାନ୍‌ଭାସର ଚିତ୍ରଟେ ପରି ସ୍ଥାଣୁ ପାଲଟିଯାଇଥିଲା ସେ ସେଇଠି। ପାରୋ ମୁଠିଏ ପାଉଁଶ ପାଲଟି ସାରିଥିଲା। ଆଉ ହୃଷି ପାଲଟିଯାଇଥିଲା ଲୁହର ଝରଣା।

ଫ୍ଲାଇଟ୍ ଚାଲିଯାଇଥିଲା ତା ନିର୍ଦ୍ଧାରିତ ସମୟରେ। ତନ୍ଦ୍ରା କଂଟାକ୍ଟ କରିକରି ଥକି ପଡିଲା। ମୋବାଇଲ୍ ସ୍ୱିଚ୍ ଅଫ୍ ଦେଖାଉଛି! ବ୍ୟସ୍ତ ହୋଇପଡୁଛନ୍ତି ତନ୍ଦ୍ରା ଓ ତା ପାପାମାମା। ଏମିତି ତ କେବେ ହୁଏନି। ଦେବା ସବୁବେଳେ କହିଥିବା ସମୟରେ ହିଁ ଫେରିଆସେ। ତନ୍ଦ୍ରାର ଆଦେଶକୁ ଅମାନ୍ୟ କରିବାର ଶକ୍ତି ନାହିଁ ତାର। ତେବେ କଣ ଘଟିଲା ସେଠି? ଅନେକ ବର୍ଷ ହେବି ଓଡିଶା ଯାଇନି ବୋଲି କିଛି ଅସୁବିଧା ଘଟିଲା ନା ଆଉକିଛି ଅକଳ୍ପନୀୟ ଘଟଣା? ଏମିତି ଅହେତୁକ ଆଶଙ୍କାରେ ରହିଲେ ସମସ୍ତେ। ସ୍ପେଶାଲ୍ ମେସେଞ୍ଜର୍ ଯାଇ ତୁରନ୍ତ ଦେବାକୁ ଖୋଜି ତା ସୁଖସୁବିଧା ଅନୁସାରେ ଫ୍ଲାଇଟ୍‌ରେ ନେଇଆସିବ ନିଜଯାଗାକୁ। ତନ୍ଦ୍ରା ସବୁ ବ୍ୟବସ୍ଥା ବି କରିସାରିଲାଣି।

ଦେବାକୁ ଫ୍ଲାଇଟ୍‌ରେ ଅଣା ଯାଇଛି ବ୍ୟାଙ୍ଗାଲୋର୍। ଖୁବ୍ ଯତ୍ନ ନିଆଯାଉଛି ତାର। ଘଡିକେ ପ୍ରହରେ ଡାକ୍ତର ଆସି ଦେଖିଯାଉଛନ୍ତି। କିନ୍ତୁ ଅନେକ ଦିନରୁ ସେ ପଦୁଟେ ବି କହୁନି। ସେମିତି ମୂର୍ଚ୍ଛିତ ହୋଇ ବିଛଣାରେ ପଡିଛି ଅସହାୟ ମୁଦ୍ରାରେ। କେବେ କେମିତି ଲୁହ ଝରିଆସୁଛି ଆଖିରୁ। ଓଠ ଥରି ଉଠୁଛି। ଡାକ୍ତର କହୁଛନ୍ତି-ଗୋଟେ ବଡ ସକ୍ ହୋଇଛି। ସମୟ ଲାଗିବ।

ତନ୍ଦ୍ରା ଭାବୁଥିଲା-ରେଣୁକାର ଲୁହ ଓ ଅସନ୍ତୋଷ ବୋଧେ ତା ଉପରେ ପଡିଛି! ଏମିତି ଅନ୍ୟାୟ ଭାବେ ନିଜ ସୁଖ ପାଇଁ କାହାଠାରୁ କାହାକୁ ଛଡାଇବା ଅନୁଚିତ୍। ଆଜିଯାଏଁ ପ୍ରାୟଶ୍ଚିତ ସ୍ୱରୂପ ନିଜେ ମାଆ ତ ହୋଇପାରିଲାନି। ଆଉ ଏବେ ହଠାତ୍ ଦେବଦାସ କୋମାରେ..! ସେ ଚାହିଁଥିଲା ଝର୍କା ସେପଟର ପୃଥିବୀକୁ। ଲାଗୁଥିଲା ପାରୋ ବଂଚିଛି..! ତା ଭିତରେ ..ତା ଅନ୍ତରାତ୍ମାରେ! ଏତେ ତ୍ୟାଗ କରି ଜଣେ କଣ ଏମିତି ମରିଯାଇପାରେ? ନିଜକୁ ମୁକ୍ତ କରିନେଇପାରେ ଅନ୍ୟଠାରୁ?

ନା..। ସେ ନିଶ୍ୱାସଟେ ହୋଇ ରହିଯାଇଛି ତା ଭିତରେ। ଏ ସଂସାରରୁ ଯିବା ଯାଏଁ ସେ ତା ସହିତ ଥିବ। ପାରୋମାନଙ୍କର ମୃତ୍ୟୁ ହୁଏନି। ପ୍ରେମ ପାଇଁ କେବେ ପାରୋ ତ କେବେ ଦେବଦାସକୁ ଏମିତି ମରିବାକୁ ହୁଏ। ଉଭୟ ଏକତ୍ର ବଂଚିପାରିବେନି ବୋଲି ବୋଧେ ପରସ୍ପରକୁ ପ୍ରେମ କରନ୍ତି,ଉପେକ୍ଷା କରନ୍ତି ଆଉ ପିଠି କରି ଚାଲିଯାଆନ୍ତି ଏକାକୀ ଜଳିବାକୁ ଛାଡି ଦେଇ। କିନ୍ତୁ ଦେବଦାସ ଯାବତ୍ ଜୀବନ ଗୋଟେ ଅମୁହାଁ ଦେଉଳରେ କୋଉ ଦେବୀଙ୍କୁ ନିରର୍ଥକ ପୂଜା କରି ଆସିଥିଲା? ସେ ମାଆ, ରେଣୁକା, ତନ୍ଦ୍ରା ନା ପାରୋ? ନା ନିଜେ ଗୋଟେ ଅଭିଶପ୍ତ ଅମୁହାଁ ଦେଉଳଟେ ହୋଇ ରହିଗଲା ଚିରଦିନ ପାଇଁ!

(ସମାପ୍ତ)

# ଶବ୍ଦ



ସୂର୍ଯ୍ୟ ମିଶ୍ର

**ଶ**ବ୍ଦମାନେ ଆସନ୍ତି ସମ୍ଭବତଃ ଏକାଧିକ ଭାଗ୍ୟ ନେଇ।
ସେମାନେ ଶୁଭ୍ର, ନିଷ୍କଳଙ୍କ, ମିଠା, ସ୍ମରଣୀୟ
ସୃଜନ-ସଙ୍ଗ ଓ ସଞ୍ଚୟଯୋଗ୍ୟ
ଲଳିତ ଅନୁରାଗରେ ଅନୁରଣିତ କରନ୍ତି ସର୍ବାଙ୍ଗ,
ଆମେ ବି ସେମାନଙ୍କୁ ମଣୁ ଈଶ୍ୱର
ଅଜାଡି ଦେଇ ନମସ୍କାର,
ସେମାନେ ସତ୍ୟ ଶିବ ସୁନ୍ଦର।



ଶବ୍ଦଙ୍କ ଜୀବନ ଅବାନ୍ତର, ଅଳୀକ;
ପତ୍ର ପଡେ ଯେମିତି ଗଛ ତଳେ
ବଂଧ୍ୟା ଭୂଇଁ ଉପରେ
ଉଡେ, ଶୁଖେ, ଦଳି ହୁଏ ଗୁଣ୍ଡ ପାଲଟେ
ଗନ୍ଧ ହୁଏ, ମାଟିରେ ମିଶେ,
ଧୂଳିଭର୍ତ୍ତି ଆକାଶମୁହାଁ ଉଠେ,
ପବନକୁ ସାଙ୍ଗ କରି ଦୁର୍ବଳ ହୁଏ,
ନିଜର ସାହସ ହରାଇ କୁଆଡେ ନା’ କୁଆଡେ ହଜେ
ବିସ୍ମୃତିର ଗର୍ଭରେ!
ସାମର୍ଥ୍ୟ ହରାଇ ଶବ୍ଦମାନେ ଲାଗନ୍ତି
ସ୍ୱପ୍ନର ସମାଧି, ଆଶ୍ୱାସନାର ଶବ, କଳାରାତିର ଦୁଃସ୍ୱପ୍ନ
ପ୍ରେତଛାୟାର ଅଭିଶାପ।
ସୂର୍ଯ୍ୟତେଜରେ ଜଳିଥିବା, ଲୁହ ନିଗାଡ଼ିଥିବା
ଦୁର୍ଘଟଣାରେ ଅନ୍ଧ ହୋଇଥିବା
ସେଇ ଶବ୍ଦମାନଙ୍କୁ ଆମକୁ ତନ୍ନ ତନ୍ନ ବାଛିବାକୁ ପଡେ।
ଭଲ ମନ୍ଦ, ସାଧୁ ସଇତାନ୍, ନିରୀହ ବଦ୍‌ମାସ୍
ସୁନ୍ଦର କୁତ୍ସିତ, ଶୁଦ୍ଧ ଦୂଷିତ।
ବେଳେବେଳେ ଶବ୍ଦମାନେ ଜଳନ୍ତି ହୃଦୟରେ
ଦୀପ ଭଳି, ପୁଣି ହଜିଯା’ନ୍ତି ନୀରବ ମୃତ୍ୟୁ ଆଦରି।

“ପ୍ରାର୍ଥନା”, ୮୯୫/୮୯୬
ସତ୍ୟନଗର, ଭୁବନେଶ୍ୱର

# ପିଲାଙ୍କ ଦୁନିଆ



ଅଙ୍କିତା ଲେଙ୍କା
ଏଲ୍‌କେଜି
ମଦର୍ସ ସ୍କୁଲ
ନିଆଳୀ, କଟକ





ଅନିଶ ଷଡଙ୍ଗୀ
ଷ୍ଟାଣ୍ଡାର୍ଡ - ୬
ଡିଏଭି ପବ୍ଲିକ୍ ସ୍କୁଲ
ଖୋର୍ଦ୍ଧା

# ଶେଷ ଠିକଣା



ପ୍ରଶାନ୍ତ କୁମାର ନାଥ

**ମ**ଶାଣୀଟା ଅଟେ ଠିକଣା ଯେ ଶେଷ
କାହିଁକି ବାଇଆ ହୁଅ
ଛ’ଖଣ୍ଡ ବାଉଁଶ କୋକେଇଟା ପରା
ଶେଷବେଳେ ତୁମେ ନୁହଁ।

କାହିଁକି ସଞ୍ଚୁଛ ଅମାପ ଧନକୁ
କାହାର ପକେଟ୍ କାଟି
କେହି ଯିବେ ନାହିଁ ସାଥିରେ ତୁମର
ଖୋଇବେନି କେହି ବାଟି।

ସସସ୍ତେ ଖୋଜିବେ ଖଣ୍ଡିଆ ଛତାଟି
କୋଉଠି ରହିଲା ଯାଇ
ମଲାବେଳେ ପରା ଖଣ୍ଡିଆ ଛତାଟି
ଥୋଇବେ ମୁଣ୍ଡରେ ନେଇ।

ଛିଣ୍ଡା ମଶିଣାଟି ଖୋଜିବେ କେଉଁଠି
ପଡିଥିବ ବାଡିଆଡେ
ସେହି ମଶିଣାକୁ ପକେଇବେ ଆଣି
ବାନ୍ଧିଥିବା କୋକେଇରେ।

ନିଜ ଉପାର୍ଜନେ ଯାହା ବି ରଖୁଛ
ନିଜ ପରିବାର ପାଇଁ
ରଖୁଥିଲେ ତାହା ପରିବାର ତୁମେ
ସୁଖରେ ପାରିବ ଜିଇଁ।

ଅନ୍ୟକୁ କନ୍ଦେଇ କାହିଁକି ସଞ୍ଚୁଛ
ତାଙ୍କୁ କନ୍ଦେଇବା ପାଇଁ
ଆଉ କାହା ଆଖି ଲୁହରେ ସେମାନେ
ସୁଖେ ପାରିବେନି ରହି।

ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩







# “ଆଇ ହେଟ୍ ୟୁ”

ଦେବସ୍ମିତା ବେହେରା

**ମୋ** ନାଁ ମନୀଷା!! ମାନେ ମନୀଷା ଶର୍ମା,ମୋ ନିଜ ଘର ବିହାରରେ । ମୁଁ ମୋର କଲେଜ ପାଠ ଶେଷ କରି ଓଡିଶା ଆସିଥାଏ ବ୍ୟାଙ୍କିଙ୍ଗ କୋଚିଂ ଏବ ଅନ୍ୟ କୋର୍ସ କରିବା ପାଇଁ । ମୁଁ ଭୁବନେଶ୍ୱର ସହିଦ ନଗରରେ ଗୋଟିଏ ଲେଡିଜ ହଷ୍ଟେଲରେ ରହୁଥାଏ । ମୋ ରୁମ୍‌ର ପଛ ପଟେ ଆଉ ଜଣଙ୍କର ଘର ଥାଏ । ମୋର ଇତି ମଧ୍ୟରେ ତିନି ମାସ ହୋଇଥାଏ ମୋ ଆସିବାର । ମୁଁ ଦ୍ୱିତୀୟ ମହଲାରେ ରୁହେ ଏବଂ ଝର୍କା ପାଖରେ ପଢା ପଢି କରେ ଓ ଅନ୍ୟ ରୁମ୍ ମେଟ୍ ମାନେ ଆସି ଗପସପ କରନ୍ତି । ଡିସେମ୍ବର ମାସ ୨୦୧୬ର କଥା ଦିନେ ମୁଁ ମାର୍କ କଲି ପଡିଶା ଘରର ଜଣେ ପିଲା ମୋତେ ଦେଖୁଛି । ମୁଁ ମଧ୍ୟ ଟିକିଏ ମାର୍କ କରୁଥାଏ । ଏହି ପରି ତିନି ଚାରି ଦିନ ଗଲା ପରେ ଦେଖିଲି ପିଲାଟା ତାଙ୍କ ଝର୍କା ପାଖରେ ବସି ପଢା ପଢି କରେ । କିନ୍ତୁ ସେ କ’ଣ କରେ ତାହା ମୋତେ ଜଣା ନାହିଁ । ତଥାପି ଅନିଶ୍ଚିତତା ଭିତରେ ସମୟ ମଧ୍ୟ ଗଡି ଚାଲିଥାଏ । ମୁଁ ମୋର ଭଉଣୀ ବାହାଘର ପାଇଁ ଘରକୁ ଚାଲି ଆସିଥାଏ । ଇତି ମଧ୍ୟରେ ୨୫ ଦିନର ବ୍ୟବଧାନ ପରେ ମୁଁ ପୁଣି ଭୁବନେଶ୍ୱର ଫେରି ଆସେ ମୋ ପାଠପଢା ପାଇଁ । ସାଙ୍ଗ ମାନେ କୁହନ୍ତି ମୋ ଅନୁପସ୍ଥିତିରେ ପିଲାଟା କୁଆଡେ ମୋତେ ବହୁତ ଖୋଜୁଥିଲା । ସେ କ’ଣ କରିଛି ମୋ ଅନୁପସ୍ଥିତରେ ସବୁ କଥା ମୋତେ କହିଲେ । ମୁଁ ଯେତେବେଳେ ଆସିଲି ମୁଁ ମଧ୍ୟ ନ ଦେଖିବା ଭଳି ରହିଲି,ହେଲେ ସତରେ କ’ଣ ପ୍ରେମ କଣ ଲୁଚି ପାରେ । ତା’ପରେ ମୁଁ ଦିନେ ଝର୍କା ଫାଙ୍କରୁ ଦେଖୁଥାଏ ସେତେବେଳେ ସେ ପିଲା ତାଙ୍କ ବାଲକୋନିରୁ ଆସି କହିଲା କ’ଣ ଆସିଗଲ,କେବେ ଆସିଲ ସେ ଅନେକ କଥା । ମୁଁ ଚୁପ୍ ରହିଲି କାରଣ ମୋ ରୁମ୍ ଉପରେ ମୋ ଘର ମାଲିକ ରୁହନ୍ତି । ମୁଁ ମନେ ମନେ ବହୁତ ଭାବିଲି କ’ଣ ସେ ପିଲା ମୋତେ ସତରେ ଭଲ ପାଉଛି ନା’ ମିଛରେ ମୋ ସହିତ ଖେଳୁଛି । ଦିନେ ସକାଳେ ମୁଁ ଯାଉଥିଲି ମୋ କୋଚିଂ କ୍ଲାସକୁ ସେ ପିଲା ତା’ କାରରେ ମୋତେ ଆସି ହାୟ କରି ଚାଲିଗଲା । ମୋ ସହିତ ମୋର ଜଣେ ସାଙ୍ଗ ଥିଲା,ଆଉ କହିଲା ଆଲୋ ତୋର କି ଭାଗ୍ୟ ପ୍ରଥମ ପ୍ରେମ ପୁଣି କାରରେ । ତା’ପରେ ମୋ ମନରେ ସେ ପିଲା ପ୍ରତି ଟିକେ ଆକର୍ଷଣ ବଢିଲା । ଏମିତ ଦୁଇ ମାସ ପର୍ଯ୍ୟନ୍ତ ଚାଲିଲା କିନ୍ତୁ ପିଲାଟା ପ୍ରକୃତରେ କ’ଣ କରେ ମୋତେ ଜଣା ନଥିଲା କେମିତି କଥାକୁ ଆଗେଇବି କିଛି ଭାବି ପାରୁନଥାଏ । ଦିନେ ସେ ପିଲା ମୋତେ ସୁଯୋଗ ଦେଇଥିଲା । ଦିନେ ସନ୍ଧ୍ୟା ବେଳେ ମୁଁ ପଢୁଥାଏ ସେ କହିଲା ଆସ ଆଜି ଦେଖା ହେବ । ମୁଁ ତଳେ ତୁମ ଗେଟ୍ ପାଖରେ ଅପେକ୍ଷା କରିଛି ତୁମେ ନିଶ୍ଚୟ ଆସିବ । ମୋ ମନରେ ଟିକେ ଭୟ ସୃଷ୍ଟି ହେଲା କାରଣ ମୋ ସାଙ୍ଗ ମାନେ ସବୁ ବୁଲି ଯାଇଥିଲେ,ତେଣୁ ଡରରେ ମୁଁ ଗଲିନାହିଁ । ଏମିତି ଦିନ ଆଉ ରାତି କଟି ଚାଲିଥାଏ । ମୋ ମନ ମଧ୍ୟ ବ୍ୟାକୁଳ ହୋଉଥାଏ କେମିତି ଦେଖା କରିବି,କାରଣ ପିଲାର ଘର ଅଛି,ଗାଡି ଅଛି,କିନ୍ତୁ କ’ଣ କରେ ତାହା ମୋତେ ଏ ପର୍ଯ୍ୟନ୍ତ ଜଣା ନଥିଲା । ମୁଁ ମନେ ମନେ ଭାବିଲି ନାଁ ଦିନେ ପିଲାକୁ ମୋ ମନ କଥା କହିବି । ଯା ଭିତରେ ମୁଁ ଲକ୍ଷ୍ୟ କଲି ଯେ ପିଲାଟା ମୋତେ କାହିଁକି ଆଭୋଏଡ କରୁଛି । ତା’ କାରଣ ମୁଁ! ମୁଁ ଚାହୁଁଥିଲି ପିଲାଟା କେମିତି ମୋତେ ଡାକୁ ସେଥିପାଇଁ ମୁଁ ମଝିରେ ମଝିରେ ମୋ ଝରକା ଦେଇଦିଏ ଆଉ ଦୁଇ ଚାରି ଦିନ ପରେ ଖୋଲେ,କିନ୍ତୁ ମୁଁ ବାଥରୁମର ସ୍ଲାଇଲାଇଟରୁ ଲୁଚି କି ଦେଖେ ପିଲାଟା କ’’ଣ କରୁଛି । ହେଲେ ମୁଁ କଣ ଜାଣିଥିଲି ଆମର ପ୍ରେମ ଏମିତି ଦୂରେଇ ଯିବ । ପିଲାଟା ଭାରି ନମ୍ର,କାହିଁକିନା ଦିନେ ସେ ପିଲା ତା’ ବାଲକୋନିରୁ ଠିଆ ହୋଇଥାଏ ମୁଁ କ’ଣ କଲିନା ଡ୍ରେସ ତା’ ଆଗରେ ପିନ୍ଧିବାକୁ ଚେଷ୍ଟା କଲି,କିନ୍ତୁ ସେ ପିଲା ସାଙ୍ଗେ ସାଙ୍ଗେ କବାଟ ଦେଇ ଚାଲିଗଲା ମୁଁ ମନେ ମନେ ଭାବିଲି ମୋର କିଛି ଭୁଲ ରହିଗଲା କି ? ସେଦିନ ସନ୍ଧ୍ୟାରେ ଆମେ ସାଙ୍ଗ ମାନେ ବାହାରୁ ବୁଲି କରି ଆସି ଥକି କରି ବସିଥିଲୁ ସେ ପିଲା ବାଲକୋନିରୁ ଠିଆ ହୋଇ କହିଲା ଜୀବନରେ ଯେତେ ସମସ୍ୟା ଆସୁ ନା’ କହିଁକି ଦୃଢତାର ସହିତ ମୁକାବିଲା କରିବ ,ଦରକାର ପଡିଲେ ଭିକ ମାଗିବ କିନ୍ତୁ ନିଜ ଇଜ୍ଜତ ତଳେ କେବେ ପକେଇବନି କହିକରି ଚାଲିଗଲା । ସେ ଦିନ ବହୁତ ଅନୁତାପ କଲି ମୋର ଭୁଲ ପାଇଁ । ହେଲେ ପୁଅକୁ ପାଇବା ପାଇଁ ମୁଁ ମୋ ଜାଗାରେ ଠିକ୍ ଥିଲି କାରଣ ପୁଅ ମୋ ପ୍ରତି ଯେମିତି ବ୍ୟବହାର କରେ ମୁଁ ଭାବେ ସେ ପିଲା କେତେ ଭଦ୍ର ପିଲା । ତେଣୁ ତାକୁ ପାଇବା ପାଇଁ ଭଗବାନଙ୍କ ଭରସାରେ ସମୟକୁ ଅପେକ୍ଷା କରିଥାଏ । ଦିନେ ମୁଁ ଜାଣିବାକୁ



ପାଇଲି ଯେ ସେ ପିଲା ବିଦେଶ ଯାଉଛି ମୋ ସାଙ୍ଗ ଫୋନ୍‌ରେ ସେ ପିଲା କଥା ହେଲାବେଳେ ଶୁଣିଛି । ମୁଁ ଏକଥା ଶୁଣି ସେଦିନ ବହୁତ କାନ୍ଦିଥିଲି ମୋ ସାଙ୍ଗମାନେ ମୋତେ ବହୁତ ବୁଝେଇଥିଲେ । ଆଉ ଶେଷ ଥର ପାଇଁ ଝର୍କା ପାଖରେ ଥାଇ କହିଲି ଯଦି ସମୟ ତୁମ ପାଖରେ ନାହିଁ ତାହଲେ ମୋତେ ଶନି କିମ୍ବା ରବିବାର ସମୟ ଟିକେ ଦିଅ ଆମେ ଦୁହେଁ ଦେଖା କରିବା । ସତରେ ସେଦିନ ଆସିଲା ଯେଉଁଦିନ ସେ ପିଲାର ବିଦେଶ ଯିବାର ବେଳ,ସେ ଆମେରିକା ଯାଉଥିଲା ମୁଁ ରାଗରେ ଆଉ ଝରକା ଖୋଲିଲି ନାହିଁ । ତା’ପରେ ମୁଁ ମୋ ମନକୁ ବହୁତ ବୁଝେଇଛି ଓ କହିଲି ଭଲ ହେଲା ସେ ତା’ କ୍ୟାରିୟର ପାଇଁ ଆଗକୁ ବଢୁଛି,ଆଉ ଭଗବାନ ଯାହା କରିଛନ୍ତି ଭଲ କରିଛନ୍ତି । କିନ୍ତୁ ମୁଁ ମୋ ପାଠପାଢା ସାରି ମୁଁ ଘରକୁ ଚାଲି ଯାଇଥାଏ । ମୋର ପୁରୁଣା ସାଙ୍ଗ ମାନେ ଦିନେ ଖବର ଦେଲେ ଯେ ସେ ପିଲା ଫେରି ଆସିଛି । ଆଉ ଏବେ ଝର୍କା ପାଖରେ ନୂଆ ଝିଅସାଙ୍ଗରେ ରୋମନ୍ସ କରୁଛି । ଏତିକି ଶୁଣି ମୋ ମନରେ ବହୁତ କଷ୍ଟ ହେଲା ମୁଁ ମଝିରେ କୌଣସି କାମ ପାଇଁ ଭୁବନେଶ୍ୱର ଆସିଥାଏ ଆଉ ସେ ଲେଡିଜ ହଷ୍ଟେଲରେ ରହୁଥାଏ । ମୁଁ ଦିନେ ସୁଯୋଗ ଦେଖି ସେ ପିଲାକୁ କହିଲି କ’ଣ ଗୋଟିଏ ଝିଅର ମନକୁ ଏମିତି ଖେଳି ତୁମେ କ’ଣ ପାଇଲ,ସତରେ ତୁମେ ଏମିତି କରିବ ବୋଲି ମୁଁ ଭାବି ନଥିଲି “ଆଇ ହେଟ୍ ୟୁ...”

୨୧୭/ପି,ୟୁନିଟ-୯(ଫ୍ଲାଟ)
ବାୟାବାବା ମଠ ଲେନ,ଭୁବନେଶ୍ୱର-୨୨
ମୋ : ୯୯୩୮୩୯୫୫୩୭



# ମହିମା ମିଶ୍ରଙ୍କ ଆତ୍ମସମର୍ପଣ



**ପାରାଦୀପ :** ୯ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ୍‌ର ମାଲିକ ମହିମାନନ୍ଦ ମିଶ୍ର କୁଜଙ୍ଗର ପ୍ରଥମ ଶ୍ରେଣୀ ଅଦାଲତରେ ଆତ୍ମସମର୍ପଣ କରିଛନ୍ତି । ପରେ କୋର୍ଟ ତାଙ୍କୁ ପୁଣି ଥରେ ସମାଗୋଳ ଉପକାରାଗାରାକୁ ପଠାଇଦେଇଛନ୍ତି । ପୂର୍ବ ଘଟଣା ୨୬.୧୦.୨୦୧୬ ପାରାଦୀପ ସିଓ୍ୱେଜ ସିପିଙ୍ଗ କମ୍ପାନୀର ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କ ହତ୍ୟା ଘଟଣାରେ ଛନ୍ଦିହୋଇ ଗିରଫ ଥିବା ମହିମା ମିଶ୍ର ଗତ କିଛିଦିନ ତଳେ ରାଜ୍ୟ ଉଚ୍ଚ ନ୍ୟାୟଳୟରୁ ସର୍ତ୍ତ ମୂଳକ ଜାମିନିରେ ଆସିଥିଲେ । ହେଲେ ଶ୍ରୀ ମିଶ୍ରଙ୍କର ସର୍ତ୍ତମୂଳକ ଜାମିନିକୁ ରାଜ୍ୟ ସରକାର ଦେଶର ଉଚ୍ଚତମ ନ୍ୟାୟଳୟରେ ଚ୍ୟାଲେଞ୍ଜକରିଥିଲେ । ଗତକାଲି ଉଚ୍ଚତମ ନ୍ୟାୟଳୟର ଦୁଇଜଣିଆ ଖଣ୍ଡପିଠ ଏହାର ବିଚାରକରି ଜାମିନକୁ ଖାରଜ କରିଥିଲେ । ଦେଶର ଉଚ୍ଚତମ ନ୍ୟାୟଳୟର ବିଚାର ଓ ରାଜ୍ୟର ଉଚ୍ଚ ନ୍ୟାୟଳୟର ଆଦେଶ ତଥା ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଆଜି କୁଜଙ୍ଗ କୋର୍ଟରେ ଆତ୍ମ ସମର୍ପଣ କରିଥିଲେ । ପ୍ରକାଶ ଥାଉକି କିଛି ଦିନ ତଳେ ଏହି ଘଟଣାରେ ପାରାଦୀପ କଂଗ୍ରେସ ନେତା ବାପି ସାର୍ଖେଲଙ୍କ ରାଜ୍ୟ ଉଚ୍ଚନ୍ୟାୟଳୟ ଦ୍ୱାରା ବେଲକୁ ଦେଶର ଉଚ୍ଚତମ ନ୍ୟାୟଳୟ କାଏମ୍ ରଖିଥିଲେ ।

# ଅପରାଧୀଙ୍କ ସହ ସମ୍ପର୍କ ଥାନାବାବୁଙ୍କୁ ମହଙ୍ଗା ପଡିଲା

**ଖୋରଧା :** ବିଭିନ୍ନ ଘଟଣାକୁ ନେଇ ବିବାଦୀୟ ହୋଇପଡ଼ିଥିବା ଜଙ୍କିଆ ଥାନା ଅଧିକାରୀଙ୍କୁ ଶେଷରେ ବଦଳି କରାଯାଇଛି । ଥାନାକୁ ଅଭିଯୋଗ କରିବାକୁ ଯିବା ସମୟରେ ଅଭିଯୋଗକାରୀଙ୍କୁ ଦୁର୍ବ୍ୟବହାର କରିବା ସହ ମିଥ୍ୟା କେଶ କରି ହଇରାଣ ହରକତ କରିବା ଖଣି ମାଫିଆ ଓ ଅପରାଧୀମାନଙ୍କ ସହ ସମ୍ପର୍କ ରଖିଥିବା ନେଇ ତାଙ୍କ ବିରୋଧରେ ବହୁ ଅଭିଯୋଗ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଠାରୁ ଆରମ୍ଭ କରି ପୁଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ହୋଇଥିଲା । ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ବିଗିଡ଼ିବାରେ ଲାଗିଥିଲା । ନିକଟରେ ଗତ ମେ ୧୯ ତାରିଖରେ ଏକ ମାମୁଲି ଗଣ୍ଡଗୋଳ ଘଟଣାରେ ଗଣ୍ଡଗୋଳକାରୀଙ୍କୁ ଗିରଫ କରି ପୁଲିସ୍ ହେପାଜତରେ ରଖିଥିବା ଜଙ୍କିଆଥାନା ପୁଲିସ୍ ସେହି ବ୍ୟକ୍ତିମାନଙ୍କ ନାମରେ ପୁନର୍ବାର ମେ ୨୧ ତାରିଖରେ ଡ଼କାୟତି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ନେଇ ମିଥ୍ୟା ମକଦ୍ଦମା ପଞ୍ଜିକୃତ କରିଥିବା ଏବଂ ସମ୍ମିଳିତ କର୍ମଚାରି ସାଧିନ ମହାସଂଘ ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତିଙ୍କ ନାମରେ ଏକ କାଉଣ୍ଟର କେଶ କରି ବିବାଦୀୟ ହୋଇପଡ଼ି ଥିଲେ ଜଙ୍କିଆ ଥାନା ଅଧିକାରୀ । ଏ ନେଇ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଥାନା ଅଧିକାରୀଙ୍କର ସ୍ୱଚ୍ଛତା ଓ ନିର୍ମଳ ଭାବମୂର୍ତ୍ତି ଏବଂ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା । ଶେଷରେ କର୍ତ୍ତବ୍ୟରେ ଅବହେଳା ଏବଂ ଅପରାଧୀମାନଙ୍କ ସହିତ ସମ୍ପର୍କ ଥିବା ନେଇ ପ୍ରମାଣ ମିଳିବା ପରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜଙ୍କିଆ ଥାନାର କନେଷ୍ଟବଳ ସିଦ୍ଧେଶ୍ୱର ମହାପାତ୍ରଙ୍କୁ ନିଲମ୍ବନ କରିବା ସହିତ ଜଙ୍କିଆ ଥାନା ଅଧିକାରୀଙ୍କୁ ପ୍ରଶାସନିକ କାରଣରୁ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ଜଣାପଡ଼ିଛି । ଜଙ୍କିଆ ଥାନା ଅଧିକାରୀଙ୍କୁ ବଦଳି କରିବା ପରିବର୍ତ୍ତେ କାର୍ଯ୍ୟରୁ ନିଲମ୍ବନ କରିବା ନିମନ୍ତେ ସ୍ଥାନୀୟ ଅଞ୍ଚଳର ଅଧିବାସୀମାନେ ଦାବି କରୁଛନ୍ତି ।

# ସୁବର୍ଣ୍ଣପୁର ବ୍ଲକ ଛକ ଦୁର୍ଗାପୂଜା କମିଟିର ପ୍ରସ୍ତୁତି ବୈଠକ



**ସୋନପୁର :** ସୁବର୍ଣ୍ଣପୁର ସହର ବ୍ଲକ ଛକ ଖ୍ରୀଖାଇ ଦୁର୍ଗା ପୂଜା ପାଇଁ ଶୁଭ ସ୍ତମ୍ଭ ସ୍ଥାପନ ହୋଇଛି । ଏହା ସହିତ ପୂଜା କମିଟିର ଗୁରୁତ୍ୱର୍ଣ୍ଣ ପ୍ରସ୍ତୁତି ବୈଠକ ବ୍ଲକଛକ ଦୁର୍ଗାମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ପୂଜା କମିଟି ସଭାପତି ଅରବିନ୍ଦ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚଳିତ ବର୍ଷ ପୂଜା ପାଇଁ ୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ପୂଜା ମଣ୍ଡପକୁ ପଲିଥିନ ମୁକ୍ତ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ମାଁ ଦୁର୍ଗାଙ୍କ ରୂ। ଅଳଙ୍କାର ପାଇଁ ଅତିରିକ୍ତ ୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ରାବଣ ପୋଡି ମହୋତ୍ସବକୁ ଆକର୍ଷଣୀୟ କରାଯିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି । ପୂଜା ପରିଚାଳନା ପାଇଁ ଗଠିତ କମିଟିରେ ଅରବିନ୍ଦ ବାରିକ ସଭାପତି, ଉପସଭାପତି ଦିଲି ପାତ୍ର, ନିଶାନ୍ତ ମହାନ୍ତି ସମ୍ପାଦକ, ଦଶରଥ ପ୍ରଧାନ ସହ ସମ୍ପାଦକ, ଆଦିତ୍ୟ ମହାପାତ୍ର କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । ଅର୍ଥ କମିଟିରେ ଶରତ ମହାପାତ୍ର, ବଳଦେବ ବେଦବାକ, ସୁବ୍ରତ ସେଠୀ, ସ୍ୱରୁପ ପାତ୍ର, ଜ୍ୟୋତିର୍ମୟ ମିଶ୍ର, ରଜତ ଅଗ୍ରୱାଲ, ସତ୍ୟନାରାୟଣ ବାଘ, ପ୍ରଗ୍ନେଶ ପାଣିଗ୍ରାହୀ, ରାକେଶ ନାଗ, ଦୟାସାଗର ମହାକୁଡ, ଅଲେଖ ସାମଲ, ଗୋପାଳ ଭୁତ, ନାରାୟଣ ଜେନା, ଦୀପକ ମହାପାତ୍ର, ଦିଲିପ ପୂଜାରୀ, ହରିହର ପଟ୍ଟନାୟକ, ଅମୀୟ ରଞ୍ଜନ ଦାସ, ପ୍ରାଣବନ୍ଧୁ ଦାସ, ଅଶୋକ ମହାରଣା, ରାମନାରାୟଣ ମିଶ୍ର, ନିରଞ୍ଜନ ତ୍ରିପାଠୀ ଓ ପ୍ରିୟବ୍ରତ ସାହୁ ରହିଛନ୍ତି । ପୂଜା କମିଟିରେ ଲବ କୁମାର ମିଶ୍ର, ରଣଜିତ ସାହୁ, ପବିତ୍ର ମୋହନ ନେଗୀ, ନିଳାମ୍ବର ପଣ୍ଡା, ରାମଚନ୍ଦ୍ର ପାଢୀ, ମନୋଜ ମିଶ୍ର ରହିଥିବା ବେଳେ ସାଂସ୍କୃତିକ କମିଟିରେ ଗଦାଧର ବାରିକ, ପୁରୁଷୋତ୍ତମ ମିଶ୍ର, ଅଶୋକ ଜେନା, ବେଣୁଧର ପ୍ରଧାନ, ବେଣୀମାଧବ ବେଦବାକ ରହିଛନ୍ତି । ରାବଣପୋଡି କମିଟିରେ ସାଂସ୍କୃତିକ କମିଟି ସଦସ୍ୟଙ୍କ ସହ ସତ୍ୟନାରାୟଣ ତ୍ରିପାଠୀ, ଅଶୋକ ସାହୁ, ବିଧୁଶେଖର ମିଶ୍ର, ସୁବ୍ରତ ସେଠୀ, ଶଙ୍କର ସାହୁ, ଜ୍ୟୋତିର୍ମୟ ମିଶ୍ର, ଗଜେନ୍ଦ୍ର ସାହୁ, ସ୍ୱରୁପ ପାତ୍ର, ଅଲେଖ ସାମଲ, ନାରାୟଣ ଜେନା, ଦଶରଥ ପ୍ରଧାନ, ରାକେଶ ନାଗ, ପ୍ରଶାନ୍ତ ତ୍ରିପ ।ଠୀ, ହରିହର ସାହୁ, ଜଗନ୍ନାଥ ଧରୁଆ, ଉପେନ୍ଦ୍ର ବେହେରା ରହିଛନ୍ତି ।

# ନିରଞ୍ଜନ ସାହୁ ମାର୍ଶାଘାଇର ନୂଆ ତହସିଲଦାର

**ମାର୍ଶାଘାଇ :** ଦୀର୍ଘଦିନ ଧରି ଭାରପ୍ରାପ୍ତ ତହସିଲଦାରଙ୍କ ଦାୟିତ୍ୱରେ ଥିବା ମାର୍ଶାଘାଇ ତହସିଲ କାର୍ଯ୍ୟାଳୟର ନୂଆ ତହସିଲଦାର ଭାବେ ଓଡିଶା ପ୍ରଶାସନିକ ଅଧିକାରୀ ଡ. ନିରଂଜନ ସାହୁ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଡ. ସାହୁ ଏଥି ପୂର୍ବରୁ ଫୁଲବାଣିରେ କାର୍ଯ୍ୟରତ ଥିଲେ,ବୁଧବାର ମାର୍ଶାଘାଇ ତହସିଲଦାର ରୂପେ କାର୍ଯ୍ୟରେ ଯୋଗଦେବା ପରେ ଭାରପ୍ରାପ୍ତ ତହସିଲଦାର ଚନ୍ଦ୍ରକାନ୍ତ ପଣ୍ଡା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।୨୦୧୬ ମସିହା ଜୁନ ୨୦ ତାରିଖରେ ତତକାଳୀନ ତହସିଲଦାର ନିରଂଜନ ବେହେରାଙ୍କ ବଦଳି ପରେ ଅମୀୟ କେତନ ସ୍ୱାଇଁ ଏବଂ ତାଙ୍କ ପରତେ ଚନ୍ଦ୍ରକାନ୍ତ ପଣ୍ଡା ଭାରପ୍ରାପ୍ତ ତହସିଲଦାର ଭାବେ କାର୍ଯ୍ୟ ତୁଲାଉଥିଲେ ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଆପଣାଇବେ ...

ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ନେତୃତ୍ୱ ଏଥିପାଇଁ ପୂର୍ବରୁ ସବୁଜ ସଙ୍କେତ ମଧ୍ୟ ଦେଇସାରିଛି। ୨୦୧୯ ନିର୍ବାଚନ ମଇଦାନକୁ ଫୁଲ ଦମ୍‌ରେ ଓହ୍ଲାଇବ ବିଜେପି। ଦଳୀୟ ସୂଚନା ଆଧାରରେ ଏହା କୁହାଯାଇପାରେ ଦଳ ତରଫରୁ ‘ହର୍ ବୁଥ୍ ୧୦ ୟୁଥ୍’ ଓ ‘ଘର ଘର ଦସ୍ତକ’ ଅଭିଯାନ ମଧ୍ୟ ଚାଲିବ। ‘ମୋ ବୁଥ୍ ମଜଭୁତ’ ଭଳି କାର୍ଯ୍ୟକ୍ରମ ଲୋକଙ୍କ ଉପରେ ପ୍ରଭାବ ପକାଇବ ବୋଲି ଜଣାପଡିଛି। ଦଳୀୟ କର୍ମୀମାନେ ନିଜ ଅଞ୍ଚଳର ଅତିକମ୍‌ରେ ୨୦ଟି ଘରକୁ ଯାଇ ମୋଦି ସରକାରଙ୍କ ସଫଳତାର ଗାଥା ବଖାଣିବେ ଏବଂ ଭୋଟରଙ୍କୁ ଏହାର ପୁସ୍ତିକା ମଧ୍ୟ ପ୍ରଦାନ କରିବେ। ଅତିକମ୍‌ରେ ୧୦ଜଣ ଯୁବକଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆପ୍ ବା ନମୋ ଆପ୍ ସହିତ ଯୋଡା ଯିବାର କାର୍ଯ୍ୟକ୍ରମ ରଖିଛି ବିଜେପି। ଯେଉଁ କର୍ମୀମାନେ ଏହି କାର୍ଯ୍ୟକ୍ରମରେ ଅଂଶୀଦାର ହେବେ ସେମାନଙ୍କ ପାଇଁ ବିଜେପି ତରଫରୁ ଏକ କାର୍ଯ୍ୟ ନିର୍ଦ୍ଦେଶିକା ମଧ୍ୟ ରହିଛି। ଏହି ନିର୍ଦ୍ଦେଶିକା ମଧ୍ୟରେ ନମୋ ଆପ୍‌ର ଏକ ନୂତନ ସଂସ୍କରଣ, ଗ୍ରାଫିକ୍ ଓ ଭିଡିଓ କ୍ଲିପ୍ ଆଦି ରହିଥିବା ମଧ୍ୟ ସୂଚନା ମିଳୁଛି। ମୋଦି ସରକାର ହିତାଧିକାରୀଙ୍କ ପାଇଁ କରିଥିବା ପ୍ରତ୍ୟକ୍ଷ ସୁବିଧା କାର୍ଯ୍ୟକ୍ରମ ଗୁଡିକର ସଫଳତା ଲୋକଙ୍କୁ ବୁଝାଇ କହିବେ ବିଜେପି କର୍ମୀ। ଆସନ୍ତା ୫ବର୍ଷ ପାଇଁ ମୋଦି ସରକାର ସାଧାରଣ ଲୋକଙ୍କ ପାଇଁ କ’ଣ କରିବାକୁ ଯୋଜନା କରିଛନ୍ତି ସେ ସମ୍ପର୍କରେ ମଧ୍ୟ ସାଧାରଣ ଭୋଟରଙ୍କୁ ସୂଚନା ଦିଆଯିବ। ବିଜେଡି ନବୀନ ସରକାରଙ୍କ କଲ୍ୟାଣକାରୀ ଯୋଜନା ସହିତ ବିକାଶ ଯୋଜନା ଗୁଡିକ ସମ୍ପର୍କରେ ଲୋକଙ୍କୁ ଅଧିକରୁ ଅଧିକ ସୂଚନା ଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଯାହା ଜଣାପଡିଛି, ବିଜେଡି ଓ ବିଜେପି ହ୍ୱାଟ୍‌ସ ଆପ୍ ଗ୍ରୁପ୍ ଜରିଆରେ ବିଭିନ୍ନ ବୁଥ୍‌ର ଭୋଟରଙ୍କ ସମ୍ପର୍କରେ ତଥ୍ୟ ଆହରଣ କରି ସେହି ଅନୁସାରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବେ। କଂଗ୍ରେସ ମଧ୍ୟ ୨୦୧୯ ନିର୍ବାଚନକୁ ନିଜ ସପକ୍ଷରେ ନେବାକୁ ଜୋରଦାର ପ୍ରୟାସ ଆରମ୍ଭ କରିଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧୀ ଶିବିରରୁ ବହୁ ତୁଙ୍ଗ ନେତାଙ୍କୁ ଆଣି କଂଗ୍ରେସ ସହ ଯୋଡିବା ପାଇଁ ଯେଭଳି କସରତ କରୁଛନ୍ତି ତାହା ନିଶ୍ଚୟ ଦଳକୁ ମଜଭୁତ କରୁଛି। ସୂତ୍ର ଅନୁସାରେ ଆଗାମୀ ନିର୍ବାଚନରେ ରାଜ୍ୟର ପ୍ରମୁଖ ରାଜନୈତିକ ଦଳମାନେ ନୂଆ କୌଶଳ ଓ ସୋସିଆଲ ମିଡିଆର ଯଥେଷ୍ଟ ପ୍ରୟୋଗ କରିବାର ସମ୍ଭାବନା ରହିଛି।

### ଉଜ୍ଜ୍ୱଳାକୁ ...

ଦେଶର ପ୍ରଥମ କୋଇଲାରୁ ଗ୍ୟାସ ଆଧାରିତ ସାର କାରଖାନାର କାର୍ଯ୍ୟ ଶେଷ ହୋଇ ଉତ୍ପାଦନ ଆରମ୍ଭ ହେବ। ତାଳଚେର ସାର କାରଖାନାର ପୁନରୁଦ୍ଧାର ପାଇଁ ସୁଯୋଗ ମିଳିଥିବାରୁ ସେ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି। ବନ୍ଦ ହୋଇଥିବା ଏହି ସାର କାରଖାନାକୁ କାର୍ଯ୍ୟକ୍ଷମ କରିବା ପାଇଁ ସଂକଳ୍ପ ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି। ବୈଷୟିକ କାରିଗରି କୌଶଳର ବ୍ୟବହାର କରି କୋଇଲାରୁ ସାର ଉତ୍ପାଦନ ସହିତ ଏହି ପ୍ରକଳ୍ପ ଯୋଗୁଁ ସାଢ଼େ ୪ ହଜାର ଯୁବକ ନିଯୁକ୍ତି ସୁଯୋଗ ପାଇବେ। ଆସନ୍ତା ୩୬ ମାସ ମଧ୍ୟରେ ଏହି କାରଖାନାରୁ ଉତ୍ପାଦନ ଆରମ୍ଭ ହେବ। ସେତେବେଳେ ସେ ଆସି ଏହାର ଉଦ୍‌ଘାଟନ କରିବେ ବୋଲି କହିଥିଲେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି। ଏହି ଅବସରରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସିଧାସଳଖ ଟାର୍ଗେଟ କରି କହିଥିଲେ ଯେ, ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶା ସାମିଲ ନହେବା ଦ୍ୱାରା ଓଡ଼ିଶା ଲୋକ ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏଥିସହ ସେ ଆହ୍ୱାନ ଦେଇଥିଲେ ଯେ, ମୁଖ୍ୟମନ୍ତ୍ରୀ ଏହାର ପୁନର୍ବିଚାର କରନ୍ତୁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ କହିଥିଲେ ଓଡ଼ିଶାରେ ରାଜ୍ୟ ଦେଉଥିବା କେଜି ଏକ ଟଙ୍କା ଚାଉଳର ସିଂହଭାଗ ଦେଉଛି କେନ୍ଦ୍ର ସରକାର। କେନ୍ଦ୍ର ଚାଉଳ ପିଛା ୨୫ ରୁ ୩୦ଟଙ୍କା ଦେଉଛି, ଯାହାକି ୪୫୦ କୋଟି ଟଙ୍କା। ରାଜନୈତିକ ଦୂରଭିସନ୍ଧି ରଖି କେନ୍ଦ୍ର ସରକାର ଓଡ଼ିଶା ଲୋକଙ୍କୁ ଦେଉଥିବା ଚାଉଳକୁ ରାଜ୍ୟ ସରକାର ଦେଉଥିବା କୁହାଯାଉଛି। ଟଙ୍କିକିଆ ଚାଉଳର ୯୯% କେନ୍ଦ୍ର ଦେଉଥିଲେ ବି ପୂର୍ବ ସରକାର ଲୋକଙ୍କୁ ଏହା ଅବଗତ କରାଇ ନଥିଲେ। ସେହିଭଳି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଶଂସା କରି କହିଥିଲେ ଯେ, ଆଗରୁ ଦେଶର ୨୨% ଲୋକଙ୍କ ଘରେ ଗ୍ୟାସ୍ କନେକ୍ସନ ଥିଲା। ବର୍ତ୍ତମାନ ଦେଶର ୬୦ ରୁ ୬୫% ଲୋକଙ୍କ ଘରେ ଗ୍ୟାସ୍ କନେକ୍ସନ ରହିଛି। ସେହିଭଳି ସ୍ୱଚ୍ଛ ଭାରତ ଯୋଜନାରେ ଓଡ଼ିଶା ଅନ୍ୟ ରାଜ୍ୟଠୁ ବହୁ ପଛରେ ପଡିଥିବା କଥା କହିଥିଲେ। ସେ କହିଥିଲେ, ଏବେବି ଓଡ଼ିଶାର ଲୋକ ବାହାରେ ମଳତ୍ୟାଗ କରୁଛନ୍ତି। ସ୍ୱଚ୍ଛତା ଦୃଷ୍ଟି କୋଣରୁ ଓଡ଼ିଶା ମଧ୍ୟ ବହୁ ପଛରେ ପଡିଥିବା କହିବା ସହ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପୂର୍ବ ଦୟରୁ ନୂଆ ଭାରତର ଉଦୟ ହେବ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଦେଶର ପ୍ରଥମ କୋଇଲାରୁ ଗ୍ୟାସ ଆଧାରିତ ସାର କାରଖାନା ପ୍ରତିଷ୍ଠା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଉଦ୍ୟମ କରିଛନ୍ତି, ସେଥିପାଇଁ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହି କାରଖାନାରୁ ଉତ୍ପାଦିତ ୟୁରିଆର ୫୦ ପ୍ରତିଶତ ଓଡ଼ିଶାର ଚାଷୀମାନେ ଯେପରି ପାଇବେ ସେ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଅନୁରୋଧ କରିଛନ୍ତି। ପରେ ପ୍ରଧାନମନ୍ତ୍ରୀ ୨୧୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଝାରସୁଗୁଡ଼ା ବିମାନବନ୍ଦରକୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ। ଝାରସୁଗୁଡ଼ା ବିମାନବନ୍ଦରରୁ ଉଡାନ୍ ଯୋଜନାରେ ରାଜଧାନୀ ଭୁବନେଶ୍ୱର-ରାୟପୁର ସହ ବିମାନ ସେବା ସଂଯୋଗ ହେବ। ଏହା ସହିତ ଏନ୍‌ଟିପିସିର ଖଣି ଓ ଏମ୍‌ସିଏଲ୍‌ର ଖଣି ସହ ତା’ର ରେଳଲାଇନକୁ ଉଦ୍‌ଘାଟନ କରିଥିଲେ। ପରେ ଆମ୍ଲିପାଲୀରେ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ଝାରସୁଗୁଡ଼ା ବିମାନବନ୍ଦରରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ପ୍ରଧାନମନ୍ତ୍ରୀ ଛତିଶଗଡ଼ ଯାତ୍ରା କରିଥିଲେ।

### ସାରା ଦେଶକୁ ...

କୃଷି କର୍ମଣ ପୁରସ୍କାର ପାଇଥିଲା। ପରେ କୃଷିମନ୍ତ୍ରୀ ଓ ସେକ୍ରେଟାରୀ ତାଙ୍କୁ ଭେଟି ଓଡ଼ିଶା ପାଇଥିବା ପୁରସ୍କାର ତାଙ୍କୁ ଭେଟି ଦେଇଥିଲେ। ସେତେବେଳେ ପୁରସ୍କାର ଟଙ୍କା ଥିଲା ୨ କୋଟି। ସେହି ପୁରସ୍କାର ଟଙ୍କା ଚାଷୀମାନଙ୍କ ପାଇଁ ଖର୍ଚ୍ଚ କରିବାକୁ ସେ ନିଷ୍ପତି ନେଇଥିଲେ। ଓଡ଼ିଶାର ଚାଷୀମାନେ ଏହି ପୁରସ୍କାର ଚାରିଥର ଆଣିଛନ୍ତି। ପୁରସ୍କାର ଟଙ୍କା ଭାବରେ ୧୭ କୋଟି ଟଙ୍କା ମିଳିଛି। ଏସବୁ ଟଙ୍କା କୃଷି ଭବନରେ ହିଁ ବିନିଯୋଗ କରାଯାଇଛି। ଏ ଭବନର ଗୋଟିଏ ଗୋଟିଏ ଇଟା ଚାଷୀ ଭାଇଭଉଣୀଙ୍କ ସଫଳତାର କଥା କହୁଛି ବୋଲି ସେ କହିଥିଲେ। ଆଗକୁ ଓଡ଼ିଶାର ଚାଷୀମାନେ ନୂଆ ନୂଆ ଟେକ୍ନୋଲୋଜି ବ୍ୟବହାର କରି ଆହୁରି ସୁନାମ ଆଣିବେ ବୋଲି ସେ ଆଶା ରଖିଛନ୍ତି। ଏହି ଭବନ ଦେଶୀୟ କପଡ଼ାରେ ଇକତ ଡାଞ୍ଚାରେ ଗୃହ ନିର୍ମାଣ କରାଯାଇଛି। ଓଡ଼ିଶାର କୃଷି ପରମ୍ପରାରେ ଥିବା ବିଷୟବସ୍ତୁକୁ ଉଦ୍ୟାନରେ ପ୍ରଦର୍ଶିତ କରାଯାଇଛି। ଏକଲକ୍ଷ ୩୦ ହଜାର ବର୍ଗଫୁଟ ଜାଗାରେ ଗୃହ ନିର୍ମାଣ କରାଯାଇଛି। ଏଠାରେ ଓଡ଼ିଶାର ସାଂସ୍କୃତି ଲୋକକଳାର ଏକ ପ୍ରାକୃତିକ ପରିବେଶ ସୃଷ୍ଟି କରାଯାଇଛି। କୃଷିଭବନରେ ଏକ ଉଦ୍ୟାନ ରହିଛି। ଏହି ଉଦ୍ୟାନରେ ଜଳସେଚନ ନାଳୀ, ବର୍ଷାଜଳ ଅମଳ, ମୃତିକା ସମସ୍ୟା ସମାଧାନ ଏବଂ ଫସଲ ଉତ୍ପାଦନ ବୃଦ୍ଧି ନିମନ୍ତେ ଜୈବିକ କୃଷିର ପ୍ରସାର ସମ୍ବନ୍ଧୀୟ ଦୃଶ୍ୟାବଳୀ ସ୍ଥାନୀତ ହୋଇଛି। କୃଷି ଭବନର ଡାଞ୍ଚାରେ ଶିକ୍ଷାପ୍ରଦ କଳା ଓ ଛାତ ଉପରେ ସଘନ ବଗିଚା ମଧ୍ୟ ରହିଛି। କୃଷି ଭବନ ସୂଚାଇ ଥାଏ ଯେ କିଭଳି ଏକ ସରକାରୀ ସୁବିଧା ଦ୍ୱାରା ଆଂଚଳିକ ଭିତିରେ ଏକ କଳାତ୍ମକ ପରିବେଶ ସୃଷ୍ଟି କରାଯାଇପାରେ ଏବଂ ତାହା ସାମାଜିକ ଭିତିଭୂମିର ଏକ ମୁଖ୍ୟ ପରିପ୍ରକାଶ ହୋଇଥାଏ। ଏହାର ଗ୍ରାଉଣ୍ଡ ଫ୍ଲୋରରେ ରହିଛି ଏକ ଶିକ୍ଷାକେନ୍ଦ୍ର, ଅଡିଟୋରିୟମ୍, ତାଲିମ ପ୍ରକୋଷ୍ଠ, ଉଦ୍ୟାନ, ପବ୍ଲିକ ପ୍ଲାଜା, ଫସଲ ପଞ୍ଜିକା, ମୁକ୍ତ ଥିଏଟର, ପ୍ରଦର୍ଶନ କକ୍ଷ ଇତ୍ୟାଦି କାର୍ଯ୍ୟାଳୟଗୁଡ଼ିକ ଉପର ମହଲାରେ ଅବସ୍ଥିତ। ଛାତ ଉପରେ ମଧ୍ୟ ସହରାଞ୍ଚଳ ପ୍ରଦର୍ଶିତ ଫାର୍ମ ପରିକଳ୍ପନା କରାଯାଇଛି ଏବଂ ଏଠାକୁ ଜନସାଧାରଣ ପ୍ରବେଶ କରିପାରିବେ। ଏକ ମୃଦୁ ଶୀତଳ ଢାଂଚା ପ୍ରସ୍ତୁତ କରାଯାଇଛି। ରାତ୍ରିକାଳୀନ ଶୁଦ୍ଧ ବାୟୁ ପ୍ରବେଶ ବ୍ୟବସ୍ଥା ଓ ଏକ ଉଚ୍ଚ ତାପ ସୃଷ୍ଟି ପଦ୍ଧତିର ବ୍ୟବସ୍ଥା କରାଯାଇଛି। ସବୁଜ ଗୃହର ସମସ୍ତ ବୈଶିଷ୍ଟ୍ୟ ଉର୍ଦ୍ଧ୍ୱରେ ଏହା ନିର୍ମାଣ କରାଯାଇଛି। ପକ୍କା ଗୃହଟି ସ୍ଥାନୀୟ ମୃତିକା ରଙ୍ଗ ସହ ସମାନ ଥିବା ରଙ୍ଗୀନ ଇଟାରେ ନିର୍ମିତ ହୋଇଛି। ଗୃହର ବାହାର ପାର୍ଶ୍ୱ ଏଭଳି ଇଟାରେ ନିର୍ମିତ ଯେ ତାହା ଏକ ସୌର ଛାୟା ସୃଷ୍ଟି କରିଥାଏ। ରଙ୍ଗୀନ ଇଟା ଉପରେ ସ୍ଥାନୀୟ ଲୁଗାବୁଣା ଦୃଶ୍ୟ ଦେଖିବାକୁ ମିଳିଥାଏ। କୃଷିଭବନ ଏହାର ନିର୍ମାଣ ପ୍ରଣାଳୀରେ ସ୍ଥାନୀୟ ଦ୍ରବ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛି ଏବଂ ସମକାଳୀନ ପରିସ୍ଥିତିରେ ହସ୍ତଶିଳ୍ପର ଏକ ଅପୂର୍ବ ସମନ୍ୱୟ ଘଟାଇଛି। ଏଥିରେ କୃଷିମନ୍ତ୍ରୀ, ବିଧାୟକ, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ, ସମସ୍ତ ବିଭାଗୀୟ ପ୍ରମୁଖ ସଚିବ, ନିର୍ଦ୍ଦେଶକ ଏବଂ ରାଜ୍ୟର ବିଭିନ୍ନ ଅଂଚଳରୁ ଆସିଥିବା ୪୦୦ ଜଣ କୃଷକ ଯୋଗଦାନ କରିଥିଲେ।

### ଅନିୟମିତତା ...

ସମୟରେ ଭାରତୀୟ ମାନଙ୍କ ପିରବର୍ତ୍ତେ ରାଜ୍ୟ ଦର ବିଶ୍ଳେଷଣ ଆଧାରରେ ସିମେଣ୍ଟର ପରିମାର ହିସାବ କରାଯାଇଥିବା ହେତୁ ୬.୩୧ କୋଟି ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା। ତ୍ରୟୋଦଶ ଅର୍ଥ ଆୟୋଗରୁ ପ୍ରାପ୍ତ ୭୫ କୋଟି ଟଙ୍କାର ବିନିଯୋଗ ପ୍ରମାଣ ପତ୍ର ଉପସ୍ଥାପନ କରିନଥିଲେ। ଯଦ୍ୱାରା ଭାରତ ସରକାର ବଳକା ୨୫ କୋଟି ଟଙ୍କା ପ୍ରଦାନ କରିନଥିଲେ । ଫଳରେ ରାଜ୍ୟ ରାଜକୋଷକୁ କ୍ଷତି ପହଞ୍ଚାଇଥିଲା । ୪୭୨ ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ବନ୍ଦୀ ଏବଂ ୧୯୮୮ ବିଚାରାଧୀନ ବନ୍ଦୀଙ୍କୁ କାରଗାର କର୍ତ୍ତୃପକ୍ଷ ଭିନ୍ନ ପ୍ରକୋଷ୍ଠ ଅଭାବରୁ ଗୋଟିଏ ୱାର୍ଡ଼ରେ ରଖିଥିଲେ । ଏହା ଓଡ଼ିଶା କାରାଗାର ମାର୍ଗଦର୍ଶୀକାର ବିରୁଦ୍ଧାଚରଣ କରିଛି। ୫ଟି କାରାଗାରରେ ଥିବା ୨ ଜି ସେଲ ଫୋନ ଜାମର, ୩ଜି ସିଗ୍‌ନାଲକୁ ଚାର୍ଜ କରିବାରେ ଅସଫଳ ଥିଲା । ତେଣୁ ଏ ବାବଦରେ ବ୍ୟୟ ହୋଇଥିବା ୩.୯୧ କୋଟି ଟଙ୍କା ଫଳପ୍ରଦ ହୋଇନାହିଁ । ଏହା ବ୍ୟତୀତ ୫୯.୭୪ ଲକ୍ଷ ଟଙ୍କାରେ କ୍ରୟ କରାଯାଇଥିବା ୮୭୩ଟି ୱାକି-ଟକି ମଧ୍ୟରୁ ୨୫୭ଟି ପ୍ରାପ୍ତ ହେବା ଦିନଠାରୁ ଅକାମି ଥିଲା। ୧୧ଟି କାରାଗାରରେ ୨୩୪ଟି ରାଇଫଲ୍ ମଧ୍ୟରୁ ୯୬ଟି କାର୍ଯ୍ୟପୋଯୋଗୀ ନଥିଲା। ପାଞ୍ଚଟି କାରାଗାରକୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଯୋଗାଇ ଦିଆଯାଇନଥିଲା। ଯଥେଷ୍ଟ ସୁରକ୍ଷା ଅଭାବରୁ ୨୦୧୪-୧୭ ମଧ୍ୟରେ ୨୧ ଜଣ ବନ୍ଦୀ ପଳାୟନ କରିବାରେ ସକ୍ଷମ ହୋଇଥିଲେ।

### ସମନ ପାଇଁ ...

ପ୍ରକାଶ ପାଇଛି। ସେହି ସମ୍ବାଦ ଭିତିରେ ଅନୁଧ୍ୟାନ କରାଯିବ। ଏଥିପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ଅଧ୍ୟକ୍ଷ ଭାବେ ବିରୋଧୀ ଦଳ ନେତାଙ୍କୁ ରଖାଯାଇଛି। କମିଟିର ସଭ୍ୟ ଭାବେ ବିକ୍ରମ କେଶରୀ ଆରୁଖ, କନକ ବର୍ଦ୍ଧନ ସିଂହଦେଓ, ଅରୁଣ ସାହୁ, ଦେବୀ ମିଶ୍ର, ସଂଜୟ ଦାଶବର୍ମା ଓ ପ୍ରମିଳା ମଲ୍ଲିକ ରହିଛନ୍ତି। ଏହି କମିଟି ତଦନ୍ତ କରି ଆସନ୍ତା ବିଧାନସଭା ଅଧିବେଶନର ପ୍ରଥମ ଦିନରେ ରିପୋର୍ଟ ପ୍ରଦାନ କରିବେ ବୋଲି ବାଚସ୍ପତି କହିଥିଲେ। ପୂର୍ବରୁ ଅମର ପ୍ରସାଦ ଶତପଥୀ ଏକ ପ୍ରସ୍ତାବ ଆଗତ କରିଥିଲେ ଏବଂ ତାହା ଗୃହୀତ ହୋଇଥିଲା। ଦେବୀ ମିଶ୍ର କହିଥିଲେ ଯେ ଅବାଞ୍ଛିତ, କୁତ୍ସିତ ଓ କଦର୍ଯ୍ୟ ଶବ୍ଦ ଓଡିଶା ପ୍ରତି ବ୍ୟବହାର କରିବା ଦୁର୍ଭାଗ୍ୟଜନକ। ଏକଦା ଏ ଜାତି, ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତାର କରିଥିଲା। ଅଭିଜିତଙ୍କ ଏ ମନ୍ତବ୍ୟ ପ୍ରତ୍ୟେକ ଓଡିଆର ମନକୁ କୁଠାରଘାତ କରିଛି। ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଯେଉଁ ଦାବି ହୋଇଛି ତାହାକୁ ସମର୍ଥନ କରୁଛି ବୋଲି ସେ କହିଥିଲେ। ବିରୋଧୀ ଦଳ ନେତାଙ୍କ ପ୍ରସ୍ତାବ ଉପରେ ହୋଇଥିବା ଆଲୋଚନାରେ ଅରୁଣ ସାହୁ ,ପ୍ରତାପ ଜେନା , ତାରା ପ୍ରସାଦ ବାହିନୀପତି, ସମୀର ରଂଜନ ଦାଶ, କନକ ବର୍ଦ୍ଧନ ସିଂହଦେଓ , ପ୍ରମିଳା ମଲ୍ଲିକ , ଅମର ପ୍ରସାଦ ଶତପଥୀ ଓ ପ୍ରଦୀପ ପୁରୋହିତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ବିଧାୟକ ମାନେ ବୁଦ୍ଧୁ ଓ ନିର୍ବୋଧ ବୋଲି ଅଭିଜିତ୍ ମନ୍ତବ୍ୟ ଦେଇଥିଲେ। ତାଙ୍କର ମନ୍ତବ୍ୟ ଓଡିଶାବାସୀଙ୍କ ଭାବାବେଗକୁ ଆଘାତ ଦେଇଛି। ତାଙ୍କୁ ଏଠାକୁ ଅଣାଯାଇ ଓଡିଶା ମାଟିରେ ଦଣ୍ଡିତ କରାଯାଉ। ଗୃହ ଯେଉଁ ନିଷ୍ପତି ନେବ ତାକୁ ଆମେ ସମର୍ଥନ କରିବୁ ଏବଂ ଅଭିଜିତ୍‌ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେପି ସଭ୍ୟମାନେ କହିଥିଲେ। ଯଦି କାର୍ଯାନୁଷ୍ଠାନ ନିଆନଯିବା ଓଡିଶା ପାଇଁ ତାହା କଳଙ୍କ ହେବ। ଅରୁଣ ସାହୁ ଓ ଅତନୁ ସବ୍ୟସାଚୀ ନାୟକ ଅଭିଜିତ୍ ଙ୍କ ଏଠାକୁ ଆଣିଥିବା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହ ଦଣ୍ଡିତ କରାଯାଉ ବୋଲି କହିଥିଲେ। ଅପରପକ୍ଷରେ ସାମ୍ବାଦିକ ମାନଙ୍କ ବିରୁଦ୍ଧରେ ମଧ୍ୟ ଅଭିଜିତ୍ ଅରୁଚିକର ମନ୍ତବ୍ୟ ଦେଇଥିବାରୁ ଓଡିଶାର ସାମ୍ବାଦିକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ସାମ୍ବାଦିକ ସଂଘ ପକ୍ଷରୁ ଏହାକୁ ନିନ୍ଦା କରାଯାଇଥିଲା। ବାଚସ୍ପତି, ମୁଖ୍ୟମନ୍ତ୍ରୀ, ବିରୋଧୀ ନେତା ଓ ବିଜେପି ଦଳ ନେତାଙ୍କୁ ଦାବିପତ୍ର ଦିଆଯାଇ ଅଭିଜିତ୍ ଆୟାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ଏହା ଏକ ଗୁରୁତର ବିଷୟ। ଏହା ଉପରେ ପଦକ୍ଷେପ ନିଆଯିବ।

### ଚାରା ଦୁର୍ନୀତି ...

ଏକାଧିକବାର ମୁଲତବୀ କରାଯାଇଥିଲା। ବାଚସ୍ପତି ଗୃହର ଦାବିକୁ ବିଚାରକୁ ନେଇ ବିବୃତି ରଖିବାପାଇଁ କୃଷିମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମନ୍ତ୍ରୀ ଗୃହରେ ବିସ୍ତୃତ ବିବରଣୀ ପାଠ କରିଥିଲେ। ସେ କହିଥିଲେ ଯେ କନକ ବର୍ଦ୍ଧନ ସିଂହଦେଓ ତାଙ୍କ ବକ୍ତବ୍ୟରେ କନ୍ଧମାଳର ତତ୍କାଳୀନ ଜିଲ୍ଲାପାଳ ତଥା ମୟୁରଭଞ୍ଜ ଜିଲ୍ଲାପାଳ ହୋଇଥିବା ଅଧିକାରୀଙ୍କର ଉକ୍ତ ମାମଲାରେ ସମ୍ପୃକ୍ତ ମହାତ୍ମା ଗାନ୍ଧି ଏନଜିଆଇଆରଏସ୍‌ରେ ପ୍ରଦତ ଅର୍ଥ ନିଜ ବ୍ୟାଙ୍କରେ ଜମା କରିଥିବା ଅଭିଯୋଗ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବ। ପୂର୍ବତନ ମନ୍ତ୍ରୀ ଡା. ରାଉତ ଆର୍ଥିକ ଅନିୟମିତତା କରିଥିବା ନେଇ ଆଣିଥିବା ଅଭିଯୋଗ ଓ ଫଟୋଗ୍ରାଫ୍‌କୁ ଆଧାର କରି ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଧରଣୀଧର ପାତ୍ରଙ୍କୁ ବାରିପଦାରୁ ଶୀଘ୍ର ବଦଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଏହାର ଏକ ନିରପେକ୍ଷ ତଦନ୍ତ କରିବାପାଇଁ କୃଷି ବିଭାଗର ୩ଜଣ ସଭ୍ୟଙ୍କୁ ନେଇ ଏକ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଟିମ୍ ରେଉଦ୍ୟାନ କୃଷି ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଦାସ , ସହକାରୀ ଉଦ୍ୟାନ ଅଧିକାରୀ ସୁଶାନ୍ତ ରଞ୍ଜନ ଦାସ ଓ ସହକାରୀ ସମୀକ୍ଷା ଅଧିକାରୀ ଲକ୍ଷ୍ମୀଧର ଦଳେଇ ରହିଛନ୍ତି। ଶ୍ରୀ ପାତ୍ରଙ୍କ ବିରୁଦ୍ଧରେ ହୋଇଥିବା ଦୋଷାରୋପପତ୍ରର କାରଣ ଦର୍ଶାଅ ନୋଟିସ୍ ଜାରୀ ହୋଇଛି। ତେବେ ସେ ଏହି ଅଭିଯୋଗ ଗୁଡିକୁ ଅସ୍ୱୀକାର କରିଛନ୍ତି।

### ଦିନଟିଏ ...

ବିଭାଗର ୯,୨୩୫.୭୮ କୋଟି ଟଙ୍କାର ଖର୍ଚ୍ଚ ଦାବି ଗିଲୋଟିନ୍ ଦ୍ୱାରା ପାରିତ ହୋଇଥିଲା। ହଟ୍ଟଗୋଳ ଯୋଗୁଁ ମୁଖ୍ୟମନ୍ତ୍ରୀ ପରିଚାଳିତ ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ପାଇଁ ୧୦ ତାରିଖ ଧାର୍ଯ୍ୟ ହୋଇଥିଲେ ହେଁ ତାହା ହୋଇ ପାରିନଥିଲା। ଏହାକୁ ଗିଲୋଟିନ୍ ପରିସରଭୁକ୍ତ କରାଯାଇଥିଲା। ଯାହାକି ବିଧାନସଭାର ପ୍ରଥମ ଘଟଣା ଥିଲା। ଏହି ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ସଂକ୍ରାନ୍ତୀୟ ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନା ହୋଇ ଗୃହରେ ପାରିତ ହୋଇଥିଲା। ଆଲୋଚନା କାଳରେ ଅର୍ଥମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶକରି ବିରୋଧୀ ଦଳ ସଭ୍ୟ ମାନେ କକ୍ଷତ୍ୟାଗ କରିଥିଲେ। ଅପରପକ୍ଷରେ ଆଇନ ପ୍ରଣୟନ ପାଇଁ ୧୨ଟି ବିଲ୍ ଆସିଥିଲା। ସେଥିମଧ୍ୟରୁ ବିରୋଧି ଦଳର ଅନୁପସ୍ଥିତିରେ ୭ଟି ବିଲ୍ ପାସ୍ ହୋଇଥିଲା। ସେଗୁଡିକ ହେଲା ଓଡିଶା ସମବାୟ ସଂଶୋଧନ ବିଲ୍ -୨୦୧୮, ଓଡିଶା ମୂଲ୍ୟଯୁକ୍ତ କର ସଂଶୋଧନ ବିଲ୍ -୨୦୧୮,ଓଡିଶା ଦ୍ରବ୍ୟ ଓ ସେବାକର ସଂଶୋଧନ ବିଲ୍ -୨୦୧୮, ବିହାର ଓ ଓଡିଶା ତୀର୍ଥସ୍ଥାନ (ଓଡିଶା ନିରସନ) ବିଲ୍ -୨୦୧୮, ଓଡିଶା ହିନ୍ଦୁ ଦେବୋତର ସଂଶୋଧନ ବିଲ୍ ୨୦୧୮ , ଗାନ୍ଧି ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ବିଶ୍ୱ ବିଦ୍ୟାଳୟ ବିଲ୍ ୨୦୧୮, ଓଡିଶା ସରକାରୀ ଭାଷା (ଦ୍ୱିତୀୟ ସଂଶୋଧନ ) ବିଲ୍ ୨୦୧୮। ଏହା ପୂର୍ବରୁ ଓଡିଶା ମନ୍ତ୍ରୀ ମାନଙ୍କ ଭତା ଓ ଦରମା ଦ୍ୱିତୀୟ ସଂଶୋଧନ ବିଲ୍ , ବିଧାନସଭା ସଦସ୍ୟ ଦରମା , ଭତା ଓ ପେନସନ୍ ସଂଶୋଧନ ବିଲ୍ , ଓଡିଶା ପୌର (ସଂଶୋଧନ) ବିଲ୍ -୨୦୧୮ ଓ ଓଡିଶା ପୌର ନିଗମ (ସଂଶୋଧନ) ବିଲ୍ -୨୦୧୮ ମଧ୍ୟ ଆଲୋଚନା ହୋଇ ପାରିତ ହୋଇଥିଲା। ସେହିପରି ୩ ଟି ସଂକଳ୍ପ ଯଥା ନବ ନିର୍ମିତ ଝାରସୁଗୁଡା ବିମାନ ବନ୍ଦରକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବା , ବଲାଙ୍ଗୀର ମେଡିକାଲ କଲେଜ ନାମ ଭୀମ ଭୋଇ ପରିବର୍ତେ ସନ୍ଥ ଭୀମ ଭୋଇ ଭାବେ ନାମିତ କରିବା ଏବଂ ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସ୍ଥାନିତ କରିବା ମଧ୍ୟ ପାରିତ ହୋଇଥିଲା।

### ଋଣଭାର ଟପିବ ...

ବର୍ଷ ଶେଷ ସୁଦ୍ଧା ଓଡ଼ିଶା ସରକାରଙ୍କ ଋଣଭାର ୩୮୭୦ କୋଟି ୮୪ ଲକ୍ଷ ଟଙ୍କା ଥିବା ବେଳେ ୧୯୯୪-୯୫ରେ ତାହା ୭୯୫୭ କୋଟି ୮୬ ଲକ୍ଷ ଟଙ୍କାରେ ପହଞ୍ଚିଥିଲା। ୧୯୯୯-୨୦୦୦ ଆର୍ଥିକ ବର୍ଷର ଶେଷ ବେଳକୁ ଓଡ଼ିଶାର ଋଣଭାର ୧୮,୧୦୦ କୋଟି ୭୮ ଲକ୍ଷ ଟଙ୍କା ଥିବା ବେଳେ ୨୦୦୪-୦୫ ବେଳକୁ ତାହା ୩୪,୦୫୧ କୋଟି ୧୮ ଲକ୍ଷ ଟଙ୍କା ହୋଇଥିଲା। ଏହି ହିସାବରେ ଯେଉଁ ତଥ୍ୟ ଦିଆଯାଇଥିଲା ତଦନୁଯାୟୀ ରାଜ୍ୟ ସରକାର ଯେତେ ପରିମାଣର ଋଣ କରୁଛନ୍ତି ତାହା ତୁଳନାରେ ପରିଶୋଧ ଢେର୍ କମ୍ ରହୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ହେଉଛି ଯେ, ଏଫ୍‌ଆର୍‌ବିଏମ୍ ଆଇନ୍‌ରେ ଋଣ ପାଇଁ ଯେଉଁ ସୀମା ଧାର୍ଯ୍ୟ କରାଯାଇଛି ଏଯାବତ୍ ଋଣର ପରିମାଣ ତାହା ଭିତରେ ରହିଛି।

### କିଏ ବୁଝିବ ...

ଗତ ଦୁଇରୁ ତିନିମାସ ହେବ ଅଟୋ ଚାଳକମାନେ ଅଟୋ ଭଡାକୁ ଦୁଇଗୁଣିତ କରିଛନ୍ତି। ସ୍ୱଳ୍ପ ଦୂରତା ଯାଉଥିବା ଯାତ୍ରୀମାନଙ୍କ ନିକଟରୁ ପୂର୍ବରୁ ନେଉଥିବା ୫ଟଙ୍କା ଭଡା ବଦଳରେ ଏବେ ୧୦ଟଙ୍କା ଭଡା ଦାବି କରୁଛନ୍ତି। ଯେଉଁଥିପାଇଁ ଉଭୟ ଅଟୋ ଚାଳକ ଓ ଯାତ୍ରୀମାନଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଗଣ୍ଡଗୋଳ ମଧ୍ୟ ହେଉଛି। ସୂଚନା ଅନୁସାରେ ବାଣୀବିହାର ଛକରୁ ରୂପାଲି ଛକ ହେଉ କିମ୍ବା ଆଚାର୍ଯ୍ୟବିହାର ହେଉ ମାତ୍ର ଗୋଟିଏ କିଲୋ ମିଟର ଦୂରତା ପାଇଁ ଯାତ୍ରୀମାନଙ୍କୁ ୧୦ଟଙ୍କା ଭଡା ଗଣିବାକୁ ପଡୁଛି। ଅର୍ଥାତ୍ ଅଟୋରିକ୍ସା ଛୁଇଁଲେ ୧୦ଟଙ୍କା। ଏହା କେବଳ ନିର୍ଦ୍ଦିଷ୍ଟ ଅଞ୍ଚଳର ଘଟଣା ନୁହେଁ। ରାଜଧାନୀର ସବୁ ଅଞ୍ଚଳରେ ଏଭଳି ଘଟୁଥିଲେ ବି ଆର୍ଥିକ କ୍ଷତିଗ୍ରସ୍ତ ଯାତ୍ରୀମାନେ କାହା ନିକଟରେ ଅଭିଯୋଗ କରିବେ ତା’ର ଟେର ପାଉନାହାନ୍ତି। ଅଟୋରିକ୍ସାର ସୁପରିଚାଳନା ପାଇଁ କର୍ତ୍ତୃପକ୍ଷ ବହୁ ପ୍ରକାର ପଦକ୍ଷେପ ନେଇଥିଲେ ବି ଏହା ଫେଲ୍ ମାରିଛି। ପିଙ୍କ୍ ଅଟୋସେବା ହେଉ କିମ୍ବା ପ୍ରିପେଡ୍ ଅଟୋ ସବୁ ଯେମିତି ବ୍ୟବସ୍ଥା ଭିତରେ ନାହିଁ। ଏସବୁ ଯୋଜନା ଆରମ୍ଭ ବେଳେ ପ୍ରଶାସନ ଯେତିକି ତତ୍ପରତା ଦେଖାଇଥିଲା ବର୍ତ୍ତମାନ ସେଭଳି କିଛି ଦେଖିବାକୁ ମିଳୁନି। ଉଦାହରଣ ସ୍ୱରୂପ କିଛି ଅଞ୍ଚଳର ଅଟୋ ଭଡାକୁ ନେଇ ତର୍ଜମା କରିବା। ଚନ୍ଦ୍ରଶେଖରପୁର ଅଞ୍ଚଳର ବିପିସିଏଲ୍ ପେଟ୍ରୋଲ ପମ୍ପ ଠାରୁ ନୀଳାଦ୍ରି ବିହାର ସେକ୍ଟର-୨ର ଦୂରତା ଗୋଟିଏ କିଲୋମିଟର ଭିତରେ। ଗୋଟିଏ ଅଟୋରିକ୍ସାରେ ସର୍ବନିମ୍ନ ୫ଜଣ ଯାତ୍ରୀ ଯାଉଥିଲା ବେଳେ ପୂର୍ବରୁ ଅଟୋଭଡା ୨୫ଟଙ୍କା ଆଦାୟ ହେଉଥିଲା। ଏବେ ଏହା ସେହି ଅନୁପାତରେ ୫୦ଟଙ୍କା ହୋଇଯାଇଛି। ତେବେ କଥା ଉଠୁଛି ପେଟ୍ରୋଲ ଦର ଲିଟର ପିଛା ବଢୁଥିଲା ବେଳେ ଗୋଟିଏ ଅଟୋରିକ୍ସା କେତେଦୂର ରାସ୍ତା ଅତିକ୍ରମ କରେ। ସେହି ଅନୁସାରେ ଯେବେ ହିସାବ କରାଯାଏ କିଲୋ ମିଟର ପିଛା ୧୨ରୁ ୧୫ ପଇସା ବଢ଼ିଛି। କିନ୍ତୁ ଅଟୋ ଚାଳକମାନେ ଏ ହିସାବକୁ ଗୁରୁତ୍ୱ ନଦେଇ ଭଡାକୁ କେଉଁ ନ୍ୟାୟରେ ଦୁଇଗୁଣ କରିଛନ୍ତି ତାହା ପରିବହନ ବିଭାଗ ଗୋଚରରେ ବା ଅଗୋଚରରେ ଘଟୁଛି ତାହାର ଅନୁସନ୍ଧାନ କରାଯିବା ଦରକାର। ଅଟୋରିକ୍ସାର ଏହି ବର୍ଦ୍ଧିତ ଭଡାକୁ ନେଇ ଭୁବନେଶ୍ୱରର ଅଟୋରିକ୍ସାରେ ଯାତାୟାତ କରୁଥିବା ଯାତ୍ରୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଯେହେତୁ ସରକାରୀ ଭାବେ ଅଟୋରିକ୍ସାର କୌଣସି ଭଡା ଧାର୍ଯ୍ୟ କରାଯାଇନାହିଁ କିମ୍ବା ମିଟର ପ୍ରଚଳନକୁ ବାଧ୍ୟତାମୂଳକ କରାଯାଇନାହିଁ ଏହାର ସୁବିଧା ପାଉଛନ୍ତି ଅଟୋ ଚାଳକ ହଇରାଣ ହେଉଛନ୍ତି ଯାତ୍ରୀ।

ପର୍ଯ୍ୟଟନ

# କଫିନ ଭିତରେ ଜୀବନ୍ତ ଦିଶୁଥିଲା ଶରୀର



ଗୋଆରେ ଥିବା ସବୁ ଚର୍ଚ୍ଚର ଏକ ସମୃଦ୍ଧ ଇତିହାସ ମଧ୍ୟ ରହିଛି। ଏଠାରେ ବୁଲିବା ବେଳେ ବାହାରିଥିଲୁ ଗୋଆର ଆଉ ଏକ ପ୍ରସିଦ୍ଧ ଚର୍ଚ୍ଚ ଦେଖିବା ପାଇଁ। କିଛି ସମୟ ଗାଡିରେ ଯାତ୍ରା କରିବା ପରେ ବାସିଲିକା ଅଫ୍ ବମ୍ ଜିସସ୍‌ରେ ପହଞ୍ଚିଥିଲୁ। ଏହାବାହାରୁ ଦେଖିବା ପାଇଁ ଅତ୍ୟନ୍ତ କାରୁକାର୍ଯ୍ୟପୂର୍ଣ୍ଣ ନଥିଲେ ମଧ୍ୟ ଏହାର ନିର୍ମାଣ ଶୈଳୀ କିନ୍ତୁ ଥିଲା ଖୁବ୍ ଆକର୍ଷକ। ଅନେକ ପର୍ଯ୍ୟଟକଙ୍କର ଭିଡ ଏଠାରେ ଦେଖିବାକୁ ପାଇଥିଲି। ତେବେ ଚର୍ଚ୍ଚ ଭିତରକୁ ଯିବା ପରେ ଏହାର କାରୁକାର୍ଯ୍ୟ ଦେଖିଲେ ଯେକେହିବି ଆଶ୍ଚର୍ଯ୍ୟ ହେବେ। ତେବେ ଆଗକୁ ବଢ଼ିବା ପୂର୍ବରୁ ଆପଣମାନଙ୍କୁ ଏଠାରେ ସୂଚନା ଦେବି ଯେ, ଏହି ବେସିଲିକା ମଧ୍ୟ ୟୁନିସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟର ମାନ୍ୟତା ଲାଭ କରିଛି। ବେସିଲାକା ଭିତରର କାରୁକାର୍ଯ୍ୟ କଥା ଯଦି ଆମେ କହିବା ତା'ହେଲେ ଏହା ଭିତରେ ପିଲାର୍ ବା ସ୍ତମ୍ଭ ଗୁଡିକ ଖୁବ୍ କାରୁକାର୍ଯ୍ୟପୂର୍ଣ୍ଣ। ମୁଖ୍ୟ ବେଦୀଟି ଖୁବ୍ କଳାକାରୁକାର୍ଯ୍ୟ ପୂର୍ଣ୍ଣ ହେବା ସହ ସ୍ୱର୍ଣ୍ଣିମ ରଙ୍ଗରେ ଶୋଭାପାଉଛି। ଏହି ବେସିଲିକା ମୁଖ୍ୟତଃ ସେଣ୍ଟ ଫ୍ରାନ୍‌ସିସ୍ ଜାଭିୟରଙ୍କୁ ଉତ୍ସର୍ଗ କରାଯାଇଛି। ତେବେ ମୁଖ୍ୟ ଉପାସନା ଗୃହର ବାହାର ପଟେ ଏକ ସ୍ଥାନରେ କ୍ୟାଣ୍ଡେଲ ଜଳା ହେଉଥିବାର ଦେଖିବାକୁ ପାଇଥିଲି। ଯେମିତି ହିନ୍ଦୁ ଧର୍ମରେ ମନ୍ଦିର ଭିତରେ କିମ୍ବା ବାହାରେ ଦୀପ ଜଳାଇବାର ପରମ୍ପରା ରହିଛି। ଠିକ୍ ସେହିପରି ଏଠାରେ ବୋଧହୁଏ କ୍ୟାଣ୍ଡେଲ ବା ମହମବତୀ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଜଳାଯାଉଥିଲା। ମୁଁ ସେଣ୍ଟ୍ ଫ୍ରାନସିସ୍ ଜାଭିୟରଙ୍କୁ ଦର୍ଶନ କରିବା ପୂର୍ବରୁ ମହମବତୀଟିଏ ଜାଳିବାକୁ ଇଚ୍ଛା କଲି। ଗୋଟିଏ ଧାତୁ ନିର୍ମିତ ପାତ୍ର ଉପରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ମହମବତୀ ଜଳାଉଥିଲେ। ମୁଁ ମଧ୍ୟ ମହାବତୀଟିଏ ଆଣି ସେହି ସ୍ଥାନରେ ଜାଳିଥିଲି ଆଉ ମନେ ମନେ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲି। ଏଠାରେ ମହମବତୀ ଜାଳିବା ବେଳେ ମୋ ମନ ଭିତରେ ଗୋଟିଏ କଥା ଆସିଲା ଯେ ପ୍ରାୟ ପ୍ରତ୍ୟକ ଧର୍ମବିଶ୍ୱାସ ସହ ଅଗ୍ନିର ସମ୍ପର୍କ ରହିଛି। ହିନ୍ଦୁ ଧର୍ମରେ ଦୀପ ପ୍ରଜ୍ୱଳନ ହେଉ ବା ଯଜ୍ଞ ହୋମ କର୍ମକାଣ୍ଡ, ଚର୍ଚ୍ଚରେ କ୍ୟାଣ୍ଡେଲ୍ ଜାଳିବା ପୁଣି ଆଉ କେଉଁଠି ଧୁନି ଜାଳିବା ସବୁ ସ୍ଥାନରେ ଅଗ୍ନିଙ୍କ ଉପସ୍ଥିତି ରହିଛି। ଅବଶ୍ୟ ହିନ୍ଦୁ ଶାସ୍ତ୍ର ଅନୁସାରେ ଅଗ୍ନି ହେଉଛନ୍ତି ଦେବତା। ଅଗ୍ନି ଉପାସନାର ଏକ ସମୃଦ୍ଧ ପରମ୍ପରା ରହିଛି। ତେବେ ମହମବତୀ ଜାଳି ପ୍ରାର୍ଥନା କରିବା ପରେ ଏବେ ସେଣ୍ଟ ଫ୍ରାନସିସ୍ ଜାଭିୟରଙ୍କୁ ଦର୍ଶନ କରିବା ପାଇଁ ମୁଖ୍ୟ ଉପାସନା ଗୃହ ଭିତରକୁ ଆସିଲି। ଏହାରି ଭିତରେ ମୋ କାନରେ ପଡିଲା ଓଡ଼ିଆରେ କଥାବାର୍ତ୍ତା। ମୁଁ ବୁଲିପଡି ଦେଖିବା ବେଳକୁ ୪/୫ଜଣ ବ୍ୟକ୍ତି ପରସ୍ପର ଭିତରେ ଓଡ଼ିଆରେ କଥାବାର୍ତ୍ତା ହେଉଛନ୍ତି। ମୁଁ ସେମାନଙ୍କ କଥାବାର୍ତ୍ତା ଶୁଣିବା ପରେ ତାଙ୍କ ନିକଟକୁ ଗଲି ଏବଂ ପଚାରିଲି 'ଭାଇ କେଉଁଠାରୁ ଆସିଛନ୍ତି' ହଠାତ୍ ନିଜ ସ୍ଥାନଠାରୁ ଏତେ ଦୂରରେ ନିଜ ମାତୃଭାଷା ଶୁଣିବା ପରେ ସେମାନେ ଆଶ୍ଚର୍ଯ୍ୟ ହୋଇଥିଲେ। କିଛି ସମୟ ଆମେ ମିଶି କଥା ହେବା ଭିତରେ ନିଜ ନିଜର ପରିଚୟ ପ୍ରଦାନ କରିଥିଲୁ। ପ୍ରକୃତରେ ସେମାନଙ୍କ ମଧ୍ୟରୁ ଦୁଇଜଣ ଗୋଆରେ ରହୁଥିଲେ। ଅର୍ଥାତ୍ ଗୋଆର ବିଭିନ୍ନ ହୋଟେଲ ରେଷ୍ଟୁରାଣ୍ଟରେ ସେମାନେ କାର୍ଯ୍ୟ କରୁଥିଲେ। ଜଣଙ୍କ ନାଁ ଥିଲା ପ୍ରକାଶ, ତାଙ୍କ ଘରର ଭଦ୍ରକ ନିକଟରେ। ଆଉ ଜଣଙ୍କ ନାଁ ରାଜେଶ ତାଙ୍କ ଘର ଯାଜପୁର ଅଞ୍ଚଳରେ। ସେମାନେ ଗୋଆର ଏକ ତାରକା ହୋଟେଲରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସେମାନଙ୍କର ଦୁଇଜଣ ବନ୍ଧୁ ଓଡ଼ିଶାରୁ ଆସିଥିଲେ ତେଣୁ ସେମାନଙ୍କୁ ନେଇ ବୁଲାଇବାକୁ ଆଣିଥିଲେ। ପ୍ରାୟ ୧୫ ବର୍ଷ ପାଖାପାଖି ରାଜେଶ ଏବଂ ପ୍ରକାଶ ଗୋଆରେ ରହି ଆସୁଛନ୍ତି। ଏପରିକି ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ କୋଙ୍କଣି ଭାଷା ଏବଂ ମରାଠୀ ଭାଷା ମଧ୍ୟ ସମ୍ପୂର୍ଣ୍ଣ କହି ପାରୁଛନ୍ତି ଏହି ଦୁଇଜଣ। ମୋର ଜିଜ୍ଞାସୁ ମନ ସେମାନଙ୍କ ସହ କଥା ହେବା ପରେ ସତେ ଯେମିତି ଚେଇଁ ଉଠିଲା। ମୁଁ ପ୍ରଶ୍ନ ପଚାରିବା ଆରମ୍ଭ କଲି। ମୋର ଏପରି ଅବସ୍ଥା ଦେଖି ଗାଡି ଚାଳକ ସାମାନ୍ୟ ମୁରୁକି ହସା ଦେଇ ବାହାରକୁ ଚାଲିଗଲେ। ବୋଧେ ସେ ଜାଣିଗଲେ ଯେ, ଏଠାରେ ନିହାତି ବିଳମ୍ବ ହେ। ତେବେ ଯାହା ହେଉ ରାଜେଶ ଏବଂ ପ୍ରକାଶଙ୍କର ଗୋଆ ବିଷୟରେ ଅନେକ ଜ୍ଞାନ ଥିଲା। ମୁଁ ସେମାନଙ୍କ ଠାରୁ ସେଣ୍ଟ ଫ୍ରାନସିସ୍ ଜାଭିୟରଙ୍କ ବିଷୟରେ ଜାଣିବା ପାଇଁ ଚାହିଁଲି। ସେମାନେ ସହୃଦୟତାର ସହ ମୋତେ ଏକ ବେଦୀ ପାଖକୁ ନେଇଗଲେ। ସେଠାରେ ଏକ ଉଚ୍ଚ ସ୍ଥାନରେ ଏକ କାଚର କଫିନ୍ ଭିତରେ ସେଣ୍ଟ ଫ୍ରାନସିସ୍ ଜାଭିୟରଙ୍କ ଦେହାବଶେଷ ରଖାଯାଇଛି। ତାହା ଦେଖାଇଥିଲେ। ସତରେ ଦୂରରୁ ତାହା ଦେଖିଲେ ଲାଗୁଥିଲା ଯେ ଏବେବି ସେଣ୍ଟ ଫ୍ରାନସିସ୍ ଜାଭିୟର ଜୀବନ୍ତ ଅଟନ୍ତି ଏବଂ ଶୟନ କରୁଛନ୍ତି। ତେବେ ପ୍ରକାଶ ଯାହା ସୂଚନା ଦେଲେ ଯେ ସେଣ୍ଟ ଫ୍ରାନ୍‌ସିସ୍ ଜାଭିୟରଙ୍କର ୧୫୫୨ ମସିହାରେ ଚୀନର ସାଙ୍ଗ୍‌ଚୁଆନ୍ ଦ୍ୱୀପରେ ପରଲୋକ ଘଟିଥିଲା। ତାଙ୍କର ଶେଷକୃତ୍ୟ ବର୍ତ୍ତମାନର ମାଲେସିଆର ମଲାକାରେ କରାଯାଇଥିଲା। କିଛିବର୍ଷ ପରେ ତାଙ୍କ ମରଶରୀରକୁ ଯେତେବେଳେ କଫିନରୁ ବାହାର କରାଯାଇଥିଲା ସେତେବେଳେ ଦେଖାଯାଇଥିଲା ଯେ, ତାଙ୍କ ଶରୀର ମୃତ୍ୟୁର ଅନେକ ବର୍ଷ ପରେ ମଧ୍ୟ ସତେଜ ରହିଛି। ଏପରି ଆଶ୍ଚର୍ଯ୍ୟକର ଘଟଣା ପ୍ରଚାର ହେବା ପରେ ତାଙ୍କୁ ସେଣ୍ଟ୍‌ର ମାନ୍ୟତା ପ୍ରଦାନ କରାଯାଇଥିଲା। ତେବେ ଶେଷରେ ସେଣ୍ଟ୍ ଫ୍ରାନସିସ୍ ଜାଭିୟରଙ୍କ ମରଶରୀରକୁ ୧୬୫୯ ମସିହା ଏପ୍ରିଲ୍ ମାସରେ ଗୋଆର ଏହି ବାସିଲିକାରେ ସ୍ଥାପନ କରାଯାଇଥିଲା। ଏକ ସୁନ୍ଦର ତଥା କାରୁକାର୍ଯ୍ୟପୂର୍ଣ୍ଣ କଫିନ୍ ଭିତରେ ଏବେ ବି ଆପଣ ସେଣ୍ଟ ଜାଭିୟର ଫ୍ରାନ୍‌ସିସଙ୍କୁ ଦର୍ଶନ କରିପାରିବେ। ପ୍ରକାଶଙ୍କୁ ଏହି ଚର୍ଚ୍ଚ ଭିତରେ ବୁଲାଇବା ସମୟରେ ଅନେକ ପୁରୁଣା କଥା ବଖାଣି ଥିଲେ। ଏପରିକି ଏହି ସ୍ଥାନକୁ ନେଇ ଥିବା ଅନେକ ଅଲୌକିକ ଲୋକକଥା ମଧ୍ୟ ଶୁଣିବାକୁ ମିଳେ। ସେ ସମ୍ପର୍କରେ ପ୍ରକାଶ କହିବାକୁ ଆରମ୍ଭ କଲେ ଯାହା ସମ୍ପର୍କରେ ଆପଣମାନଙ୍କୁ ଆଗାମୀ ସ୍ତମ୍ଭରେ ସୂଚନା ଦେବି।

*କ୍ରମଶଃ...*

ଉପସ୍ଥାପନା
ଜାହ୍ନବୀସୁତ



ଆସ ବୁଲିଯିବା



# ବ୍ୟବସାୟୀଙ୍କ ଜମା ଅର୍ଥ ଫେରସ୍ତ କଲା ପାରାଦୀପ ବନ୍ଦର



**ପାରାଦୀପ :** ୯ ସେପ୍ଟେମ୍ବର ୧୭ତାରିଖରୁ ସପ୍ତାହବ୍ୟାପି ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜାର ତୃତୀୟ ଓ ଚତୁର୍ଥ ଦିବସରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଓ ପବନ ଯୋଗୁଁ ଏହି ମହୋତ୍ସବରେ ଅନ୍ତରାୟ ସୃଷ୍ଟି ହୋଇଥିଲା । ବହୁସ୍ଥାନୀୟ ଓ ବାହାରର ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପାଇଁ ଏଠାରେ ପାରାଦୀପ ଇଷ୍ଟେଟ ବିଭାଗରେ ଟେଣ୍ଡର ମାଧ୍ୟମରେ ସ୍ଥାନ ବାବଦରେ ଅର୍ଥ ପୈଠ କରିଥିଲେ । କିନ୍ତୁ ପ୍ରବଳ ବର୍ଷା ଓ ପ୍ରବନ ଯୋଗୁଁ ସେମାନଙ୍କର କାରବାରରେ ଅନ୍ତରାୟ ସୃଷ୍ଟି ହୋଇଥିଲା ଓ ବ୍ୟବସାୟୀ ମାନେ ଆର୍ôଥିକ କ୍ଷତି ହେବାର ଚିନ୍ତାରେ ଥିଲେ । ଏ ପରିପ୍ରେକ୍ଷିରେ ବନ୍ଦର କର୍ତ୍ତୃପକ୍ଷ ଏହାକୁ ହୃଦୟଙ୍ଗମ କରି ସହୃଦୟତାର ସହ ବ୍ୟବସାୟୀ ମାନଙ୍କୁ ସେମାନଙ୍କର ପୈଠ ଅର୍ଥ ଫେରସ୍ତ ଦେବାର ଘୋଷଣା କରିଥିଲେ । ଏ ଖବର ପ୍ରସାରିତ ହେବା ପରେ ସମସ୍ତ ବ୍ୟବସାୟୀ, ଉଠାଦୋକାନୀ ମାନେ ଆସ୍ୱସ୍ତି ପ୍ରକାଶ କରି ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରଏଙ୍କୁ ସାଧୁବାଦ ଜଣାଇଥିବା ବେଳେ ସାଧାରଣରେ ବନ୍ଦର କର୍ତ୍ତୃପକ୍ଷ ଏପରି ପଦକ୍ଷେପକୁ ପ୍ରଶଂସା କରାଯାଇଛି । ତେବେ ୧୭ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜାର ପ୍ରଥମ ଦୁଇଦିନ ଭଲ ପାଗ ଯୋଗୁଁ ବହୁ ଜନସମାଗମ ଦେଖିବାକୁ ମିଳିଥିଲା । ଓ ଆଗକୁ ବହୁ ସଂଖ୍ୟାରେ ଜନସମାଗମ ହେବାର ସମ୍ଭାବନା ରହିଥିଲା । କିନ୍ତୁ ତୃତୀୟ ଦିବସ ଅର୍ଥାତ ୧୯ତାରିଖ ସଂନ୍ଧ୍ୟାରୁ ବର୍ଷା ଓ ପବନ ତାଣ୍ଡବ ଆରମ୍ଭ ହୋଇଯାଇଥିଲା । ଏଥିରେ ପୂଜାକୁ ଆସିଥିବା ବହୁ ଭକ୍ତ ଓ ଦର୍ଶକ ହନ୍ତସନ୍ତ ହୋଇଥିଲେ ଓ କିଛି ପୂଜା ମଣ୍ଡପ କ୍ଷତିଗ୍ରସ୍ତ ହୋଇଥିଲା । ତେବେ ପଞ୍ଚମ ଦିବସରେ ପାଗ ଠିକ୍ ହେବାରୁ ସଂନ୍ଧ୍ୟାରେ ଭିଡ ଜମୁଥିବାର ଦେଖାଯାଇଥିଲା ।

# ଭିଜିଲାନ୍ସ ଜାଲରେ ଜିଆର୍‌ଏସ

**ସୋନପୁର :** ପ୍ରଧାନ ମନ୍ତ୍ରୀ ଆବସ ଯୋଜନାର ବିଲ ପାସ କରିବା ପାଇଁ ଜଣେ ହିତାଧିକାରିଙ୍କ ଠାରୁ ୫ହଜାର ଟଙ୍କା ଲାଂଚ ନେଉଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସିଂଘିଯୁବା ଗ୍ରାମର ପଞ୍ଚାୟତ ର ଜିଆରଏସ ଅମିତ ଅଗ୍ରବାଲା ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଜିଆରଏସ ଅମିତଙ୍କୁ ଗିରଫ କରାଯାଇ ଭିଜିଲାନ୍ସ କୋଟକୁ ଚାଲାଣ କରାଯାଇଛି। ସିଂଘିଯୁବା ଗ୍ରାମ ପଞ୍ଚାୟତର ସରଗୁନା ଗ୍ରାମର ଗୋବିନ୍ଦ ବାଗଙ୍କ ସ୍ତ୍ରୀ ଫୁଲ ବାଗ ୨୦୧୭-୧୮ରେ ପ୍ରଧାନମନ୍ତ୍ରୀ ଆବାସ ଯୋଯନାରେ ଘର ପାଇଥିଲେ ।ସେ ଶେହ ପର୍ଯ୍ୟାୟ ବିଲ ବିବାଦ କୁ ୩୦ ହଜାର ଟଙ୍କା ପାଇବା ବାକି ରହିଥିଲା। ଫୁଲଙ୍କ କାମ ସତ୍ୟାନନ୍ଦ ବୁଝାସୁଝା କରୁଥିଲେ । ବିଲ କରିଦେବାକୁ ଶ୍ରୀ ଅଗ୍ରବାଲା ୫ହଜାର ଟଙ୍କା ମାଗିଥିଲେ ।ଏ ସମ୍ପର୍କରେ ସତ୍ୟାନନ୍ଦ ଭିଜିଲାନ୍ସରେ ଲିଖିତ ଅଭିଯୋଗ କରିଥିଲେ ।ମଙ୍ଗଳବାର ଅଭିଯୋଗକାରି ସିଂଘିଯୁବା ପଚଂୟତ ଅଫିସରେ ଶ୍ରୀ ଅଗ୍ରବାଲାଙ୍କୁ ୫ହଜାର ଲାଚଂ ଦେଇଥିଲ । ଜିଆରଏସ ଟଙ୍କା ନେଇ ଆଲମାରି ରେ ଥିବା ଏକ ବ୍ୟାଗରେ ରଖିଥିଲେ ।ଏହି ସମୟରେ ଭିଜିଲାନ୍ସ ବିଭାଗ ଚଢାଉ କରି ଲାଚଂ ଟଙ୍କା ଜବତ କରିବା ସହିତ ଜିଆରଏସ ଶ୍ରୀ ଅଗ୍ରବାଲାଙ୍କୁ ଗିରଫ କରାଯାଇଥିଲା ।

# ପଥର ଖଣିକୁ ନେଇ ସରପଞ୍ଚଙ୍କ ସ୍ୱାମୀଙ୍କ ଉପରକୁ ବୋମା ମାଡ଼

**ଖୋରଧା :** କାଇପଦର ମୌଜାରେ ଥିବା ଶଙ୍ଖାରି ପାହାଡ଼କୁ ନେଇ କାଇପଦର ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀଙ୍କ ଉପରକୁ ବୋମା ମାଡ଼ ହୋଇଥିବା ଜଣାପଡ଼ିଛି। ଏଥିରେ କୌଣସି ବ୍ୟକ୍ତିଙ୍କର କ୍ଷୟ କ୍ଷତି ହୋଇ ନଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଉତେଜନା ଦେଖାଦେଇଛି। ଖୋର୍ଦ୍ଧା ତହସିଲ ଅଧିନସ୍ଥ କାଇପଦର ମୌଜାରେ ଥିବା ଶଙ୍ଖାରି ଧନିଆ, ଧୋବି ମାଣ୍ଡିଆ ତଇଲା ପାହାଡ଼ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିକଟରେ ନିଲାମ କରାଯାଇଛି। ଏହି ପାହାଡ଼ ଗୁଡ଼ିକ କେହି ଯେପରି ଅଧିକା ଟଙ୍କାରେ ନିଲାମ ନେଇ ନ ପାରିବେ ଏବଂ କମ୍ ଟଙ୍କାରେ କିପରି ନିଲାମ ନିଆଯିବ କେଉଁମାନଙ୍କ ନାମରେ ସେ ସମ୍ପର୍କରେ କାଇପଦର ଗ୍ରାମବାସୀମାନେ ନିଷ୍ପତ୍ତି ନେଇଥିଲେ। ସେହି ପାହାଡ଼ ଗୁଡ଼ିକ ଯେପରି ୧୭୦ ଟଙ୍କାରୁ ଅଧିକ ମୁଲ୍ୟରେ କେହି ଟେଣ୍ଡର ନ ପକେଇବାକୁ ଗ୍ରାମବାସୀଙ୍କ ପକ୍ଷରୁ ବାରଣ କରାଯାଇଥିଲା। କିଛି ବ୍ୟକ୍ତି ଗ୍ରାମର ନିଷ୍ପତ୍ତିକୁ ସମ୍ମାନ ଜଣାଇ ଟେଣ୍ଡର ପକାଇ ନଥିବା ବେଳେ ଆଉ କେତେକ ବ୍ୟକ୍ତି ୧୭୦ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାରେ ଟେଣ୍ଡର ପକାଇ ଖଣି ଗୁଡ଼ିକୁ ନିଲାମ ନେଇଥିଲେ। ଏହି ପଥର ଖଣି ଗୁଡ଼ିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହୋଇଥିଲେ ମଧ୍ୟ କାଇପଦର ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ଟେଣ୍ଡର ପାଇଥିବା ପଥର ଖଣି ଗୁଡ଼ିକ ଚଲାଇବା ପାଇଁ ଦେଇନଥିଲେ। ଗ୍ରାମବାସୀଙ୍କ ନିଷ୍ପତ୍ତି ଅନୁଯାୟୀ ପଥର ଖଣି ଗୁଡ଼ିକ ଚଲାଇବା ପାଇଁ ବାଧ କରାଯାଇଥିଲା। କିଛି ନିଲାମ ଧାରୀ ବ୍ୟକ୍ତି ନିୟମ ଅନୁଯାୟୀ ଶ୍ରୀ ମନ୍ଦିର ପ୍ରଶାସନ ନିକଟରୁ ନିଲାମ ଆଣିଥିଲେ ମଧ୍ୟ ଗ୍ରାମବାସୀମାନେ ଖଣି ଗୁଡ଼ିକ ଚଲାଇବା ପାଇଁ ବାରଣ କରିଥିଲେ। ନିଲାମ ପାଇଥିବା କିଛି ବ୍ୟକ୍ତି ପାହାଡ଼ ଗୁଡ଼ିକ ଚଲାଇବା ପାଇଁ ଯିବା ସମୟରେ କାଇପଦର ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଓ ସହଯୋଗୀ ସେମାନଙ୍କୁ ବାରଣ କରିଥିଲେ। ଫଳରେ ଉଭୟ ପକ୍ଷଙ୍କ ମଧ୍ୟରେ ଜୁକ୍ତି ତର୍କ ହୋଇଥିଲା। ଏହାକୁ ବିରୋଧ କରି ସରପଞ୍ଚଙ୍କ ସ୍ୱାମୀ ଓ ତାଙ୍କ ସମର୍ଥନଙ୍କ ଉପରେ ଘନ ଘନ ବୋମା ମାଡ଼ ହୋଇଥିଲା। ଫଳରେ ଆଖ ପାଖ ଅଞ୍ଚଳରେ ଗ୍ରାମବାସୀମାନେ ଭୟଭୀତ ହୋଇ ପଡ଼ିଥିଲେ। ଏଣୁ କାଇପଦର ଗ୍ରାମବାସୀମାନଙ୍କ ପକ୍ଷରୁ ଏ ନେଇ ଖୋର୍ଦ୍ଧା ସଦର ଥାନାରେ ଏକ ଲିଖିତ ଅଭିଯୋଗ କରାଯିବା ସହିତ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ନିକଟରେ ମଧ୍ୟ ଅଭିଯୋଗ କରାଯାଇଥିଲା। ଠିକ୍ ସେହିପରି ଭାବରେ ଗତ ୮ ତାରିଖ ଦିନ ତାପଙ୍ଗ ମୌଜାରେ ଥିବା ହାତୀୟା ମୁଣ୍ଡିଆ ନିଲାମ ନେଇଥିବା ସତ୍ୟ ମଲ୍ଟି ପ୍ଲେକ୍ସ ପ୍ରାଇଭେଟ୍ ଲିମିଟେଡ୍, ଭୁବନେଶ୍ୱର ଯାହାର ମାଲିକ ହେଉଛନ୍ତି ଜଗଦିଶ ଶଙ୍କର ସାହୁ ହାତୀୟା ମୁଣ୍ଡିଆଟି ଗ୍ରାମଉନ୍ନୟନ ବିଭାଗର ରାସ୍ତା ଉପରେ ଥିବାରୁ ଏହି ପାହାଡ଼ଟିକୁ ଚଲାଇବା ପାଇଁ ତାପଙ୍ଗ ଗ୍ରାମବାସୀମାନଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଗ୍ରାମବାସୀମାନଙ୍କ କହିବା କଥା ହେଲା ଏହି ପାହାଡ଼ଟି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାକୁ ସଂଲଗ୍ନ କରିବା ସହିତ ବ୍ଲାଷ୍ଟିଂ ସମୟରେ ସେହି ରାସ୍ତା ଦେଇ ଗ୍ରାମବାସୀମାନେ ଚିକିତ୍ସାଳୟ, ଛୋଟପିଲାମାନେ ସ୍କୁଲ ଓ କଲେଜକୁ ଯିବା ଆସିବା କରିବା ସମୟରେ ଏବଂ ଧାନ ଜମି ପଥର ଖଣ୍ଡ ପଡ଼ି ଧନ ଜୀବନ ହାନି ହେବାର ସମ୍ଭାବନା ଥିବା ସହିତ ଚାଷ ଜମିରେ ପଡ଼ି ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପଥର ଖଣିରେ ବ୍ଲାଷ୍ଟିଂ ସମୟରେ ସୃଷ୍ଟି ହେଉଥିବା ଏହି ସବୁ ସମସ୍ୟା ଗୁଡ଼ିକୁ ଆଖି ଆଗରେ ରଖି ଏକ ଜନସ୍ୱାର୍ଥ ମାମଲା ଯାହାର କେଶ ନଂ.୭୯୩୯/୨୦୧୬ ମାନ୍ୟବର ଉଚ୍ଚ ନ୍ୟାୟଳୟ, ଓଡ଼ିଶା, କଟକଙ୍କ ନିକଟରେ ଦାୟର ହୋଇଥିଲେ ମଧ୍ୟ ଏବଂ ଏ ସମ୍ପର୍କରେ ଶ୍ରୀ ମନ୍ଦିର ପ୍ରଶାସନ ଓ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଜାଣି ଶୁଣି ଏ ସମ୍ପର୍କିତ ଏକ ମାମଲା ଉଚ୍ଚ ନ୍ୟାୟଳୟକୁ ବିଚାରାଧିନ ଥିବା ବେଳେ କିପରି ସେହି ଖଣି ଗୁଡ଼ିକ ନିଲାମ କଲେ ଯାହା ଦ୍ୱାରାକି ନିଲାମ ନେଇଥିବା ଖଣି ମାଲିକ ଜଗଦିଶ ଶଙ୍କର ସାହୁ କିଛି ମୁଷ୍ଟିମେୟ ଗୁଣ୍ଡାଶ୍ରେଣୀର ଯୁବକମାନଙ୍କୁ ନିୟୋଜିତ କରି ଗତ ୮ ତାରିଖ ଦିନ ତାପଙ୍ଗ ଛକରେ ଫାଷ୍ଟଫୁଟ୍ କରିଥିବା ସେକ୍ ନାଜିମିର ଓ ଫକିର ଉଦ୍ଦିନଙ୍କ ଦୋକାନରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା ସହିତ ବୋମା ମାଡ଼ କରିଥିଲେ ଏବଂ ସେକ୍ ନାଜିମିରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏ ନେଇ ଖୋର୍ଦ୍ଧା ସଦର ଥାନାରେ ସେକ୍ ନାଜିମିର ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ କେଶ ନଂ.୧୨୭/୧୮ରେ ଏକ ମାମଲା ରୁଜ୍ଜୁ କରି ମୁଖ୍ୟ ଅଭିଯୁକ୍ତ ପ୍ରତାପ ବଳିଆରସିଂହ ଓରଫ ଟୁଟୁକୁ ଗିରଫ କରି କୋର୍ଟ ଚାଲଣ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋର୍ଦ୍ଧା ସଦରଥାନା ପୁଲିସ ଗିରଫ କରିବାରେ ସଫଳ ହୋଇ ପାରି ନାହିଁ। ଠିକ୍ ସେହିପରି ଭାବରେ କାଇପଦର ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ଏତେ ସଚୋଟ ଯେ, ତାଙ୍କ ଭାଇଙ୍କ ନାମରେ ଥିବା ଏଲ.ଆଣ୍ଡ ଟି ମେସିନ୍ ଖୋର୍ଦ୍ଧା ଉପଜିଲ୍ଲାପାଳ ବେଆଇନ ପଥର ଖଣିରେ ନିୟୋଜିତ ଥିବା ସମୟରେ ଜବତ କରିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଲା କେମିତି ? ଏହି ମୁଖା ପିନ୍ଧା ବ୍ୟକ୍ତି ଜଣଙ୍କ ସବୁଠାରୁ ଭୟଙ୍କର। କାଇପଦର ମୌଜାରେ ଥିବା ସମସ୍ତ ମୁଣ୍ଡିଆରେ ଏହି ବାବୁ ପଇସା ଲଗାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ବାବୁ ଜଣକ ସବୁ ଗଣ୍ଡଗୋଳ କରି ମୁଣ୍ଡିଆ ଗୁଡ଼ିକ ବନ୍ଦ କରିବା ସହିତ ନିଜେ ଲୋକ ଲଗାଇ ଜୋର ଜବରଦସ୍ତ ଚଲାନ୍ତି। ତେଣୁ ଏହା ତଦନ୍ତ ସାପକ୍ଷ ଏ ସବୁକୁ ଦୃଷ୍ଟିରେ ରଖି ଏହାର ଘୋର ବିରୋଧ ଦରକାର। ଜଣେ ନିଲାମ ଧାରି ନିୟମ ମୁତାବକ ନିଲାମ ଆଣିବା ପରେ ମୁଣ୍ଡିଆ ଚଲାଇ ପାରିବ ନାହିଁ କାହିଁକି ? ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି।

# ବୋର୍ଡ ସାର୍ଟିଫିକେଟ୍ ଥିଲେ ଦରକାର ପଡିବନି ଆବାସିକ ପ୍ରମାଣପତ୍ର



**ଭୁବନେଶ୍ୱର :** ଆବାସିକ ପ୍ରମାଣପତ୍ର ଏବଂ ଆୟ ପ୍ରମାଣପତ୍ର ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରାଯାଇଛି। ଯେଉଁ ଛାତ୍ରଛାତ୍ରୀମାନଙ୍କ ପାଖରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ହାଇସ୍କୁଲ ସାର୍ଟିଫିକେଟ୍ ତତ୍ତୁଲ୍ୟ ସାର୍ଟିଫିକେଟ୍ ଉପଲବ୍ଧ ଏଣିକି ସେମାନଙ୍କ ପାଇଁ ଦରକାର ପଡିବନି ଆବାସିକ ପ୍ରମାଣପତ୍ର। ହାଇସ୍କୁଲ ସାର୍ଟିଫିକେଟ୍‌ରେ ପ୍ରଦତ୍ତ ସ୍ଥାନୀୟ ଠିକଣା ହିଁ ତାଙ୍କର ଆବାସିକ ପ୍ରମାଣପତ୍ର ଭାବରେ ଗ୍ରହଣ କରାଯିବ। ତେବେ ଯେଉଁ ଛାତ୍ରଛାତ୍ରୀ ହାଇସ୍କୁଲ ସାର୍ଟିଫିକେଟ୍ କିମ୍ବା ତତ୍ତୁଲ୍ୟ ପରୀକ୍ଷା ଉତ୍ତୀର୍ଣ୍ଣ ହୋଇନାହାନ୍ତି କିମ୍ବା ବୋର୍ଡ ପ୍ରଦତ୍ତ ସାର୍ଟିଫିକେଟ୍ ନାହିଁ ସେମାନଙ୍କ ପାଇଁ ପୂର୍ବପରି ରାଜସ୍ୱ ବିଭାଗ ଦ୍ୱାରା ଦିଆଯାଉଥିବା ଆବାସିକ ପ୍ରମାଣପତ୍ର ଆବଶ୍ୟକ। ଏଣିକି ଆବାସିକ ପ୍ରମାଣପତ୍ରର ବୈଧତା ଏକ ବର୍ଷ ବଦଳରେ ୫ ବର୍ଷ ପର୍ଯ୍ୟନ୍ତ ରହିବ । ସେହିପରି ରାଜସ୍ୱ ବିଭାଗ ପକ୍ଷରୁ ଦିଆଯାଇଥିବା ଆୟ ପ୍ରମାଣପତ୍ରର ମାନ୍ୟତା ଏଣିକି ଏକ ବର୍ଷ ବଦଳରେ ୩ ବର୍ଷ ପର୍ଯ୍ୟନ୍ତ ରହିବ । ଆବାସିକ ପ୍ରମାଣପତ୍ର ଏବଂ ଆୟ ପ୍ରମାଣପତ୍ର ଓ ଏହାର ବୈଧତା ବୃଦ୍ଧି ସଂକ୍ରାନ୍ତରେ ଓଡ଼ିଶା ମିସେଲେନିୟସ୍ ସାର୍ଟିଫିକେଟ୍ ରୁଲସ୍, ୨୦୧୭ରେ ଆବଶ୍ୟକୀୟ ସଂଶୋଧନ ନିମନ୍ତେ ପ୍ରସ୍ତାବ ଦେବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ କମିଟିର ସୁପାରିଶକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ଅନୁମୋଦନ କରିଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀ ଓ ସାଧାରଣ ଲୋକମାନେ ବହୁଳ ଭାବରେ ଉପକୃତ ହେବେ ଏବଂ ସେମାନଙ୍କୁ ଆଉ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ନାହିଁ । ତେବେ ଯେଉଁମାନେ ଇଂଜିନିୟରିଂ, ଡାକ୍ତରୀ, ମ୍ୟାନେଜ୍‌ମେଣ୍ଟ କିମ୍ବା ଅନ୍ୟ ପେଶାଦାର ପାଠ୍ୟକ୍ରମରେ ନାମ ଲେଖାଇବେ ସେମାନଙ୍କ ନିମନ୍ତେ ଆବାସିକ ପ୍ରମାଣପତ୍ର ଯୋଗାଇଦିଆଯିବ ଏବଂ ଏହି ଆବାସିକ ପ୍ରମାଣପତ୍ର ଏକ ବର୍ଷ ବଦଳରେ ୫ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ। ସେହିପରି ସରକାରୀ ଚାକିରି ନିମନ୍ତେ ପ୍ରାର୍ଥୀଙ୍କୁ ନିୟମ ଅନୁଯାୟୀ ଆବାସିକ ପ୍ରମାଣପତ୍ର ଦିଆଯିବ ଏବଂ ଏହାର ମାନ୍ୟତା ଏକ ବର୍ଷ ବଦଳରେ ୫ ବର୍ଷ ପର୍ଯ୍ୟନ୍ତ ରହିବ। ଏହି ଆବାସିକ ପ୍ରମାଣପତ୍ର ରାଜସ୍ୱ ବିଭାଗ ଦ୍ୱାରା ନିର୍ଦ୍ଧାରିତ ଫର୍ମାଟ୍‌ରେ ଜମିପଟ୍ଟା, ନିର୍ଦ୍ଦିଷ୍ଟ ସ୍ଥାନରେ ଏକକାଳୀନ ଏକ ବର୍ଷ ପର୍ଯ୍ୟନ୍ତ ବସବାସ କରିବା, ଭୋଟର ତାଲିକାର ନକଲ, ଭୋଟର ପରିଚୟ ପତ୍ର, ରେସନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ପ୍ୟାନ୍‌କାର୍ଡ, ପାସ୍‌ପୋର୍ଟ, ଘରଭଡା ଚୁକ୍ତିର ନକଲ ଆଦି ପ୍ରାମାଣିକ ତଥ୍ୟ ଆଧାରରେ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ୨୦୧୩ ମସିହାରେ ରାଜସ୍ୱ ବିଭାଗ ପକ୍ଷରୁ ୧,୫୩,୦୦୦ ଆବାସିକ ପ୍ରମାଣପତ୍ର ଓ ୯୯,୭୫୮ଟି ଆୟ ପ୍ରଦାନ କରାଯାଇଥିବାବେଳେ ୨୦୧୭ ବର୍ଷରେ ଏହା ବହୁଗୁଣ ବୃଦ୍ଧି ପାଇ ଆବାସିକ ପ୍ରମାଣପତ୍ର ୧୩ ଲକ୍ଷ ୨୦ ହଜାର ୭୩୩ ଏବଂ ଆୟ ପ୍ରମାଣପତ୍ର ୧୦ ଲକ୍ଷ ୩୭ ହଜାର ୨୬୭ରେ ପହଞ୍ଚିଥିଲା। ସଂଶୋଧିତ ବ୍ୟବସ୍ଥା ଏବଂ ଏହାର ବୈଧତାର ସମୟସୀମା ବୃଦ୍ଧି ଫଳରେ ଜନସାଧାରଣ ବହୁଳ ଭାବରେ ଉପକୃତ ହେବା ସହିତ ଏଣିକି ରାଜସ୍ୱ ଅଧିକାରୀମାନେ ଜମିଜମା ରେକର୍ଡ ସଂଶୋଧନ ଓ ରାଜସ୍ୱ ମାମଲାଗୁଡ଼ିକର ଫଇସଲା କରିବା ପାଇଁ ଅଧିକ ସମୟ ପାଇବେ ଓ ଅଧିକ ରାଜସ୍ୱ ଆଦାୟ ହେବ।

# ହୋଟେଲ ଭଳି ଶିକ୍ଷକୁ ମିଳିବ ତାରକା ଚିହ୍ନ

**ଭୁବନେଶ୍ୱର :** ବର୍ଗୀକରଣ ହେବ ରାଜ୍ୟରେ ଥିବା ଶିଳ୍ପାନୁଷ୍ଠାନ। ହୋଟେଲ୍ ଭଳି ସେମାନଙ୍କୁ ମଧ୍ୟ ତାରକାଭୁକ୍ତ କରାଯିବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ମାନ ରକ୍ଷାରେ ଯେଉଁ ଶିଳ୍ପାନୁଷ୍ଠାନ ଅଧିକ ସକ୍ରିୟ ଭୂମିକା ନେଉଥିବେ ସେମାନଙ୍କୁ ୫ ତାରକା ମାନ୍ୟତା ପ୍ରଦାନ କରାଯିବ। ଠିକ୍ ସେହିଭଳି ସର୍ବନିମ୍ନ ମାନ ରକ୍ଷା କରୁଥିବା ଅନୁଷ୍ଠାନକୁ ମାତ୍ର ଗୋଟିଏ ତାରକା ପ୍ରଦାନ କରାଯିବ। ଏହିସବୁ ମାନ୍ୟତା ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ୱେବ୍‌ସାଇଟ୍‌ରେ ସହଜରେ ଉପଲବ୍ଧ ହେବ ଏବଂ ପ୍ରତିମାସରେ ନିରନ୍ତରଭାବେ ଏହାର ଅପ୍‌ଡେଟ୍ ହେବ। ଫଳରେ ସାଧାରଣ ଲୋକେ ସେମାନଙ୍କ ଅଞ୍ଚଳରେ ଥିବା ଶିଳ୍ପାନୁଷ୍ଠାନ ପରିବେଶ ସୁରକ୍ଷା ତଥା ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଉପଯୁକ୍ତ ଧ୍ୟାନ ଦେଉଛନ୍ତି ବା ନା ତାହା ସ୍ପଷ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାରଦିନ ପ୍ରଦୂଷଣ ନିୟନ୍ତ୍ରଣ



ବୋର୍ଡ଼ ଏବଂ ସିକାଗୋ ବିଶ୍ୱବିଦ୍ୟାଳୟ ଏନର୍ଜୀ ପଲିସି ଇନ୍‌ଷ୍ଟିଚ୍ୟୁଟ୍ ( ଇପିଆଇସି)ର ମିଳିତ ଉଦ୍ୟମରେ ପ୍ରସ୍ତୁତ ହୋଇଥିବା ଏହି ଶିଳ୍ପାନୁଷ୍ଠାନ ବର୍ଗୀକରଣ ପ୍ରକ୍ରିୟାକୁ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଉଦ୍ୟୋଗମାନେ ନିର୍ମଳ କାରିଗରୀ କୌଶଳକୁ ବ୍ୟବହାର କରିବା ପାଇଁ ଉତ୍ସାହିତ ହେବେ। ଏହା ସ୍ୱଚ୍ଛତା ଓ ଦାୟିତ୍ୱବୋଧ ସୃଷ୍ଟି ପାଇଁ ମୋ ସରକାରର ପ୍ରତିବଦ୍ଧତାକୁ ପ୍ରତିପାଦନ କରୁଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍ www.ospcb.infoକୁ ଉନ୍ମୋଚନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକ୍ରିୟା ୨୦ଟି ଶିଳ୍ପାନୁଷ୍ଠାନ ପାଇଁ ଉପଯୋଗୀ ହେବ। ପରେ ସମସ୍ତ ୧୩୬ ବଡ଼ ଶିଳ୍ପାନୁଷ୍ଠାନକୁ ଏହି ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରି ଷ୍ଟାର୍ ରେଟିଂ ପ୍ରଦାନ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପୁଣି ଏହି ତାଲିକାଭୁକ୍ତ କାରଖାନାଗୁଡ଼ିକ ପ୍ରତି ସମୟରେ ଏହି ମାନ୍ୟତାକୁ ବଜାୟ ରଖିବା ପାଇଁ ଯତ୍ନବାନ ହେଉଛନ୍ତି କି ନା ସେ ବିଷୟରେ ଜାଣିବା ପାଇଁ ପ୍ରତିମାସରେ ଷ୍ଟାର୍ ରେଟିଂ ପାଇଁ ତଥ୍ୟ ସଂଗ୍ରହ କରାଯିବ ଏବଂ ତାହାକୁ ୱେବ୍‌ସାଇଟ୍‌ରେ ଅପ୍‌ଡେଟ୍ କରାଯିବ। ରାଜ୍ୟରେ ଷ୍ଟିଲ୍, ସିମେଣ୍ଟ, ଆଲୁମିନିୟମ୍ ଏବଂ ଶକ୍ତି ଉତ୍ପାଦନ କାରଖାନାଗୁଡ଼ିକରୁ ନିର୍ଗତ ହେଉଥିବା ପ୍ରଦୂଷଣ ମାତ୍ରା ଜାଣିବା ଏବଂ ନିୟନ୍ତ୍ରଣ ପାଇଁ ଏହା ମୁଖ୍ୟତଃ ଉପଯୋଗୀ ହେବ। ଏହି ପ୍ରକ୍ରିୟା ଦ୍ୱାରା କାରଖାନାଗୁଡ଼ିକରୁ ନିର୍ଗତ ହେଉଥିବା କଣିକା ବା ପାର୍ଟିକ୍ୟୁଲେଟ୍ ମ୍ୟାଟର (ପିଏମ୍) ଉପରେ ନଜର ରଖିହେବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଅଧ୍ୟକ୍ଷ ଆର୍ ବାଲାକ୍ରିଷ୍ଣନ୍ ପ୍ରକାଶ କରିଛନ୍ତି। ଯଦିଓ ଏହିଭଳି ଏକ ପ୍ରକ୍ରିୟା ମହାରାଷ୍ଟ୍ରରେ ପୂର୍ବରୁ ଆରମ୍ଭ କରାଯାଇଛି କିନ୍ତୁ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯିଏ ନିରନ୍ତର ଭାବେ କାରଖାନାର ନିର୍ଗତ ଉପରେ ନିରୀକ୍ଷଣ କରିପାରିଛି।

# ୭ କାରଖାନା ପାଇଁ ସରକାରୀ ଅନୁମୋଦନ

**ଭୁବନେଶ୍ୱର :** ଖଣିଜ, ଇସ୍ପାତ ଓ ପ୍ଲାଷ୍ଟିକ କ୍ଷେତ୍ରରେ ୭ଟି ଆନୁସଙ୍ଗିକ ନିର୍ମାଣ ଉଦ୍ୟୋଗ ପାଇଁ ସରକାର ଅନୁମୋଦନ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟରେ ୭ହଜାର ୪୧୬ କୋଟି ଟଙ୍କା ନିବେଶ ହେବ ଏବଂ ୪ ହଜାର ୪୫୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିଙ୍କ ଅନୁମୋଦନ ଲାଭ କରିଥିବା ଏହି ୭ଟି ପ୍ରକଳ୍ପ ଭିତରେ ରହିଛି ହାଇଦ୍ରାବାଦ୍ ଭିତ୍ତିକ ପ୍ରି-ଇଞ୍ଜିନିୟର୍ଡ ବିଲ୍ଡିଂ (ପେବ୍) ପାଇଁ ଆବଶ୍ୟକ ଉପକରଣ ନିର୍ମାଣକାରୀ କମ୍ପାନୀ ଯାହା କଟକଠାରେ ତାହାର କାରଖାନା ପ୍ରତିଷ୍ଠା କରିବ। ଏହି ପ୍ରକଳ୍ପରେ ୫୮ କୋଟି ଟଙ୍କା ନିବେଶ ହେବ। କମ୍ପାନୀର ଉତ୍ପାଦନ ବର୍ଷକୁ ୫୦ ହଜାର ମେଟ୍ରିକ୍ ଟନ୍ ରହିବ ଏବଂ ଏଥିପାଇଁ ୫୫୦ ଜଣଙ୍କୁ କର୍ମ ନିଯୁକ୍ତି ମିଳିବ ବୋଲି ଆକଳନ



କରାଯାଇଛି। ଠିକ୍ ସେହିଭଳି କୋଲକତା ଭିତ୍ତିକ ଏକ କମ୍ପାନୀକୁ ପାରାଦୀପ ପ୍ଲାଷ୍ଟିକ୍ ପାର୍କଠାରେ ପଲିପ୍ରପିଲିନ୍ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଅନୁମୋଦନ କରାଯାଇଛି। ଏଥିପାଇଁ ୭୨ କୋଟି ଟଙ୍କା ନିବେଶ ହେବ। ୬୨୫ଜଣଙ୍କୁ ଏଥିରେ ପ୍ରତ୍ୟକ୍ଷ ବା ପରୋକ୍ଷ ନିଯୁକ୍ତି ମିଳିବ। ତୃତୀୟ କମ୍ପାନୀ ଭାବେ ସରକାରଙ୍କ ଅନୁମୋଦନ ପାଇଥିବା ସଂସ୍ଥାର କାରଖାନା କଳିଙ୍ଗନଗରଠାରେ ସ୍ଥାପନ ହେବ।

# ୨୦୨୦ ମାର୍ଚ୍ଚ ସୁଦ୍ଧା କୁଷ୍ଠମୁକ୍ତ ରାଜ୍ୟ ହେବ ଓଡ଼ିଶା

**ଭୁବନେଶ୍ୱର :** ୨୦୨୦ ମାର୍ଚ୍ଚ ମାସ ସୁଦ୍ଧା ଓଡ଼ିଶା ହେବ କୁଷ୍ଠମୁକ୍ତ ରାଜ୍ୟ। ଏହା ପୂର୍ବରୁ ୨୦୧୯ ଅକ୍ଟୋବର ୨ ତାରିଖ ସୁଦ୍ଧା କୁଷ୍ଠଜନିତ ଗ୍ରେଡ୍-୨ ଅକ୍ଷମତାକୁ ପ୍ରତି ୧୦ଲକ୍ଷ ଲୋକଙ୍କ କ୍ଷେତ୍ରରେ ୧ରୁ କମ୍ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ପଦାଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡାଃ ପ୍ରମୋଦ କୁମାର ମେହେର୍ଦ୍ଦା। ଭୁବନେଶ୍ୱର ପାନ୍ଥନିବାସ ଠାରେ କୁଷ୍ଠରୋଗ ନିରାକରଣ ପାଇଁ ଚିହ୍ନଟ ପ୍ରକ୍ରିୟା ଉପରେ ଆୟୋଜିତ ଜିଲ୍ଲାମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଡିପିଏମ୍ ମାନଙ୍କ ରାଜ୍ୟସ୍ତରୀୟ କର୍ମଶାଳାକୁ ଡାଃ ମେହେର୍ଦ୍ଦା ଉଦ୍‌ଘାଟନ କରି ରାଜ୍ୟକୁ କୁଷ୍ଠମୁକ୍ତ କରିବାକୁ ହେଲେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ପ୍ରକାଶ ଥାଉକି, ୧୯୮୩ ମସିହାରୁ ପର୍ଯ୍ୟାୟ କ୍ରମେ ଓଡ଼ିଶାର ସବୁ ଜିଲ୍ଲାରେ କୁଷ୍ଠ ନିରାକରଣ



କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ ଏମ୍‌ଡିଟି ଚିକିତ୍ସା ବ୍ୟବସ୍ଥା କରାଯାଇଛି। ୧୯୮୨-୮୩ ମସିହାରେ ରାଜ୍ୟରେ ପ୍ରତି ୧୦ ହଜାର ଲୋକଙ୍କ ମଧ୍ୟରେ ୧୨୧.୪ ଜଣ କୁଷ୍ଠ ଆକ୍ରାନ୍ତ ଥିଲେ । ସଫଳତାର ସହିତ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବା ଫଳରେ ୨୦୦୬-୭ ବେଳକୁ ପ୍ରତି ୧୦ ହଜାର ଲୋକଙ୍କ ମଧ୍ୟରେ କୁଷ୍ଠ ଆକ୍ରାନ୍ତ ସଂଖ୍ୟା ୦.୬୫କୁ ହ୍ରାସ ପାଇ ନିରାକରଣ ଲକ୍ଷ୍ୟ ହାସଲ କରିଥିଲା । ପରବର୍ତ୍ତୀ ସମୟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଲକ୍ଷ୍ୟ କରାଯାଇଛି । ୨୦୧୨ ମାର୍ଚ୍ଚ ସୁଦ୍ଧା ପ୍ରତି ୧୦ ହଜାର ଲୋକଙ୍କ ମଧ୍ୟରେ ଆକ୍ରାନ୍ତ ୦.୯୯ ହୋଇଥିବା ବେଳେ , ୨୦୧୭ ମାର୍ଚ୍ଚ ଶେଷସୁଦ୍ଧା ୧.୧୮ ଏବଂ ୨୦୧୮ ଜୁଲାଇ ଶେଷସୁଦ୍ଧା ୧.୨୪ ହୋଇଛି । ସେହିପରି ୨୦୧୪-୧୫ ରେ ୮୦୦୪ ଜଣ , ୨୦୧୫-୧୬ ରେ ୧୦୧୭୫ ଜଣ, ୨୦୧୬-୧୭ ରେ ୧୦୦୪୫ ଜଣ ଏବଂ ୨୦୧୭-୧୮ ରେ ୯୫୭୬ ଜଣ ନୂତନ କୁଷ୍ଠରୋଗୀ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ୬୩୨୫ ଜଣ ଚିକିତ୍ସାଧୀନ ଅଛନ୍ତି । ଅତ୍ୟଧିକ କୁଷ୍ଠରୋଗ ପ୍ରବଣ ଜିଲ୍ଲାମାନଙ୍କରେ କୁଷ୍ଠ ରୋଗୀ ଚିହ୍ନଟ ପ୍ରକ୍ରିୟାକୁ ଜୋରଦାର କରାଯିବା ସହିତ ଅଳ୍ପ ପ୍ରବଣ ଜିଲ୍ଲାମାନଙ୍କରେ ଯେଉଁ ଅଞ୍ଚଳରେ କୁଷ୍ଠ ରୋଗ ଦେଖା ଦେବାର ସମ୍ଭାବନା ଅଧିକ ଥିବ, ସେହିସବୁ ସ୍ଥାନରେ ଚିହ୍ନଟ ଅଭିଯାନକୁ ବ୍ୟାପକ କରିବା, ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ସହିତ 'ସ୍ପର୍ଶ' କୁଷ୍ଠ ସଚେତନତା କାର୍ଯ୍ୟକ୍ରମକୁ ମଧ୍ୟ ବ୍ୟାପକ କରାଯିବ। ଏହି କାର୍ଯ୍ୟକ୍ରମରେ ୩୬୧୬୨ ଜଣ ଆଶା, ୬୨୪୦ ସ୍ୱାସ୍ଥ୍ୟକର୍ମୀ, ୧୦୯୦ ସ୍ୱାସ୍ଥ୍ୟ ସୁପରଭାଇଜର, ୧୩୮୧ ମେଡିକାଲ ଅଫିସର ଏବଂ ୨୯୧ ଅନ୍ୟାନ୍ୟ ପଦାଧିକାରୀଙ୍କୁ ନିୟୋଜିତ କରାଯିବ। ଏ ନେଇ ସମସ୍ତ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଏବଂ ଡିପିଏମ୍‌ମାନେ ତାଙ୍କ ନିଜି ନିଜ ଜିଲ୍ଲାରେ କୁଷ୍ଠ ନିରାକଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ନିଷ୍ଠା ଓ ଆନ୍ତରିକତାର ସହିତ କାର୍ଯ୍ୟକରିବାକୁ ପରାମର୍ଶ ଦିଆଯାଇଛି।

# ନନ୍ଦନକାନନରେ ଖୋଲିବ ଶାଗୁଣା ପ୍ରଜନନ କେନ୍ଦ୍ର

**ବାରଙ୍ଗ :** ଦୀର୍ଘବର୍ଷର ବ୍ୟବଧାନ ପରେ ଶାଗୁଣା ବଂଶ ବିସ୍ତାର ପାଇଁ ଯୋଜନା ଉପରେ ଯୋଜନା ଚାଲିଥିବାବେଳେ ତାହା ସଫଳ ହେବାକୁ ଯାଉଛି। ସାରା ଭାରତବର୍ଷରୁ ବିଲୁପ୍ତ ପାଇଯାଇଥିବା ଏହି ଶାଗୁଣା ଆଣିବା ପାଇଁ ବହୁ ପ୍ରୟାସ ରଖି ବଂଶ ବିସ୍ତାର ପାଇଁ ଶାଗୁଣା ସଂଖ୍ୟା କମ୍‌ଥିବାରୁ ଏଠାରେ ଚିନ୍ତାର ବିଷୟ ହୋଇଥିଲା। ସାରା ବିଶ୍ୱରେ ଧଳାବାଘ ପ୍ରଜନନ ପାଇଁ ନନ୍ଦନକାନନ ନିଜର ସ୍ୱତନ୍ତ୍ର ପରିଚୟ ଓ ଗରିମା ସୃଷ୍ଟି କରିଥିଲା ଏପରିକି କୁମ୍ଭୀର ଓ ବଜ୍ରକାପ୍ତାର ବଂଶ ବିସ୍ତାରରେ ସଫଳ ପ୍ରୟାସ ହୋଇଥିଲା। ଏହି ପରିସରରେ ଥିବା ଉଦ୍ଭିଦ ଉଦ୍ୟାନ ପରିସରରେ ୫ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା ଶାଗୁଣା ବଂଶ ବିସ୍ତାର ଓ ପ୍ରଜନନ କେନ୍ଦ୍ର। ଗତ ୮ ସପ୍ତାହ ଧରି ଆରମ୍ଭ ହୋଇଥିବା ଏହାର କାର୍ଯ୍ୟ ଏବେ ଶେଷହେବା ପରେ ମଧ୍ୟପ୍ରଦେଶର ଗ୍ୱାଲିୟର୍ ଗାନ୍ଧୀ ଜୁଲୋଜିକାଲ ପାର୍କରୁ ୬ ଯୋଡ଼ା ମାଈ ଓ ୧୨ଟି ଅଣ୍ଡିରା ଭାରତୀୟ ଶାଗୁଣାକୁ ନନ୍ଦନକାନନ କେନ୍ଦ୍ରୀୟ ଚିଡ଼ିଆଖାନାକୁ ଆଣିବା ପାଇଁ ଚୁକ୍ତିନାମା ସ୍ୱାକ୍ଷର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କେବଳ ପାଗ ଅନୁକୂଳ ହେଲେ ଚଳିତ ଶୀତଋତୁରେ ବିଲୁପ୍ତପ୍ରାୟ ଶାଗୁଣା ଅଣାଯାଇ ଏଠାରେ ରଖାଯିବ ବଂଶ ବିସ୍ତାର ଲାଗି। ଏଥିପାଇଁ କୌଣସି ପ୍ରକାରର ଅଦଳ ବଦଳ ଜୀବଜନ୍ତୁ ଦରକାର ନାହିଁ। ଏହି ଶାଗୁଣାଗୁଡ଼ିକୁ ପୂର୍ବ ଭାରତରେ ଶ୍ମଶାନ ଉପରେ ୧୯୯୯ ବାତ୍ୟା ପୂର୍ବରୁ ଶହ ଶହ ସଂଖ୍ୟାରେ ଦେଖିବାକୁ ମିଳୁଥିଲା ମାତ୍ର ୧୯୯୯ ବାତ୍ୟା ପରେ ଶାଗୁଣା ବଂଶ ଲୋପ ହୋଇଗଲା ପରି ଲାଗେ। କାରଣ ଆଉ ଏମାନଙ୍କୁ ଦେଖିବାକୁ ମିଳୁନଥିଲା। ଏଥିପାଇଁ ବଟାନିକାଲ ଗାର୍ଡେନରେ ଶାଗୁଣାକୁ ରଖିବାକୁ ଓ ବଂଶବିସ୍ତାରକୁ ଆଖିଆଗରେ ରଖି ପ୍ରୟାସ କରାଯିବ। ବର୍ତ୍ତମାନ ଏହି ପ୍ରାଣୀଉଦ୍ୟାନରେ କଳା ଶାଗୁଣା-୨, ହିମାଳୟ ଶାଗୁଣା-୨, ଲମ୍ବା ଥଣ୍ଟ ଶାଗୁଣା-୧ ଏବଂ ଧଳା ଶାଗୁଣା-୧ ଅଛନ୍ତି। ମୋଟାମୋଟି ଭାବେ ଦେଖିବାକୁ ଗଲେ ଭାରତୀୟ ଶାଗୁଣାର ରଙ୍ଗ ଧଳାପିଠିଆ(ସାଧାରଣ ରଙ୍ଗର ଶାଗୁଣା)। ଉକ୍ତ ଖବର ପକ୍ଷୀପ୍ରେମୀଙ୍କୁ ଖୁସି କରିଛି। ଏହି ପ୍ରୟାସ ଆଗାମୀ ଦିନରେ ନନ୍ଦନକାନନର ଶୋଭା ବଢ଼ାଇବ ଏଥିରେ ସନ୍ଦେହ ନାହିଁ।

# ରାଜ୍ୟରେ ସାଧନ ହୋଇପାରିନି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା

**ଭୁବନେଶ୍ୱର :** ଅଣସଂଯୋଜିତ ଯୋଗ୍ୟ ଗ୍ରାମୀଣ ଜନବସତିଗୁଡ଼ିକୁ ସର୍ବକାଳୀନ ଗମନା ଗମନ ସୁବିଧା ଯୋଗେଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨୦୦୦ ମସିହାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ପ୍ରଣୟନ କରିଥିଲେ । ଏହି ଉଦ୍ଦେଶ୍ୟ ରାଜ୍ୟରେ ସାଧନ ହୋଇପାରିନାହିଁ । ବରଂ ୩୩ ପ୍ରତିଶତ ଯୋଗ୍ୟ ଜନବସତିକୁ ଗମନାଗମନ ସୁବିଧା ପ୍ରଦାନ ୨୦୧୭ ସୁଦ୍ଧା କରାଯାଇପାରିନାହିଁ। ସି.ଏ.ଜି. ରିପୋର୍ଟରେ ଦର୍ଶାଯାଇଛି ଯେ, ତ୍ରୁଟିଯୁକ୍ତ କୋର ନେଟୱାର୍କ ଯୋଜନା ହେତୁ ରାଜ୍ୟ ୧୫୫.୩୩ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ହାସଲ କରିପାରିନଥିଲା । ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ବିଭାଗ ପର୍ଯ୍ୟନ୍ତ ପ୍ରାରମ୍ଭିକ କାର୍ଯ୍ୟ ଏବଂ ଉପଯୁକ୍ତ ସର୍ବେକ୍ଷଣ କରବାରେ ଅସଫଳ ରହିଥିଲା । ଏହାଦ୍ୱାରା କାର୍ଯ୍ୟ ଗୁଡ଼ିକ ଅସମାପ୍ତ ରହିଥିଲା । ମଂଜୁରୀ ଅଯୋଗ୍ୟ କାର୍ଯ୍ୟଗୁଡ଼ିକ ସମ୍ପାଦିତ ହୋଇଥିଲା । ଭୂମି ଉପଲବ୍ଧତା ଏବଂ ଜଙ୍ଗଲ ବିକାଶ ସୁନିଶ୍ଚିତ ନ କରି ବିଭାଗ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ଯଦ୍ୱାରା ୪୧.୪୨ କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । ଯେହେତୁ ପ୍ରଶାସନିକ ଅନୁମୋଦନ ଓ କାର୍ଯ୍ୟଦେଶ ପ୍ରଦାନ କରିବାରେ ବିଳମ୍ବ ଘଟିବାରୁ ଚୁକ୍ତି ପରିଚାଳନା ପର୍ଯ୍ୟାପ୍ତ ନଥିଲା । ଯୋଗ୍ୟତା ନଥିବା ଠିକାଦାର ମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବା ଦେଖାଦେଇଥିଲା । ଠିକାଦାର ମାନଙ୍କୁ ଅନୁଚିତ ଅନୁଗ୍ରହପୂର୍ବକ ସେମାନଙ୍କଠାରୁ ୬୨.୪୪ କୋଟି ଟଙ୍କାର ସମାପିତ କ୍ଷତି ଆଦାୟ କରାଯାଇନଥିଲା । ଗୁଣବତା ନିୟନ୍ତ୍ରଣ ଓ ପି.ଏମ.ଜି.ଏସ.ୱାଇରେ ସମ୍ପୂର୍ଣ୍ଣ ହୋଇଥିବା ରାସ୍ତା ଗୁଡ଼ିକର ନିୟନ୍ତ୍ରଣ ପର୍ଯ୍ୟାପ୍ତ ନଥିଲା।



ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶା ଗଣପର୍ବ
ନୂଆଁଖାଇ ଓ ମୁଣ୍ଡା ପୂଜା
ଅବସରରେ ରେଢ଼ାଖୋଲ
ତଥା ଓଡ଼ିଶାବାସୀଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଶିବରାମ ସାହୁ
ବିଜେପି ନଗର ସଭାପତି
ରେଢ଼ାଖୋଲ



ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶା ଗଣପର୍ବ
ନୂଆଁଖାଇ ଓ ମୁଣ୍ଡା ପୂଜା
ଅବସରରେ ରେଢ଼ାଖୋଲ
ତଥା ଓଡ଼ିଶାବାସୀଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଗୋବିନ୍ଦ ଅଗ୍ରୱାଲ
ସଭାପତି
ବିଜେପି ରାଜ୍ୟ କାର୍ଯ୍ୟକାରିଣୀ
ରେଢ଼ାଖୋଲ

PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

With Best Compliments :

Sukanta Kumar Sahoo
SARAPANCH
Karilopatna Gram Panchayat

PLOT FOR SALE@BHUBANESWAR

Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455
30ft Internal Road
Mouza :
Pandiapada
Contact Immediately :
8658607286 / 8917571455


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି